ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୧୩
୯ ଜାନୁଆରୀ, ୨୦୨୬ ଶୁକ୍ରବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 213
9th January, 2026 Friday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ ନ ବୈ ସୁଖଂ ପ୍ରାପ୍ନୁବନ୍ତୀହ ଭିନ୍ନା**
**ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ।

# ୨ ସପ୍ତାହ ଯାଏ ଶୀତରୁ ନାହିଁ ନିସ୍ତାର

ଭୁବନେଶ୍ୱର,୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରବଳ ଶୀତରେ ଥରୁଛି ଓଡିଶା। ଉପକୂଳରୁ ଉପାନ୍ତ, ସବୁଠି ହାଡଭଙ୍ଗା ଶୀତ। ରାଜ୍ୟର ଅନେକ ଅଞ୍ଚଳରେ ତାପମାତ୍ରା ୧୦ ଡିଗ୍ରି ତଳେ ରହିଛି। ଶୀତ କଷ୍ଟକୁ ଆହୁରି ବଢାଇ ଦେଇଛି କାଲୁଆ ପବନ। ରାତି ହେବା କ୍ଷଣି ନା ଗାଡି ଚଲାଇ ହେଉଛି ନା ପଦାକୁ ବଢାଇ ହେଉଛି ପାଦ। ଏ ଭିତରେ କିଛି ଅଞ୍ଚଳରେ ଦେଖିବାକୁ ମିଳିଛି ଚଳିତବର୍ଷର ପ୍ରଥମ ତୁଷାରପାତ। ରାଜ୍ୟରେ ଗତ ୯ରୁ ୧୦ ଦିନ ହେବ ଶୀତ ପ୍ରକୋପ ଲାଗି ରହିଛି। ଏଭଳି ଲଗାତାର ଶୀତ ପ୍ରକୋପ ବିଗତ ବର୍ଷମାନଙ୍କରେ କେବେ ଅନୁଭୂତ ହୋଇ ନଥିଲା।

ତେବେ ରାଜ୍ୟରେ ଆଗାମୀ ଦୁଇ ସପ୍ତାହ ଯାଏ ଶୀତ ଜାରି ରହିବ। ଏନେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଗୁରୁବାର ସୂଚନା ଦେଇଛନ୍ତି। ରାଜ୍ୟର ୨୪ଟି ସହରରେ ରାତିର ତାପମାତ୍ରା ୧୦ କିମ୍ବା ତାଠୁ କମ୍ ରହିଥିବା ଜଣାପଡିଛି। ଆଜି ଜି. ଉଦୟଗିରିରେ ରାତିରେ ତାପମାତ୍ରା ୨.୫ ଡିଗ୍ରୀକୁ ଖସି ଆସିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ମଧ୍ୟ ୯.୪କୁ କମି

### ରେକର୍ଡ ଭାଙ୍ଗୁଛି ରାଜଧାନୀର ତାପମାତ୍ରା



ଆସିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରମହକୁମାରେ ଶୀତ ଦିନକୁ ଦିନ ବଢ଼ିବାରେ ଲାଗିଛି। ମାସକ ମଧ୍ୟରେ ବ୍ଲକର ବିଭିନ୍ନ ସ୍ଥାନରେ ତିନିଥର ତୁଷାରପାତ ହୋଇଥିବାର ଦେଖିବାକୁ ମିଳିଥିବାବେଳେ ଅପରାହ୍ଣ ୪ଟା ପରେ ତାପମାତ୍ରା ୭ରୁ ୮ ଡିଗ୍ରୀ ରହୁଛି। ଯେଉଁଥିପାଇଁ ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ବ୍ଲକର ମାଳିପୁଟ ପଞ୍ଚାୟତ ଏବଂ ଚମ୍ପାଖେନ୍ଦା ପ୍ରମୁଖ ଗ୍ରାମ ନିକଟରେ ଜମି ଉପରେ ତୁଷାରପାତ ହେବା ସହ ଥଣ୍ଡା ସକାଳ ୯ଟା ପର୍ଯ୍ୟନ୍ତ ରହୁଛି। ସେହିପରି ବ୍ଲକରେ ବର୍ତ୍ତମାନ ଥଣ୍ଡା ଯେଉଁ ଭଳି ପଡୁଛି ଏହା ୨୦ ବର୍ଷ ତଳର ଥଣ୍ଡା ଅନୁଭବ ହେଉଥିବା ଲୋକଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି।

କେବଳ ଗାଁରେ ନୁହେଁ ଥଣ୍ଡାର ଥାର୍ଡ ଡିଗ୍ରୀରେ ସନ୍ତୁଳି ହୋଇଛି ସହର। ରାଜଧାନୀରେ ଚଳିତବର୍ଷ ରେକର୍ଡ ଶୀତ ଅନୁଭୂତ ହୋଇଛି। ୧୯୫୨ ଜାନୁଆରିର ପୁନରାବୃତ୍ତି ୨୦୨୬ ଜାନୁଆରିରେ ଦେଖିବାକୁ ମିଳିଛି। ଗତ ୧୪ ବର୍ଷରେ ସବୁଠାରୁ କମ ରାତି ତାପମାତ୍ରାର ସାକ୍ଷୀ ସାଜିଛି ଭୁବନେଶ୍ୱର। ବୁଧବାର ରାତିରେ ଭୁବନେଶ୍ୱରରେ ୯.୪ ଡିଗ୍ରିକୁ ଖସିଛି ପାରଦ। ଖାଲି ଥଣ୍ଡା ନୁହେଁ କାଲୁଆ ପବନ ଭୁବନେଶ୍ୱରର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାତି ୯ଟା ପରେ ରାସ୍ତାଘାଟ ହୋଇପଡୁଛି ଶୂନଶାନ।

ବୁଧବାର ଜି.ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଫୁଲବାଣୀ ୬, ଦାରିଙ୍ଗିବା ୬, ସେମିଳିଗୁଡା ୬.୧, କୋରାପୁଟ ୭, ରାଉରକେଲା ୮.୨, ଝାରସୁଗୁଡ଼ା ୮.୯, କିରେଇ ୯.୮, ବୌଦ୍ଧ ୯.୮, ଭବାନୀପାଟଣା ୯, ଅନୁଗୋଳ ୯.୬, ନବରଙ୍ଗପୁର ୧୦, କେନ୍ଦୁଝର ୧୦.୬, ବଲାଙ୍ଗୀର ୧୦.୮, ରାୟଗଡା ୧୧, ସୋନପୁର ୧୧, ଢେଙ୍କାନାଳ ୧୧.୩, (ଶେଷ ପୃଷ୍ଠା ଦେଖନ୍ତୁ)

## ଇଡି-ମମତା ମୁହାଁମୁହିଁ



କୋଲକାତା,୮।୧: ଏକ୍ସପ୍ରେସ୍ ନ୍ୟୁଜ୍

ପଶ୍ଚିମବଙ୍ଗରେ ଇଡି ଓ ମୁଖ୍ୟମନ୍ତ୍ରୀ ମୁହାଁମୁହିଁ ହୋଇଛନ୍ତି। ଆଇ-ପିଏସି କାର୍ଯ୍ୟାଳୟରେ ଚଢ଼ାଉ ସମୟରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ପଶ୍ଚିମବଙ୍ଗ ଶାସକ ଦଳ ଟିଏମସିର ରାଜନୈତିକ ପରାମର୍ଶଦାତା ଏବଂ ଆଇଟି ସେଲ୍ ଦାୟିତ୍ୱରେ ଥିବା (ଭାରତୀୟ ରାଜନୈତିକ କାର୍ଯ୍ୟ କମିଟି) ଆଇ-ପିଏସି କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମନି ଲଣ୍ଡରିଂ ମାମଲାରେ ଚଢ଼ାଉ କରିଥିଲା। ଏହି ସମୟରେ ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଇ-ପିଏସିର ମୁଖ୍ୟ ପ୍ରତୀକ ଜୈନଙ୍କ ଘରକୁ ଦୌଡ଼ି ଯିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହାସହ ଘରର ପଛପଟ ଦ୍ୱାରରୁ ଏକ ସବୁଜ ରଙ୍ଗର ଦସ୍ତାବିଜ ଧରି ଫେରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଏହି ସମୟରେ ଗଣମାଧ୍ୟମର ଉତ୍ତର ରଖି ମମତା କହିଥିଲେ ଯେ ଅଧିକାରୀମାନେ ତାଙ୍କ ଦଳ ତୃଣମୂଳ କଂଗ୍ରେସର ହାର୍ଡ ଡିସ୍କ ସହିତ ଆଭ୍ୟନ୍ତରୀଣ ଦସ୍ତାବିଜ ଏବଂ ସମ୍ବେଦନଶୀଳ ତଥ୍ୟ ଜବତ କରିବାକୁ ଚେଷ୍ଟା କରିଥିଲେ।

ଜୈନଙ୍କ ବାସଭବନ ଏବଂ କାର୍ଯ୍ୟାଳୟକୁ ମମତାଙ୍କ ଗସ୍ତର ଭିଡିଓରେ ସ୍ପଷ୍ଟ ଭାବରେ ଜଣାପଡୁଥିଲା ଯେ, ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଚକମା ଦେଇ ଆଗକୁ ବଢିବାକୁ ଚେଷ୍ଟା କରୁଛନ୍ତି। ତେବେ ଫେରିବା ସମୟରେ ତାଙ୍କ ହାତରେ କିଛି ଦସ୍ତାବିଜ ଓ ଲାପଟପ ରହିଥିଲା। ଯାହାକୁ ନେଇ ମମତା ବାନାର୍ଜୀ କହିଛନ୍ତି ଯେ ଜୈନଙ୍କ ବାସଭବନରେ ଚଢାଉ, ରାଜନୈତିକ ଭାବରେ ପ୍ରେରିତ ଏବଂ ଅସାମ୍ବିଧାନିକ। ସେମାନେ ଆମ ଆଇଟି ମୁଖ୍ୟଙ୍କ ବାସଭବନରେ ଚଢାଉ କରିଛନ୍ତି। ସେମାନେ ମୋ ଦଳର ଦସ୍ତାବିଜ ଏବଂ ହାର୍ଡ ଡିସ୍କ ଜବତ କରୁଥିଲେ। ଯେଉଁଥିରେ ବିଧାନସଭା ନିର୍ବାଚନ ପାଇଁ ଆମର ପ୍ରାର୍ଥୀଙ୍କ ବିଷୟରେ ବିବରଣୀ ଅଛି। ମୁଁ ସେଗୁଡ଼ିକୁ (ଶେଷ ପୃଷ୍ଠା ଦେଖନ୍ତୁ)

# ଡାକ୍ତରଙ୍କ ଆନ୍ଦୋଳନ ସାମୟିକ ସ୍ଥଗିତ

ଭୁବନେଶ୍ୱର,୮।୧: ଏକ୍ସପ୍ରେସ୍ ନ୍ୟୁଜ୍

ଗତ ଡିସେମ୍ବର ୨୬ ତାରିଖରୁ ଚାଲିଥିବା ଡାକ୍ତରମାନଙ୍କ ଆନ୍ଦୋଳନ ସାମୟିକ ସ୍ଥଗିତ। ଏନେଇ ଓମ୍ସା ପକ୍ଷରୁ ସୂଚନା ଦିଆଯାଇଛି। ଓମ୍ସା ପକ୍ଷରୁ କୁହାଯାଇଛି ଯେ ଆଜି ସନ୍ଧ୍ୟା ସୁଦ୍ଧା ସରକାର ଦୁଇଟି ଦାବିପୂରଣ ନେଇ ନୋଟିଫିକେସନ୍ ଜାରି କରିବେ। ଏହାଛଡା ଅନ୍ୟ ଦାବିଗୁଡିକୁ ବି ସରକାର ପୂରଣ କରିବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସରକାର ଏଥିରେ ଅବହେଳା କରନ୍ତି, ତେବେ ପୁଣି ଆନ୍ଦୋଳନ ହେବ।

ଠିକ୍ ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ଓମ୍ସା ଆନ୍ଦୋଳନ ପ୍ରତ୍ୟାହାର କରିଛି। ଏଥିପାଇଁ ଓମ୍ସାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛି। ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା କରାଗଲା। ସଂଘର ଦାବି ଉପରେ ସରକାର ବିଚାର କରିବେ।

ସୂଚନାଯୋଗ୍ୟ, ଗତ ଦୁଇଦିନ ଧରି ଚାଲିଥିବା ଡାକ୍ତରଙ୍କ ୨ ଘଣ୍ଟିଆ ଓପିଡି ବନ୍ଦ ଆଜି ବି ସାରା ରାଜ୍ୟରେ ଜାରି ରହିଥିଲା। ଚଳିତ ମାସ ୫ ତାରିଖରୁ ଆରମ୍ଭ ହୋଇଥିବା ୨ଘଣ୍ଟିଆ ଓପିଡି ବନ୍ଦ ଏସ୍ମା ଲାଗିବା ପରେ ମଧ୍ୟ ଆଜି ଜାରି ରହିଥିଲା। ଆନ୍ଦୋଳନକୁ ଓହ୍ଲାଇଥିବା ଡାକ୍ତରଙ୍କ ଉପରେ ଅଙ୍କୁଶ ଲଗାଇବାକୁ ରାଜ୍ୟ ସରକାର ଗତ ୬ ତାରିଖଠାରୁ ଏସ୍ମା ଲଗାଇଛନ୍ତି। ଡାକ୍ତର, ନର୍ସିଂ କର୍ମଚାରୀ, ପାରାମେଡିକ୍ସ ଓ ଅନ୍ୟ କର୍ମଚାରୀମାନେ ଆନ୍ଦୋଳନ କରିପାରିବେ ନାହିଁ ବୋଲି ଆଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ହେଲେ ଡାକ୍ତରମାନେ ଏସ୍ମାକୁ ଫୁଁ' କରି ଉଡାଇ ଦେଇଛନ୍ତି।

ସରକାର ମଧ୍ୟ ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାହସ ଜୁଟାଇ ପାରୁନାହାନ୍ତି। ସରକାର-ଡାକ୍ତରଙ୍କ କଳି




ଭିତରେ କେବଳ ରୋଗୀମାନେ ହିଁ ହନ୍ତସନ୍ତ ହେଉଛନ୍ତି। ୧୦ ଦଫା ଦାବି ନେଇ ଗତ ଡିସେମ୍ବର ୨୬ ତାରିଖରୁ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପ୍ରଥମେ ୧ ଘଣ୍ଟା ଓପିଡି ବନ୍ଦ ହେଉଥିବା ବେଳେ ଚାରି ଦିନ ହେବ ତାହା ୨ ଘଣ୍ଟାରେ ପହଞ୍ଚିଲାଣି। ଚିକିତ୍ସା ପାଇଁ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଚିକିତ୍ସା ବିଳମ୍ବିତ (ଶେଷ ପୃଷ୍ଠା ଦେଖନ୍ତୁ)

## ଚଳିତ ସପ୍ତାହରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ନୂଆ ପୁରୁଣା ସମସ୍ତଙ୍କ ଆକାଉଣ୍ଟକୁ ଏଇ ସପ୍ତାହରେ ଯିବ ସୁଭଦ୍ରା ଟଙ୍କା। ଆଜି ସମୀକ୍ଷା ବୈଠକ ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା




କହିଛନ୍ତି ସୁଭଦ୍ରାରେ ୪ଲକ୍ଷ ୫୭ହଜାର ୬୮୧ଜଣଙ୍କୁ ଏହି ସପ୍ତାହରେ ଟଙ୍କା ମିଳିବ। ଏସଓପି ଅନୁସାରେ କରାଯିବ।

ଏଥିରେ ଯେଉଁମାନେ ନୂଆ ପଞ୍ଜିକୃତ କରିଥିବା ହିତାଧିକାରୀ ୧ଲକ୍ଷ ୭୮ହଜାର ୩୮୯ଜଣ, ଅନ୍ୟ କୌଣସି କାରଣ ପାଇଁ କଟି ଯାଇଥିବା ୨୪ହଜାର ୧୮ଜଣ ହିତାଧିକାରୀ ଓ ପ୍ରଥମ ଦ୍ୱିତୀୟ କିସ୍ତିରେ ପାଇନଥିବା ହିତାଧିକାରୀ ତୃତୀୟ କିସ୍ତିରେ ପାଇଥିଲେ, ସେମାନଙ୍କୁ ପ୍ରଥମ ଓ ଦ୍ୱିତୀୟ କିସ୍ତିର ଟଙ୍କା ପାଇବେ। ୨ଲକ୍ଷ ୫୫ହଜାରରୁ ଅଧିକ ହିତାଧିକାରୀ ଏଥର ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ମହିଳାଙ୍କୁ ସଶକ୍ତ କରିବା ପାଇଁ ସଭୁଦ୍ରା ନୂଆ ଅଧ୍ୟାୟ ଲେଖିବ।

ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ, ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ପାଇବେ ନୂଆ ସୁଭଦ୍ରା ହିତାଧିକାରୀ। ଆମେ ପୋର୍ଟାଲ ଖୋଲିଛୁ । ୨୧ ବର୍ଷ ଯାହାକୁ ହେଲା ସେମାନେ ଆପେ ଆପେ ଯୋଡ଼ି ହେଉଛନ୍ତି। ସମସ୍ତେ ସୁଭଦ୍ରା ଟଙ୍କା ପାଇବେ ସେଥିପାଇଁ ଆମ ବିଭାଗ କାମ କରୁଛି।

## ୩ କୋର୍ଟକୁ ବୋମା ଧମକ: ଯାଞ୍ଚ ପରେ ସ୍ୱାଭାବିକ କୋର୍ଟ କାର୍ଯ୍ୟ

ଭୁବନେଶ୍ୱର,୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ଦୁଇଦିନ ତଳେ ଦେଶର ବିଭିନ୍ନ ସ୍ଥାନକୁ ଉଡାଇଦେବାକୁ ଇମେଲରେ ଧମକ ମିଳିଥିବା ବେଳେ ଆଜି ଓଡିଶାର ତିନି କୋର୍ଟକୁ ଆସିଛି ବୋମା ଧମକ। ବୋମାରେ ଉଡାଇଦେବାକୁ ସମ୍ବଲପୁର, କଟକ ଓ ଦେବଗଡ ଜିଲ୍ଲା କୋର୍ଟକୁ ଧମକ ଆସିଛି। ଅପରାହ୍ଣ ୨ଟା ୪୫ ମିନିଟ୍ ସୁଦ୍ଧା ଜାଗା ଖାଲି କରିବାକୁ ଏହି ଇମେଲରେ ଧମକ ଆସିଥିଲା। ଏହି ଇମେଲ୍ ଆସିବା ପରେ ବୋମା ସ୍କ୍ୱାର୍ଡ ଓ ସନ୍ଧାନୀ କୁକୁର ସହ ପୁଲିସ ବ୍ୟାପକ ଯାଞ୍ଚ କରିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ ଏହା ଏକ ଗୁଜବ ସୃଷ୍ଟିକାରୀ ଇ-ମେଲ୍ ଥିଲା। ଫଳରେ କଟକ, ଦେବଗଡ଼, ସମ୍ବଲପୁର ଜିଲ୍ଲା କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିବା ଜଣାପଡିଛି। ସେହିଭଳି ସ୍ୱାଭାବିକ ହୋଇଛି ହାଇକୋର୍ଟଙ୍କ କାର୍ଯ୍ୟ। ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଆଉ ୩ ବିଚାରପତି ଆରମ୍ଭ କରିଥିଲେ ଶୁଣାଣି।

ସୂଚନାଯୋଗ୍ୟ ଯେ, ସମୟ ସକାଳ ୯ଟା ୨୨ରେ ଦେବଗଡ଼ ଜିଲ୍ଲା କୋର୍ଟକୁ



ଆସିଥିଲା ଧମକପୂର୍ଣ୍ଣ ଇ-ମେଲ୍। ସମୟ ଦିନ ୧୧ଟା ୩୦ରେ ଖବର ରାଷ୍ଟ୍ର ହୋଇଗଲା। କୋର୍ଟ ପରିସର ବଢ଼ାଗଲା ସୁରକ୍ଷା। ସି-୪ ଆରଡିଏକ୍ସ ବ୍ୟବହାର କରି କୋର୍ଟ ପରିସରକୁ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିଲା। ଆଉ ଏଥିପାଇଁ ସମୟ ଦିଆଯାଇଥିଲା ଦିନ ୨ଟା ୩୫। ଦେବଗଡ଼, ସମ୍ବଲପୁର ଏବଂ କଟକର କୋର୍ଟକୁ ବୋମାରେ ଉଡାଇବା ପାଇଁ ଆସିଥିଲା ଧମକପୂର୍ଣ୍ଣ ମେଲ୍। ଯେଉଁଥିପାଇଁ ଏସବୁ କୋର୍ଟରେ ଜୋରଦାର କରାଯାଇଥିଲା ଅପରେସନ। ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଖାନତଲାସିରେ ଲାଗିଥିଲେ। ଏଥିସହିତ କୋର୍ଟ ପରିସରରୁ ବିଚାରପତି, ଆଇନଜୀବୀ, କର୍ମଚାରୀ ଓ ସାଧାରଣ ଲୋକଙ୍କୁ ବାହାର କରାଯାଇଥିଲା।

ଯଦିଓ ହାଇକୋର୍ଟକୁ ଲକ୍ଷ୍ୟ କରି ସିଧାସଳଖ ଧମକ ଆସିନଥିଲା ତଥାପି ସେଠାରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଆକ୍ସନକୁ ଆସିଥିଲେ। ଚାଲିଥିଲା ଜୋରଦାର ଅପରେସନ। ସେହିପରି ରାଜ୍ୟର ଅନ୍ୟ କୋର୍ଟଗୁଡ଼ିକରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଉତ୍କଳିକାରୁ କିଣା ହେବ କନ୍ୟା ବିବାହ ଯୋଜନାର ବିବାହ ସାମଗ୍ରୀ

ଭୁବନେଶ୍ୱର,୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ଉତ୍କଳିକାରୁ କିଣା ହେବ କନ୍ୟା ବିବାହ ଯୋଜନାର ବିବାହ ସାମଗ୍ରୀ। ଉତ୍କଳିକା ଓ ମହିଳା ଓ ଶିଶୁ ବିକାଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅମାନଙ୍କୁ ଶାଢୀ, ଚୁଡ଼ି, ପାଉଁଜି, ବିନ୍ଦି ଭଳି ବ୍ୟବହାର ସାମଗ୍ରୀ ଦିଆଯିବ। ଏହି ସାମଗ୍ରୀ ଉତ୍କଳିକା ମାଧ୍ୟମରେ ହିତାଧିକାରୀଙ୍କୁ ସରକାର ଯୋଗାଇ ଦେବେ। ଏହାଦ୍ୱାରା ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତକଳା କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ।

ରାଜ୍ୟ ସରକାର ଗରିବ ଓ ଅସହାୟ ପରିବାରର (ଶେଷ ପୃଷ୍ଠା ଦେଖନ୍ତୁ)

## ଡରିବା ଲୋକଙ୍କୁ କୁକୁର କାମୁଡ଼ନ୍ତି: ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ,୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ଗୁରୁବାର ବୁଲା କୁକୁର ସମ୍ପର୍କିତ ଏକ ମାମଲାର ଶୁଣାଣି ସମୟରେ, ସୁପ୍ରିମକୋର୍ଟ କହିଥିଲେ ଯେ କୁକୁରମାନେ ପ୍ରାୟତଃ ସେମାନଙ୍କୁ ଭୟ କରୁଥିବା ଲୋକଙ୍କୁ ଆକ୍ରମଣ କରନ୍ତି। ବିଚାରପତି କହିଛନ୍ତି ଯେ ସେ ବ୍ୟକ୍ତିଗତ ଅଭିଜ୍ଞତାରୁ କହୁଛନ୍ତି। ଏହା ଶୁଣି, କୋର୍ଟରେ ଉପସ୍ଥିତ କୁକୁର ପ୍ରେମୀମାନେ ସହମତିରେ ମୁଣ୍ଡ ହଲାଇଥିଲେ।

ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି। କୋର୍ଟ କୁକୁର ପ୍ରେମୀ ଏବଂ ନିର୍ଦ୍ଦେଶର କଠୋର ପାଳନ ଦାବି କରୁଥିବା ଲୋକଙ୍କ ଦ୍ୱାରା ଦାୟର ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ ପାଇଁ ଆବେଦନଗୁଡ଼ିକର ଶୁଣାଣି କରୁଛି।

କୋର୍ଟ କହିଛନ୍ତି, 'ଏକ କୁକୁର ସର୍ବଦା ସେମାନଙ୍କୁ ଚିହ୍ନିଥାଏ ଯେଉଁମାନେ ତାଙ୍କୁ ଭୟ କରନ୍ତି। ଯେତେବେଳେ ସେ ମଣିଷ ବିଷୟରେ ଏପରି ଅନୁଭବ କରେ,




ସେତେବେଳେ ସେ ସେମାନଙ୍କୁ ଆକ୍ରମଣ କରେ। ଆମେ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହୁଛୁ।' କୁକୁର ପ୍ରେମୀମାନେ ସହମତିରେ ମୁଣ୍ଡ ହଲାଇଥିଲେ, କିନ୍ତୁ ଖଣ୍ଡପୀଠ ସେମାନଙ୍କୁ ମୁଣ୍ଡ ହଲାଇ ନଦେବାକୁ କହିଥିଲେ। ବିଚାରପତି ଆହୁରି ମଧ୍ୟ କହିଛନ୍ତି ଯେ ଯଦି କୁକୁରମାନେ ଅନୁଭବ କରନ୍ତି ଯେ ଆପଣ ସେମାନଙ୍କୁ ଭୟ କରୁଛନ୍ତି, ତେବେ ସେମାନେ ଆପଣଙ୍କୁ ଆକ୍ରମଣ କରିବାର ସମ୍ଭାବନା ଅଧିକ। ଆପଣଙ୍କ ପାଳିତ କୁକୁର ମଧ୍ୟ ଏହା କରିପାରିବ।

ଜଣେ ଓକିଲ କହିବା ପରେ କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି ଯେ ଥରେ କୁକୁର କାମୁଡ଼ି ଦେଲା ପରେ, ତାକୁ ବାହାରେ ଛାଡିବା ଉଚିତ୍ ନୁହେଁ। ସେ ବ୍ୟାଖ୍ୟା କରିଛନ୍ତି ଯେ ହେଲପଲାଇନକୁ କୁକୁର କାମୁଡ଼ାର ୨୦୦୦୦ ଅଭିଯୋଗ ମିଳିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୋଷା କୁକୁର ଏବଂ ବୁଲା (ଶେଷ ପୃଷ୍ଠା ଦେଖନ୍ତୁ)

# ବାୟୁ ପ୍ରଦୂଷଣ ଭୟଙ୍କର: ତଥାପି ବାଣ ଫୁଟାକୁ ଅନୁମତି

ଭୁବନେଶ୍ୱର,୮।୧
ତଥ୍ୟ

ଭୁବନେଶ୍ୱରର ବାୟୁ ଗୁଣବତ୍ତା ମାନକ (ଏକ୍ୟୁଆଇ) ଭୟଙ୍କର ଭାବେ ଖରାପ (ସିଭିୟର୍) ସ୍ଥିତିକୁ ଆସିଥିଲେ ମଧ୍ୟ ଏହାର ନିୟନ୍ତ୍ରଣ ଓ ନିରାକରଣ କରାଯାଇପାରୁ ନାହିଁ। ଏମିତିକି ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସ ବାଣ ଫୁଟା ଓ ବୋମା ବିସ୍ଫୋରଣ ହୋଇଥିଲେ ବି ରାଜଧାନୀରେ ବିବାହ ଶୋଭାଯାତ୍ରା ସମେତ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମରେ ପ୍ରଚୁର ମାତ୍ରାରେ ବାଣ ଫୁଟୁଛି। ଏଥିପାଇଁ କିଏ ଅନୁମତି ଦେଉଛି ଏବଂ ଫୁଟୁଥିବା ବାଣର ଶବ୍ଦ ସେମାନଙ୍କ କାନରେ ପଡୁଛି କି ନାହିଁ ସେଥିଘେନି ପରିବେଶବିତ୍‌ମାନେ ପ୍ରଶ୍ନ କରୁଛନ୍ତି।

ଆଜି (ଗୁରୁବାର) ମଧ୍ୟାହ୍ନ ବେଳକୁ ରବୀନ୍ଦ୍ର ମଣ୍ଡପ ଛକନିକଟରେ ଲଗାଯାଇଥିବା ଏକ୍ୟୁଆଇ ବୋର୍ଡରେ ପ୍ରଦୂଷଣ ମାତ୍ରା ୩୮୨ ଉଲ୍ଲେଖ କରାଯିବା ସହିତ ତାହା ତଳକୁ ଭୟଙ୍କର ବୋଲି ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଇଛି। ଖୋଦ୍ ରାଜ୍ୟ ବିଧାନସଭା ଓ ସଚିବାଳୟ ନିକଟରେ ପ୍ରଦୂଷଣର ମାତ୍ରା ଏଭଳି ଥିବାବେଳେ ଅନ୍ୟ ଅଞ୍ଚଳ କଥା ନକହିଲେ ଭଲ।

ପୌଷ ମାସରେ ପାଞ୍ଜି ଅନୁଯାୟୀ ବିବାହ ଉତ୍ସବ କରାଯାଇନଥାଏ। ତେବେ ମାଘ ମାସ ଆସିଯାଇଥିବାରୁ ଏବେ ରାଜଧାନୀର ସବୁ ମଣ୍ଡପ, ହୋଟେଲ୍ ଆଦିରେ ବିବାହ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଚାଲୁଛି। ଏଥିସହିତ ବ୍ରତପୋନୟନ ବି ହେଉଛି। ଏହି ସାମାଜିକ କାର୍ଯ୍ୟକ୍ରମ ପାଇଁ ରୋଷଣୀ ଶୋଭାଯାତ୍ରା ଲାଗି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାର ବ୍ୟବସ୍ଥା ଅଛି। ତେବେ ରାଜଧାନୀରେ ପ୍ରଦୂଷଣର ମାତ୍ରା ଅତି ଭୟଙ୍କର ସ୍ଥିତିକୁ ଆସିଥିବାବେଳେ ତାହାକୁ ରୋକିବା ପରିବର୍ତ୍ତେ ବାଣ ଫୁଟାଇ ବଢ଼ାଇବା ଲାଗି



କିଭଳି ଅନୁମତି ଦିଆଯାଉଛି ତାହା ଚିନ୍ତାର ବିଷୟ। ଏଠାରେ ଉଲ୍ଲେଖନୀୟ ଯେ ବାଣ ଯୋଗୁ ବାୟୁ ପ୍ରଦୂଷଣ ବଢୁଥିବା କାରଣରୁ ଗତ ଦୀପାବଳି ଅବସରରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବାଣ ଫୁଟାଇବା ଉପରେ କଟକଣା ଜାରି କରିଥିଲେ। ସେତେବେଳେ ଭୁବନେଶ୍ୱରର ଏକ୍ୟୁଆଇ ପରିମାଣ ବର୍ତ୍ତମାନ ଭଳି ଉଦ୍‌ବେଗଜନକ ସ୍ଥିତିରେ ନଥିଲା।

ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ବାୟୁ ପ୍ରଦୂଷଣ ରୋକିବା ଲାଗି ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଉପରେ କଡ଼ା କଟକଣା ଜାରି କରାଯାଇଛି। ଏହା ସତ୍ତ୍ୱେ ବି ଉଭୟ ସରକାରୀ ଓ ବେସରକାରୀ ନିର୍ମାଣ ବହୁ ସ୍ଥଳରେ ନିଷିଦ୍ଧ ସମୟ ମଧ୍ୟରେ ଚାଲୁଥିବା ଦେଖାଯାଉଛି। କେବଳ ସେତିକି ନୁହେଁ, ନିର୍ମାଣ ସ୍ଥଳୀରୁ ଉଡୁଥିବା ଧୂଳିକଣାକୁ ରୋକିବା ଲାଗି ନୀଳ ଜରି ନେଟ୍ ବାନ୍ଧିବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ତାହାର ଖୋଲା ଉଲ୍ଲଂଘନ କରାଯାଉଛି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ନିର୍ମାଣ ଶ୍ରମିକମାନେ ରାସ୍ତାକଡ଼ରେ ନିଆଁ ପୁଇଁଲେ ସେମାନଙ୍କ ଉପରେ ମୋଟା ଅଙ୍କର ଜରିମାନା କରାଯାଉଥିବା (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୯ ଜାନୁଆରୀ ୨୦୨୬ । ଶୁକ୍ରବାର




## ବନ ବିଭାଗର ଚଢାଉ: ପିକ୍ଅପ୍ ସହ କେନ୍ଦୁପତ୍ର ଜବତ

**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ଅଞ୍ଚଳରେ କେନ୍ଦୁପତ୍ର ମାଫିଆ ସକ୍ରିୟ ହୋଇଛନ୍ତି । ହେଲେ ଏହି ବେଆଇନ କେନ୍ଦୁପତ୍ର ଚୋରା ଚାଲାଣ ଉପରେ ଚାରମାଳ ରେଞ୍ଜ ପକ୍ଷରୁ ଚଢଉ କରାଯାଇ ଚୋରା ଚାଲାଣ ହେବାକୁଥିବା ୨୨୮ ବଣ୍ଡଲ କେନ୍ଦୁପତ୍ର ସହିତ ଏକ ପିକ୍ଅପ୍ ଗାଡ଼ି ଜବତ କରାଯାଇଛି । ଘଟଣାସ୍ଥଳରୁ ମାଫିଆ ଫେରାର ହୋଇଯାଇଛି । ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ମାଫିଆମାନେ ଚାରମାଳ ରେଞ୍ଜ ଅଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ କରି ଏକ ପିକ୍ଅପ୍ ଗାଡ଼ିରେ ବୋଝେଇ କରି ଚୋରା ଚାଲଣ ହେଉଥିବା ସଂକ୍ରାନ୍ତରେ ବନ ବିଭାଗ ସୂଚନା ପାଇ ଥିଲା । ଖବର ପାଇ ବନ ବିଭାଗ ଚଢାଉ କରି ବଡ଼ହିଦୋଳ ଗ୍ରାମ ନିକଟରେ ପିକ୍ଅପ୍ ଗାଡ଼ି ସହ ଜବତ କରିବା ସହିତ ୨୨୮ ବଣ୍ଡଲ କେନ୍ଦୁପତ୍ର ଜବତ କରିଥିଲେ ।



## ପୂର୍ବଶତ୍ରୁତାରୁ ଗଣ୍ଡଗୋଳ: ୨ ଗିରଫ

**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେକ୍ଟର-୨୧ ନୟାବଜାର ଅଞ୍ଚଳରେ ୨ ଗୋଷ୍ଠୀ ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା । ଏହି ଘଟଣାରେ ଝରିଆବାହାଲ ଅଞ୍ଚଳର ସୁମିତ ଆହତ ହୋଇଥିବାବେଳେ ଟିମ୍ବର କଲୋନିର ପ୍ରଦୀପ ବିଶ୍ୱାଳ ଚାପଡ ଚୋଟରେ ଗୁରୁତର ହୋଇ ହାଇଟେକ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣାରେ ପ୍ଲାଣ୍ଟସାଇଟ୍ ପୁଲିସ ଉଭୟ ଗୋଷ୍ଠୀର ୨ ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଫଟାପାଇପ୍ ଅଞ୍ଚଳର ଆନନ୍ଦ ଗୌଡ (୨୬) ଓ ଟିମ୍ବର କଲୋନିର ସୁରଜ ନାୟକ(୨୨) । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନାନୁଯାୟୀ, ଅନେକ ଦିନ ହେଲା ଟିମ୍ବର କଲୋନି ଓ ନୟାବଜାର ଝରିଆବାହାଲ ବସ୍ତି ଯୁବକଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା । ଏହିକ୍ରମରେ ୩ ଦିନ ପୂର୍ବେ ଉଭୟ ଗୋଷ୍ଠୀମଧ୍ୟରେ ବଚସା ହୋଇଥିଲା । ମଙ୍ଗଳବାର ରାତିରେ ଟିମ୍ବର କଲୋନିର ସୁରଜ ନାୟକ ଝରିଆବାହାଲ ଅଞ୍ଚଳକୁ ଯାଇଥିଲା । ସେଠାରେ ସୁମିତ ନାମକ ଜଣେ ଯୁବକଙ୍କ ସହ ତାର ଝଗଡା ହୋଇଥିଲା । ସୁରଜ କ୍ରୋଧରେ ସୁମିତକୁ ପିଟି ମୁଣ୍ଡ ଫଟାଇ ସେଠାରୁ ଚମ୍ପଟ୍ ମାରିଥିଲା । କିଛି ସମୟ ପରେ ଅର୍ଥାତ୍ ସାଢେ ୯ଟାବେଳେ ସ'ମିଲ୍ ଛକରେ ଆନନ୍ଦ ଗୌଡ ଓ ଜଣେ ନାବାଳକ(୧୭) ଟିମ୍ବର କଲୋନିର ପ୍ରଦୀପଙ୍କୁ ଭେଟିଥିଲେ । ସେଠାରେ ସାମାନ୍ୟ ବଚସାରୁ ଝଗଡା ବଢିଥିଲା । ନାବାଳକ ଜଣକ ଏକ ଚାପଡରେ ପ୍ରଦୀପର ମୁଣ୍ଡ ଓ ପିଠିକୁ ହାଣି ଦେଇଥିଲେ । ପ୍ରତ୍ୟକ୍ଷଦର୍ଶୀମାନେ ତୁରନ୍ତ ତାଙ୍କୁ ହାଇଟେକ୍ ମେଡିକାଲରେ ଭର୍ତ୍ତି କରିଥିଲେ । ଏନେଇ ଉଭୟ ଗୋଷ୍ଠୀ ତରଫରୁ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଘଟଣାର ତନାଘନା କରି ଆନନ୍ଦ ଓ ସୁରଜକୁ ଗିରଫ କରିଥିବାବେଳେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇଥିଲା ।

## ୧୮ରୁ ହୀରାକୁଦରେ ପକ୍ଷୀ ଗଣନା

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ଆସନ୍ତା ୧୮ ତାରିଖରୁ ହୀରାକୁଦ ଜଳଭଣ୍ଡାରରେ ଆରମ୍ଭ ହେବ ପକ୍ଷୀ ଗଣନା । ଏଥିପାଇଁ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ପକ୍ଷୀ ଗଣିବା ପାଇଁ ୩୨ଟି ଡଙ୍ଗାରେ ୭୦ଜଣ ପକ୍ଷୀ ବିଶେଷଜ୍ଞ ରହିବେ । ଭୋର ସକାଳ ୫ଟାରୁ ଏହି ଗଣନା ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏଁ ଚାଲିବ । ଜଳ ଭଣ୍ଡାରର ପ୍ରାୟ ୫୫୦ ବର୍ଗ କିଲୋମିଟରରେ ଏହି ପକ୍ଷୀ ଗଣନା ଜାରି ରହିବ ବୋଲି ହୀରାକୁଦ ବନ୍ୟପ୍ରାଣୀ ଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି । ଗତ ବର୍ଷ ହୀରାକୁଦ ଜଳଭଣ୍ଡାରକୁ ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀ ଆସିଥିଲେ ।

ଗତ ବର୍ଷ ୭ ଶହ ବର୍ଗ କିଲୋମିଟିର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମିକୁ ୟୁରୋପ ଓ ଆମେରିକାରୁ ପ୍ରଥମ ଥର ପକ୍ଷୀ ଆସିଥିଲେ । ୟୁରୋଷିଆନ୍ ୱିଗୋନ୍, ଗଡ୍ୱାଲ୍, ମାଲାର୍ଡ, ସ୍ମଲ୍ ଗ୍ରେବସ୍, ଟର୍ନସ୍, ବାର୍ ହେଡ୍ ଗୋସ୍, ଟୁଫଟେଡ୍ ଡକ୍, ପୋଚାର୍ଡ, ହ୍ୱିସିଲ୍ ଡକ୍, ସ୍ୟାଣ୍ଡପାଇପର ସହ ନର୍ଦ୍ଦନ୍ ପିଣ୍ଟେଲ୍ ଭଳି ଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଜଳଭଣ୍ଡାରର ଛତିଶଗଡ ସୀମାରୁ ହୀରାକୁଦ ଏବଂ ପାୱାର୍ ଚ୍ୟାନେଲ ମଧ୍ୟରେ ମୋଟ୍ ୭ ଶହ ବର୍ଗ କିମି ଅଞ୍ଚଳରେ ଗଣନା କରାଯିବ । ଗତବର୍ଷ ଛତିଶଗଡ ସୀମାନ୍ତରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା ଅନେକ ଗୁଣରେ ବଢିଥିଲା । ଏଥର ମଧ୍ୟ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି । ସାଧାରଣତଃ ହୀରାକୁଦ ଅଞ୍ଚଳର ଦିନର ତାପମାତ୍ରା ୨୦ରୁ ୨୬ ଡିଗ୍ରୀ ମଧ୍ୟରେ ରହିଥାଏ । ରାତିରେ ଏହା ୧୦କୁ ଖସି ଆସିଥାଏ । ପ୍ରତ୍ୟେକ ବର୍ଷ ନଭେମ୍ବର ମଧ୍ୟ ଭାଗରୁ ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ଏହି ପକ୍ଷୀ ହୀରାକୁଦ ଜଳଭଣ୍ଡାରକୁ ଆସିଥାନ୍ତି । ଏଠାକାର ତାପମାତ୍ରା ଓ ଜଳବାୟୁ ସୁହାଇବା ସହ ପ୍ରଚୁର ପରିମାଣର ଖାଦ୍ୟ ମିଳୁଥିବାରୁ ପକ୍ଷୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଗଣନା କରୁଥିବା ଦଳକୁ ଅତ୍ୟାଧୁନିକ କ୍ୟାମେରା ସହିତ ଜିପିଏସ୍ ମେସିନ୍ ପ୍ରତି ବୋଟ୍‌ରେ ଦିଆଯିବାର ବ୍ୟବସ୍ଥା ରହିଛି ।

ଗତ ୨୦୨୧ ମସିହାରେ ହୀରାକୁଦକୁ ୯୮ ପ୍ରଜାତିର ୧ ଲକ୍ଷ ୨୪ ହଜାର ପକ୍ଷୀ ଆସିଥିବା ବେଳେ ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା । ୨୦୨୩ରେ ଉଭୟ ପ୍ରଜାତି ଏବଂ ସଂଖ୍ୟା ବି ବଢିଥିଲା । ୧୦୮ ପ୍ରଜାତିର ମୋଟ୍ ୩ ଲକ୍ଷ ୧୬ ହଜାର ଟପିଥିଲା । ୨୦୨୪ରେ ୧୧୩ଟି ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ପକ୍ଷୀ ହୀରାକୁଦକୁ ଆସିଥିଲେ । ସେହିପରି ୨୦୨୫ରେ ୧୨୨ଟି ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀ ହୀରାକୁଦ ଜଳଭଣ୍ଡାରକୁ ଆସିଥିଲେ । ବର୍ଷକୁ ବର୍ଷ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢି ଚାଲିଛି । ଏଥର ମଧ୍ୟ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ।



## ବହୁ ଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ତିଗିରିଆ: ଏକ୍ସପ୍ରେସ ନ୍ୟୁଜ୍**

ବହୁ ଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣା । ୩୨ ମାସ ପରେ ପୋଲିସ ହାତରେ ମୁଖ୍ୟ ଅଭିଯୁକ୍ତ । କଟକ ଜିଲ୍ଲା ତିଗିରିଆ ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ପୋଲିସ । ପୂର୍ବରୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ୯ ଜଣଙ୍କୁ ପୋଲିସ ଗିରଫ୍ କରି କୋର୍ଟ ଚାଲାଣ କରିଥିଲା । ଏବେ ସୁଦ୍ଧା ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଲା ।

ବିଶେଷ ସୂତ୍ରରୁ ଖବରପାଇ ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋକର୍ଣ୍ଣଖାଲ ଗ୍ରାମର ପ୍ରଶାନ୍ତ ନାୟକକୁ ତିଗିରିଆ ଥାନା ଅଞ୍ଚଳରେ ଚାକିରୀ କରିଥିବା ସ୍କୁଲରେ ସଦଳବଳେ ଅଚାନକ ଚଢାଉ କରି ଗିରଫ କରିଛି । ମୁଖ୍ୟ ଅଭିଯୁକ୍ତ ଘଟଣା ଦିନଠାରୁ ଫେରାର ଥିଲେ । ତେବେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇ ଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଇପସିତା ପ୍ରିୟଦର୍ଶନୀ ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି, ଗତ ୨୦୨୩ ମସିହା ଏପ୍ରିଲ ୧୯ ତାରିଖ ପୂର୍ବାହ୍ନରେ ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ବିଶ୍ୱନାଥ ବାରିକ ଓରଫ ମଣ୍ଟୁକୁ ପୂର୍ବ ଶତ୍ରୁତାରୁ ବିଭିନ୍ନ ଧାରୁଆ ଅସ୍ତ୍ରରେ ହାଣିବା ସହ ବାଡିରେ ପିଟି ନିର୍ମମ ଭାବେ ହତ୍ୟା କରାଯାଇଥିଲ । ହତ୍ୟାକାଣ୍ଡ ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥ ଉପରେ ମୃତଦେହ ରଖି ରାସ୍ତା ଅବରୋଧ କରି ନ୍ୟାୟ ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ ଓ ଏନେଇ ପରିବାର ଲୋକେ ତିଗିରିଆ ଥାନରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣା ତଦନ୍ତ ଜାରି ରଖିଥିଲା ।

## ଭାରସାମ୍ୟ ହରାଇ ଓଲଟିଲା ପିକଅପ୍



**ମୋହନା: ଏକ୍ସପ୍ରେସ ନ୍ୟୁଜ୍**

ଅଡବା ଥାନା ଅନ୍ତର୍ଗତ ଖାରୀଗୁଡା ଗାଁରେ ସଡ଼କ ଦୁର୍ଘଟଣା । ଭାରସାମ୍ୟ ହରାଇ ଓଲଟିଲା ତେଲ ବୋଝେଇ ପିକଅପ୍ । ତେବେ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲେ ଗାଡି ଚାଳକ ।

ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାରୁ ଏକ ପିକଅପ (ଓଡି୩୩ଏୟୁ ୩୨୮୬)ରେ କେଷ୍ଟ୍ରୋଲ ଅଇଲ ବୋଝେଇ ହୋଇ କୋରାପୁଟ ଜିଲ୍ଲାକୁ ନେଇ ଯାଉଥିଲା । ଗୁରୁବାର ସକାଳେ ଅଡବା ଥାନା ଅନ୍ତର୍ଗତ ଖାରୀଗୁଡା ଗାଁ ନିକଟରେ ଭୀମଦଲି ଘାଟିରେ ଏକ ଯାତ୍ରୀବାହୀ ବସକୁ ସାଇଡ ଦେଇ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ସୌଭାଗ୍ୟ ବଶତଃ ଗାଡି ଚାଳକ ସୁରକ୍ଷିତ ଭାବେ ବର୍ତ୍ତି ଯାଇଛନ୍ତି । ଘଟଣାସ୍ଥଳରେ ଅଡବା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

## ଜମାଖାତାରୁ ଟଙ୍କା ଗାଏବ

**ବୌଦ୍ଧ: ଏକ୍ସପ୍ରେସ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସରସରା ଗ୍ରାମରେ ଥିବା ପୋଷ୍ଟ ଅଫିସରେ ଜମାଖାତାରୁ ଟଙ୍କା ଗାଏବ ହୋଇଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତ । ଅଭିଯୋଗ ପରେ ପୋଷ୍ଟାଲ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ଓ ଘଟଣାରେ ସବ୍ ପୋଷ୍ଟମାଷ୍ଟର ନିରଞ୍ଜନ ବେହେରାଙ୍କୁ ନିଲମ୍ବନ କରାଯାଇଛି ।

ସୂଚନାନୁଯାୟୀ, ସରସରା ଗ୍ରାମରେ ବହୁ ବର୍ଷ ଧରି ଏକ ପୋଷ୍ଟ୍ ଅଫିସ ରହିଛି । ଏହି ପୋଷ୍ଟ ଅଫିସ୍‌ରେ ଶହଶହ ଆକାଉଣ୍ଟଧାରୀଙ୍କ ଜମାଖାତା ରହିଛି । ଜମାକାରୀମାନେ ଲକ୍ଷଲକ୍ଷ ଟଙ୍କା ଜମା ବି କରିଛନ୍ତ । ଟଙ୍କା ତୁରନ୍ତ ଫେରାଇବା ନେଇ ଗୁରୁବାର ସରସରାଠାରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଫଳରେ ଶହଶହ ଗାଡ଼ିମୋଟର ଅଟକି ରହିଛି ।

## ବ୍ରାଉନ ସୁଗାର ବେପାରୀ ଗିରଫ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ବାଇକରେ କରୁଥିଲେ ବ୍ରାଉନ ସୁଗାର ବେପାର । ପାଟ୍ରୋଲିଂ ବେଳେ ଧରିଲା ଅବକାରୀ ପୋଲିସ । ଗୁରୁବାର ଭଦ୍ରକ ଅବକାରୀ ବିଭାଗର ମୋବାଇଲ ୟୁନିଟ୍, ଏଭଳି ଜଣେ ବ୍ରାଉନ ସୁଗାର ବେପାରୀକୁ ଧରିବାରେ ସଫଳ ହୋଇଛି । ତା'ଠାରୁ ଲକ୍ଷାଧିକ ଟଙ୍କା ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ଅଭିଯୁକ୍ତକୁ ଗିରଫ କରିଛି ଅବକାରୀ ପୋଲିସ ।

ସୂଚନା ଅନୁଯାୟୀ, ଗୁରୁବାର ସବୁଦିନ ଭଳି ପାଟ୍ରୋଲିଂ କରୁଥିଲା ଅବକାରୀ ପୋଲିସ । ଏହି ସମୟରେ ଏକ ବାଇକ ଚାଳକର ଗତିବିଧି ଉପରେ ସନ୍ଦେହ କରି ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଯୁବକ ନିକଟରୁ ୮୦ ଗ୍ରାମ ବ୍ରାଉନ ସୁଗାର ମିଳିଥିଲା । ଜବତ ବ୍ରାଉନ ସୁଗାରର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଯୁବକ ଜଣକ ବ୍ରାଉନ ସୁଗାର ବେପାର କରିବା ପାଇଁ ଆଣିଥିବା ସୂଚନା ମିଳିଥିବାବେଳେ, ଅବକାରୀ ଟିମ୍ ଯୁବକଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ।

## ଯାତ୍ରା କଳାକାରଙ୍କୁ ହତ୍ୟା !

**ଆନନ୍ଦପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାତ୍ରା କଳାକାର କାହ୍ନୁ ସ୍ୱାଇଁଙ୍କୁ ହତ୍ୟା । ରାସ୍ତାକଡରୁ ଉଦ୍ଧାର ହେଲା ମୃତଦେହ । ଆନନ୍ଦପୁର-ଭଦ୍ରକ ରାସ୍ତାର ବେଡିରା ଛକ ନିକଟରୁ କାହ୍ନୁ ସ୍ୱାଇଁଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନାନୁଯାୟୀ, ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ବଡରମ୍ପାସ ଗାଁର ଯାତ୍ରା କଳାକାର କାହ୍ନୁ ସ୍ୱାଇଁ । ବୁଧବାର ରାତିରେ ସେ ଆବୁଲପୁରା ଗାଁ ଲୋକଙ୍କ ସହ ଭଦ୍ରକ ଯାଇଥିଲେ । ଯାତ୍ରା ପରିବେଷଣ ପାଇଁ ଏକ ଯାତ୍ରାପାର୍ଟି ସହ କଥାବାର୍ତ୍ତା ହେବାକୁ ଭଦ୍ରକ ଜିଲ୍ଲା ରାଣ୍ଡିଆକୁ ଯାଇଥିଲେ । ରାତି ପ୍ରାୟ ୩ଟାରେ ଭଦ୍ରକ ରାସ୍ତା ବେଡିରା ଛକରୁ ତାଙ୍କର କ୍ଷତାକ୍ତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । କାହ୍ନୁଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି । ତାଙ୍କ ସହ ଭଦ୍ରକ ଯାଇଥିବା ଅନ୍ୟ ଲୋକମାନେ ଘଟଣାସ୍ଥଳରେ ନଥିବାରୁ ହତ୍ୟା ସନ୍ଦେହ ଦୃଢୀଭୂତ ହୋଇଛି ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଦେବଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଭିବୃଦ୍ଧି ଓ ଚାଷୀଙ୍କ ସମୃଦ୍ଧି ନେଇ ଦେବଗଡ଼ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଗୁରୁବାର ପ୍ରଧାନ ପାଟ ରୋଡ଼ ବଡବଗିଚା ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପଞ୍ଚାୟତିରାଜ ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାର ରବି ନାରାୟଣ ନାଏକ ଓ ବରଣ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ବିଜୟ କୁମାର ପାତ୍ର ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର୍ ଅତିଥି ରୂପେ ଯୋଗଦେଇ କୃଷିର ବିକାଶ ନେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହେବ ଏଣୁ ଚାଷୀମାନେ ସରକାରଙ୍କ ଯୋଜନା ମାଧ୍ୟମରେ ଉପକୃତ ହେବା ପାଇଁ ଅତିଥିମାନେ କହିଥିଲେ । ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗର ୨୭ଟି ଷ୍ଟଲ୍ ଖୋଲା ହୋଇଛି । ପ୍ରାଣୀ ସମ୍ପଦ ବିଭାଗରେ ଉନ୍ନତମାନର ପ୍ରଦର୍ଶନ ପାଇଁ ଗୋପାଳନ କାମଧେନୁ ଯୋଜନାରେ ରିଆମାଳ ବ୍ଲକ୍‌ର ତୀମୂର୍ ଗ୍ରାମର ରିତାଞ୍ଜଳି ସାହୁ ୧୬୧୨୮୦ ଟଙ୍କା ଅର୍ଥ ରାଶି, ଗୋପାଳନରେ ବାରକୋଟ ବ୍ଲକର ଗୁଣ୍ଡିରିପସି ଗ୍ରାମର ଜିନା ପାତ୍ର ୧୮୦୦୦୦ ଟଙ୍କା ଅର୍ଥରାଶି, ମାଛ ଦାନାରେ ବାରକୋଟ ବ୍ଲକର ରେଙ୍ଗାଲବହାଲ ଗ୍ରାମର ଜିତେନ୍ଦ୍ରିୟ ସାହୁ ୧୨୦୦୦୦ ଟଙ୍କା ଅର୍ଥ ରାଶି, ମାଛ ଦାନାରେ ରିଆମାଳ ବ୍ଲକ୍ ରଙ୍ଗମାଟିଆ ଗ୍ରାମର ଧନନ୍ତ୍ୱରି ପ୍ରଧାନଙ୍କୁ ୮୦୦୦୦ ଟଙ୍କା ଅର୍ଥ ରାଶି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମ ପୋଖରୀରେ ମତ୍ସ୍ୟ ଚାଷ ରେଙ୍ଗଲବାହାଲ ମାମହାମାୟୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼କ୍ଟର ବିଜୟ କୁମାର ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



## ସରକାରଙ୍କ କଟକଣା ଯୋଗୁ ହଟହଟା ଚାଷୀ, ହୋଇପାରୁନି ଧାନ ବିକ୍ରି

**ବରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ଼ ଜିଲ୍ଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ । ଏଠାରେ ସର୍ବାଧିକ ଧାନ ଉତ୍ପାଦନ ହେଉଥିବାରୁ ଜିଲ୍ଲାର ଏଭଳି ପରିଚୟ ରହିଛି । ମାତ୍ର ଜିଲ୍ଲାର ଚାଷୀଙ୍କ ସମସ୍ୟା ପିଛା ଛାଡୁନାହିଁ । କେତେବେଳେ ଅଦିନିଆ ବର୍ଷା ତ ଆଉ କେବେ ରୋଗପୋକ ଉପଦ୍ରବ ଯୋଗୁ ଫସଲ ନଷ୍ଟ ହେଉଛି । କେବଳ ସେତିକି ନୁହେଁ, ଜିଲ୍ଲାର ଚାଷୀଙ୍କ ପାଇଁ ଧାନ ବିକ୍ରିବଟା ସମସ୍ୟା ପାଲଟିଛି । ଧାନ ବିକ୍ରି ଲାଗି ପଞ୍ଜୀକରଣଠାରୁ ଟୋକନ ପର୍ଯ୍ୟନ୍ତ ରାଜ୍ୟ ସରକାର ନାନା କଟକଣା ଆଣୁଛନ୍ତି । ଧାନ କିଣାବିକା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ଏଭଳି କଟକଣା ଲଗାଯାଉଥିବା ରାଜ୍ୟ ସରକାର କହୁଛନ୍ତି । ଅନ୍ୟପଟେ ସେଭଳି କଟକଣା ଯୋଗୁ କେବଳ ହଟହଟା ନୁହେଁ, ଅମଳ ଧାନକୁ ସେମାନେ ଠିକ୍‌ଭାବେ ବିକ୍ରି କରିପାରୁ ନଥିବାବେଳେ ଚାଷକାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ।



ବର୍ତ୍ତମାନ ବରଗଡ଼ ଜିଲ୍ଲାରେ ଅନୁରୂପ ପରିସ୍ଥିତି ଉପୁଜିଛି । ରବିଚାଷ ସମୟ ଗଡ଼ିଚାଲିଛି । ହେଲେ ଏପର୍ଯ୍ୟନ୍ତ ଜିଲ୍ଲାର ଅନେକ ଚାଷୀ ଖରିଫ୍ ଧାନ ବିକ୍ରି କରିପାରିନାହାନ୍ତି । ଏଭଳି ସ୍ଥିତିରେ ଅନ୍ୟବର୍ଷ ତୁଳନାରେ ଏଥର ରବିଚାଷ ବିଳମ୍ବ ହୋଇଥିବା ଚାଷୀମାନେ କହିଛନ୍ତି । ରବିରେ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ । ଏଥିରୁ ଅଧିକାଂଶ ହୀରାକୁଦ ଜଳସେଚିତ ଜମି ରହିଥିବାବେଳେ କେନାଲ ପାଣି ଆସିବା ପରେ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି । ପ୍ରତିବର୍ଷ ଜାନୁଆରୀ ପହିଲା ସୁଦ୍ଧା କେନାଲ ପାଣି ଆସିଯାଉଥିଲା । ହେଲେ ଏଥର ଗତ ୩ ତାରିଖରୁ ହୀରାକୁଦ ଜଳଭଣ୍ଡାରରୁ ବରଗଡ଼ ମୁଖ୍ୟ କେନାଲକୁ ପାଣି ଛଡ଼ାଯାଇଛି । ମାତ୍ର ଜିଲ୍ଲାର ଅନେକ ତଳିଅଞ୍ଚଳର ଜମିକୁ ଏପର୍ଯ୍ୟନ୍ତ କେନାଲ ପାଣି ପହଞ୍ଚିପାରିନାହିଁ । ତେବେ କେନାଲ ପାଣି ଛଡ଼ାଯାଇଥିଲେ ସୁଦ୍ଧା ଧାନକିଣା ଅବ୍ୟବସ୍ଥା ଚାଷୀଙ୍କୁ ଚିନ୍ତାରେ ପକାଇଛି । ଖରିଫ୍‌ରେ ଅମଳ ଧାନକୁ କେବେ ବିକିବେ ଏବଂ ଆଉ କେବେ ରବିଚାଷ ଆରମ୍ଭ କରିବେ, ଏଭଳି ଦୋଛକିରେ ଜିଲ୍ଲାର ଚାଷୀମାନେ ରହିଛନ୍ତି ।

ବିଗତବର୍ଷଗୁଡ଼ିକୁ ଅନୁଧ୍ୟାନ କଲେ ସାଧାରଣତଃ ଫେବୃଆରୀ ଶେଷସୁଦ୍ଧା ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସରିଯାଉଥିଲା । ଏପରିକି ଜାନୁଆରୀ ୧୫ରୁ ଜିଲ୍ଲାର ବିଭିନ୍ନ ଧାନ କ୍ରୟ କେନ୍ଦ୍ର(ମଣ୍ଡି)କୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦିଆଯାଉଥିଲା । କିନ୍ତୁ ଏଥର ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଜାନୁଆରୀ ଏବଂ ଫେବୃଆରୀ ରହିଛି । ସେହିପରି ବିକ୍ରିଯୋଗ୍ୟ ଧାନ ପରିମାଣ ମଧ୍ୟ ଅନ୍ୟ ବର୍ଷ ତୁଳନାରେ ଯଥେଷ୍ଟ ହ୍ରାସ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଧାନ ଉଠାଣରେ ମନ୍ଥରତା ଏବଂ ବିଭିନ୍ନ ସମୟରେ ନାନା ଦାବି ନେଇ ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ଚାଷୀଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଗୋଟିଏପଟେ ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉ ନ ଥିବାରୁ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସରି ବସିଥିବାବେଳେ ଅନେକ ଚାଷୀ କମ୍ ଦରରେ ବେପାରୀ ହାତରେ ଧାନ ଟେକିଦେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

## ବାଣିଜ୍ୟ

## ହିଜାବ ପିନ୍ଧିଥିଲେ ମିଳିବନି ଗହଣା

**ପାଟନା: ଏକ୍ସପ୍ରେସ ନ୍ୟୁଜ୍**

ଉତ୍ତରପ୍ରଦେଶର ଝାନ୍ସି ପରେ ବିହାର ଜୁଏଲର୍ସ ଆସୋସିଏସନ ସୁରକ୍ଷା ଦୃଷ୍ଟିରୁ ବୁଧବାର ବଡ ନିଷ୍ପତ୍ତି ନେଇଛି । ବିହାରର ସମସ୍ତ ଜୁଏଲରୀ ସପ୍ ବା ଗହଣା ଦୋକାନରେ ଏବେ ହିଜାବ, ବୁର୍କା, ନକାବ, ଓଢଣୀ, ସ୍କାର୍ପ, ମୁଖା ଆଦି ପିନ୍ଧିଥିବା ମହିଳା- ପୁରୁଷଙ୍କୁ ପ୍ରବେଶ ଲାଗି ଅନୁମତି ଦିଆଯିବ ନାହିଁ । ଏଥିସହ ହେଲ୍‌ମେଟ୍ ପିନ୍ଧିଲେ ମଧ୍ୟ ବ୍ୟକ୍ତି ଦୋକାନ ଭିତରେ ପଶି ଗହଣା ଦେଖିପାରିବେ ନାହିଁ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି ।

ଏହି ନିଷ୍ପତ୍ତିର କପି ସମସ୍ତ ଗହଣା ଦୋକାନ ବାହାରେ ଲଗାଯିବ । ମୁହଁ ଲୁଚାଇବା ଭଳି କପଡା ପିନ୍ଧି ବା ମାସ୍କ ଲଗାଇ ଦୋକାନ ଭିତରେ ପଶିବା ମନା ବୋଲି ସ୍ପଷ୍ଟ ଭାବେ ଲେଖାଯିବ । ଏହି ନିଷ୍ପତ୍ତି ଉପରେ ବିବାଦ ଆରମ୍ଭ ହୋଇଯାଇଛି । ଆରଜେଡି ପକ୍ଷରୁ କୁହାଯାଇଛି, ସୁରକ୍ଷା ଆଳରେ ହିଜାବ, ନକାବକୁ ଟାର୍ଗେଟ କରାଯିବା ଅନୁଚିତ । ସେହିପରି ଜବାବରେ ବିଜେପି କହିଛି, ଭାରତ କୌଣସି ଇସ୍ଲାମିକ ଦେଶ ନୁହେଁ । ଏଠାରେ ହିଜାବର କ'ଣ କାମ ? ଆସୋସିଏସନ ପକ୍ଷରୁ କୁହାଯାଇଛି, ଏହି ନିଷ୍ପତ୍ତି କୌଣସି ସମୁଦାୟ, ବର୍ଗ ବା ସମ୍ପ୍ରଦାୟ ବିରୋଧରେ ନୁହେଁ ।




ସୁରକ୍ଷା କାରଣକୁ ଦୃଷ୍ଟିରେ ରଖାଯାଇ ଏପରି କରାଯାଇଛି । କିଛି ଦିନ ହେଲା ବିହାରର ବିଭିନ୍ନ ଜିଲ୍ଲାରେ ଗହଣା ଦୋକାନରୁ ଲୁଟ୍, ଚୋରି ଘଟଣା ସାମ୍ନାକୁ ଆସୁଛି । ଅନେକ ସମୟରେ ଅଭିଯୁକ୍ତମାନେ ନିଜ ପରିଚୟ ଲୁଚାଇବା ପାଇଁ ମୁହଁ ଘୋଡାଇ, ମାସ୍କ ପିନ୍ଧି ବା ହିଜାବ ଭଳି କପଡା ପରିଧାନ କରି ଦୋକାନ ଭିତରେ ପଶୁଛନ୍ତି ଏବଂ ଲୁଟ୍ କରି ଚାଲିଯାଉଛନ୍ତି ।

ଏହା ଉଭୟ ଦୋକାନୀ ଏବଂ ଗ୍ରାହକଙ୍କ ସୁରକ୍ଷା ପ୍ରତି ବିପଦ । କାରଣ ସାଧାରଣତଃ ଗହଣା ଦୋକାନଗୁଡିକ ଲୁଟେରାଙ୍କ ନଜରରେ ଥାଏ । ତେଣୁ ଦୋକାନ ଭିତରେ ପଶିବା ପୂର୍ବରୁ ଗ୍ରାହକଙ୍କ ଚେହେରା ଜରିଆରେ ତାଙ୍କୁ ପ୍ରଥମେ ଚିହ୍ନଟ କରାଯିବା । ପରେ ସେମାନେ ଦୋକାନରୁ ଗହଣା କିଣିପାରିବେ ବୋଲି ସର୍ବଭାରତୀୟ ଜୁଏଲର୍ସ ଆସୋସିଏସନର ବିହାର ଅଧ୍ୟକ୍ଷ ଅଶୋକ କୁମାର ବର୍ମା କହିଛନ୍ତି ।

## ସିନେମାଫିନେମା ଟିଭିଫିବି

## ବିବାହ କରିବେ ଶ୍ରଦ୍ଧା କପୁର !



ବଲିଉଡର ଚୁଲବୁଲି ଷ୍ଟାର ଶ୍ରଦ୍ଧା କପୁର । ସେତାଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ଅଭିନେତ୍ରୀ ପ୍ରାୟତଃ ସୋସିଆଲ ମିଡିଆରେ ତାଙ୍କ ବୟଫ୍ରେଣ୍ଡ ରାହୁଲ ମୋଦିଙ୍କ ସହ ଫଟୋ ସେୟାର କରନ୍ତି । ଉଭୟଙ୍କୁ ଅନେକ ଥର ସାର୍ବଜନୀନ କାର୍ଯ୍ୟକ୍ରମରେ ଏକାଠି ଦେଖାଯାଇଛି । ବର୍ତ୍ତମାନ ପ୍ରଶଂସକମାନେ ତାଙ୍କ ବିବାହ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ହେଲେ ଅଭିନେତ୍ରୀ ଜଣେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ବିବାହ ଗୁଜବ ଉପରେ ମୁହଁ ଖୋଲିଛନ୍ତି । ଶ୍ରଦ୍ଧାଙ୍କ ଏହି ମଜାଳିଆ ଉତ୍ତର ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି ।

ଶ୍ରଦ୍ଧା କପୁର ତାଙ୍କର ମଜାଳିଆ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା । ସେ ପ୍ରାୟତଃ ସୋସିଆଲ ମିଡିଆରେ ଏଭଳି କ୍ୟାପସନ ସହିତ ପୋଷ୍ଟ ସେୟାର କରନ୍ତି, ଯାହା ଲୋକଙ୍କୁ ମନୋରଞ୍ଜନ କରେ । ନିକଟରେ, ଅଭିନେତ୍ରୀ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ସେ ତାଙ୍କ ଜୁଏଲାରୀ କମ୍ପାନୀ, ପାଲମୋନାସକୁ ପ୍ରମୋଟ୍ କରୁଛନ୍ତି । ସେହି ପୋଷ୍ଟରେ, ପ୍ରଶଂସକ ତାଙ୍କ ବିବାହ ବିଷୟରେ ପ୍ରଶ୍ନ ପଚାରିଥିଲେ । ପ୍ରଶଂସକ କମେଣ୍ଟ ଲେଖିଛନ୍ତି, 'ତୁମେ କେବେ ବିବାହ କରିବ, ଶ୍ରଦ୍ଧା ?'

ଶ୍ରଦ୍ଧା ଏହି ପ୍ରଶ୍ନର ଏକ ମଜାଦାର ଉତ୍ତର ଦେଇ କହିଥିଲେ 'ମୁଁ ବିବାହ କରିବି...ମାନେ କରିବି ।' ଅଭିନେତ୍ରୀଙ୍କ ଏହି ଉତ୍ତର ଖୁବ ଭାଇରାଲ ହେଉଛି । ଶ୍ରଦ୍ଧାଙ୍କ ଏହି କମେଡିର ମଜାଦାର ଉତ୍ତର ପ୍ରଶଂସକମାନେ ପସନ୍ଦ କରୁଛନ୍ତି । ଏହା ମଧ୍ୟ ଅନୁମାନ କରୁଛନ୍ତି ଯେ ଶ୍ରଦ୍ଧା କପୁର ଏହି ବର୍ଷ ତାଙ୍କ ବୟଫ୍ରେଣ୍ଡ ରାହୁଲ ମୋଦିଙ୍କୁ ବିବାହ କରିପାରନ୍ତି । ହେଲେ ଏହି ବିଷୟରେ ଅଭିନେତ୍ରୀ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ କନଫର୍ମ କରି ନାହାଁନ୍ତି ।

ତେବେ ଶ୍ରଦ୍ଧା କପୁର ବହୁତ ଦିନ ଧରି ଚଳଚ୍ଚିତ୍ର ଲେଖକ ଏବଂ ନିର୍ଦ୍ଦେଶକ ରାହୁଲ ମୋଦିଙ୍କୁ ଡେଟ୍ କରୁଛନ୍ତି । ରାହୁଲ ନିର୍ଦ୍ଦେଶକ ଲଭ ରଞ୍ଜନଙ୍କ ସହିତ 'ପ୍ୟାର କା ପଞ୍ଚନାମା ୨', 'ସୋନୁ କେ ଟିଟୁ କି ସ୍ୱିଟି' ଏବଂ 'ତୁ ଝୁଠି ମୈଁ ମକ୍କର' ଭଳି ଫିଲ୍ମରେ କାମ କରିଛନ୍ତି । ଶ୍ରଦ୍ଧା 'ତୁ ଝୁଠି ମୈଁ ମକ୍କର' ନିର୍ମାଣ ସମୟରେ ରାହୁଲଙ୍କୁ ଭେଟିଥିଲେ ଏବଂ ସେବେଠାରୁ ଉଭୟଙ୍କୁ ଅନେକ କାର୍ଯ୍ୟକ୍ରମରେ ଏକାଠି ଦେଖାଯାଇଛି । ହେଲେସେମାନେ ଏପର୍ଯ୍ୟନ୍ତ ସେମାନଙ୍କର ସମ୍ପର୍କକୁ ଅଫିସିଆଲ କରିନାହାଁନ୍ତି ।

# କାମ ନିମ୍ନମାନର : ନିର୍ମାଣ ହେବାର ଦିନକ ପରେ ଉଠିଲା ପିଚୁ



**୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିଭିନ୍ନ ଗ୍ରାମକୁ ଗମନାଗମନ ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ବିନିମୟରେ ରାସ୍ତା ନିର୍ମାଣ ହେଉଥିବାବେଳେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି । ବାସିଲା ଗ୍ରାମବାସୀ ଗ୍ରାମଠାରୁ ପୋଡଶୀ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସାନହାତନାବେଡା ମଧ୍ୟ ରାସ୍ତାକୁ ରାସ୍ତାକୁ ଟେଣ୍ଡର ଅନୁଯାୟୀ କାର୍ଯ୍ୟ ହୋଇନଥିବା ଅଭିଯୋଗ କରିଛନ୍ତି । ଠିକାଦାର ଜଣକ ପୂର୍ବରୁ ଥିବା ମାଟି ରାସ୍ତା ଉପରେ ପିଚୁ ପକାଇ ରାସ୍ତା ନିର୍ମାଣ କାମ ସାରି ଦେଇଛନ୍ତି ।

କାମ ସମୟରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ନ ଆସିବାରୁ ଠିକାଦାର ଫାଇଦା ଉଠାଇ ମାଟି ଉପରେ ପିଚୁ ପକାଇ ତରବରିଆ କାମ ସାରି ପଳାଇ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତାରେ ମେଟାଲ କି ମୋରମ୍ ନ ପକାଇ ପୂର୍ବରୁ ଥିବା ରାସ୍ତା ଉପରେ ଡଷ୍ଟ ପକାଇ ପିଚୁ କରିଛନ୍ତି ଠିକାଦାର, ଯାହା ଅତିନିମ୍ନମାନର କାମ କରି ବିଲ୍ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଯାହାକି ଏକ ସପ୍ତାହ ମଧ୍ୟ ତିଷ୍ଠିବା ଅସମ୍ଭବ ଅଟେ । ରାସ୍ତାରେ ହାତ ମାରିଲେ ଫଡାଫଡା ପିଚୁ ଉଠି ପଡୁଛି । ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅସାଧୁ ମେଣ୍ଟ ଯୋଗୁଁ ଏଭଳି କେଳେଙ୍କାରୀ ସମ୍ଭବ ହୋଇଛି ।

ଏ ନେଇ ତୁରନ୍ତ ଅନୁସନ୍ଧାନ କରି ପୁନଃ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ସେହି ବିଭାଗର କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ କଥା ହେବା ପାଇଁ କହିଥିଲେ । ପରେ ରାଇରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ ନାୟକଙ୍କୁ ଯୋଗାଯୋଗ କରିବାରୁ ରାସ୍ତା କାର୍ଯ୍ୟର ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ପ୍ରବଳ ଶୀତ ଯୋଗୁଁ ପିଚୁ ଠିକ ଭାବେ ବସି ନ ଥିବାବେଳେ ଗ୍ରାମବାସୀ ଜୋର ଜବରଦସ୍ତ ଟାଣି ବାହାର କରି ଦେଇଥିବା କହିଛନ୍ତି ।

ବିଶୋଇ ଅଞ୍ଚଳର ଠିକାଦାର ଉକ୍ତ ରାସ୍ତା ନିର୍ମାଣ କରିଥିବାବେଳେ ରକ୍ଷଣାବେକ୍ଷଣ ନିମନ୍ତେ ତାଙ୍କୁ ୩ ବର୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି । ଲୋକଙ୍କ ଅଭିଯୋଗ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୁନଃ ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି । ରାସ୍ତା କାମରେ ଠିକାଦାର କେଳେଙ୍କାରୀ କରି ନିମ୍ନମାନର କାର୍ଯ୍ୟ କରିଥିବାବେଳେ ଏଥିପ୍ରତି ତୁରନ୍ତ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଆବଶ୍ୟକ ସ୍ଥଳେ ଉକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ନିମ୍ନମାନର ରାସ୍ତା କାମ ହୋଇଥିବାରୁ ନିର୍ମାଣର ଦିନକ ପରେ ହାତ ମାରିଲେ ଖଣ୍ଡ ଖଣ୍ଡ ହୋଇ ପିଚୁ ଉଠିଯାଉଛି । ଏଭଳି ଦୁର୍ନୀତିମୂଳକ କାମ ବାମନଘାଟି ଉପଖଣ୍ଡ ଅଧୀନ କୁସୁମୀ ବ୍ଲକ ଅନ୍ତର୍ଗତ ତଳାପାତି ପଞ୍ଚାୟତର ସାନହାତନାବେଡା ଗ୍ରାମରେ ଦେଖିବାକୁ ମିଳିଛି ।

## ଆଜିର ରାଶିଫଳ

ତାରିଖ ୯.୧.୨୦୨୬ | ଶୁକ୍ରବାର–ପଞ୍ଚମୀ, ନକ୍ଷତ୍ର– ଉତ୍ତରାଫାଃ, କନ୍ୟାଚନ୍ଦ୍ର



| | | |
|---|---|---|
| **ମେଷ** | : | ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| **ବୃଷ** | : | ବନ୍ଧୁ କଷ୍ଟ ଦେବେ । |
| **ମିଥୁନ** | : | ଯକୃତ ପୀଡ଼ା ହେବ । |
| **କର୍କଟ** | : | ବକେୟା ପଡ଼ିଥିବା ଧନ ମିଳିବ । |
| **ସିଂହ** | : | ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । |
| **କନ୍ୟା** | : | ଆଭୂଷଣ ପ୍ରାପ୍ତି ହେବେ । |
| **ତୁଳା** | : | ଅନିଦ୍ରା କଷ୍ଟ ପାଇବେ । |
| **ବିଛା** | : | ସୁସମାଚାର ପ୍ରାପ୍ତି ହେବେ । |
| **ଧନୁ** | : | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| **ମକର** | : | ସହଯୋଗ ବୃଦ୍ଧି ପାଇବ । |
| **କୁମ୍ଭ** | : | କାର୍ଯ୍ୟ ସିଦ୍ଧି ହେବ । |
| **ମୀନ** | : | କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ । |

## ନକଲି ଗୁଇନ୍ଦା ଅଧିକାରୀ ପରିଚୟ ଦେଇ ଯୁବକ ଗିରଫ

**ବ୍ୟାସନଗର, ୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରରୋଡ ଆଦର୍ଶ ଥାନା ଅନ୍ତର୍ଗତ ଗୋପବନ୍ଧୁ ଛକ ନିକଟରେ ଥିବା ଆଇଡିବିଆଇ ବ୍ୟାଙ୍କରେ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ତରିମୂଳ ଗ୍ରାମର ବିଶ୍ୱବନ୍ଧୁ ଓଝା (୨୦) ଗତ ୨୦୨୫ ଡିସେମ୍ବର ୯ ତାରିଖରେ ଏକ ଏକାଉଣ୍ଟ୍ ଖୋଲି ବ୍ୟାଙ୍କ ମ୍ୟାନେଜର ଜୟନ୍ତ କୁମାର ବେହେରାଙ୍କୁ ନିଜ ପରିଚୟ ଦେଇ କହିଥିଲେ କି ସେ ମହାରାଷ୍ଟ୍ର ରାଜ୍ୟ ସରକାରଙ୍କ ଗୁଇନ୍ଦା ଅଧିକାରୀ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ଏକାଉଣ୍ଟକୁ ଅଧିକ ଟଙ୍କା ଆସିବ । ସେ ଟଙ୍କାକୁ ମୁଁ ଏହିଠାରେ ଉଠାଣ କରିବି ଆପଣ ସବୁ ଟଙ୍କା ମୋତେ ଉଠାଇବାକୁ ଅନୁମତି ଦେବେ । ବିଶ୍ୱବନ୍ଧୁ ଉପରେ ବ୍ୟାଙ୍କ ମ୍ୟାନେଜରଙ୍କ ସନ୍ଦେହ ହେବାରୁ ସେ ଯାଜପୁର ରୋଡ ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବାରୁ ଥାନା ଅଧିକାରୀ ମ୍ୟାନେଜରଙ୍କୁ କହି କୌଶଳକ୍ରମେ ଅଭିଯୁକ୍ତ ବିଶ୍ୱବନ୍ଧୁଙ୍କୁ ବ୍ୟାଙ୍କକୁ ଡ଼ାକି ଘଟଣାସ୍ଥଳରୁ ଅଭିଯୁକ୍ତକୁ ଯାଜପୁର ରୋଡ ପୁଲିସ କାବୁ କରିବାରେ ସଫଳ ହୋଇଥିଲେ । ବିଶ୍ୱବନ୍ଧୁଙ୍କ ନିକଟରୁ ମହାରାଷ୍ଟ୍ର ରାଜ୍ୟସରକାରଙ୍କ ନକଲି ପୋଲିସ ପୋଷାକ, ଆଇଡି କାର୍ଡ ଓ ଦୁଇଟି ମୋବାଇଲକୁ ଜବତ କରିଥିଲେ । ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ୧୪/୨୬ ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ଧାର ଟଙ୍କା ଫେରାଇବା ବଦଳରେ ଲୁଟି ନେଲେ ଲକ୍ଷାଧିକ ଟଙ୍କା

**ଅନୁଗୁଳ, ୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ଏନଟିପିସି ଥାନା ଭୀମକାଣ୍ଡ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । କଟକ ଜିଲ୍ଲା ନୂଆ ପାଟଣା ଗ୍ରାମର ପ୍ରଭାତ ଦାସଙ୍କୁ ବିଶ୍ୱାସରେ ବିଷ ଦେଇ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ରଞ୍ଜିତ ପ୍ରଧାନ ଏବଂ ତାଙ୍କ ସାଙ୍ଗ । ସୂଚନା ଅନୁଯାୟୀ, ପ୍ରଭାତ ଦାସ କିଛି ଦିନ ତଳେ ରଞ୍ଜିତ ପ୍ରଧାନଙ୍କୁ କିଛି ଟଙ୍କା ଧାର ସୂତ୍ରରେ ଦେଇଥିଲେ । ପ୍ରଭାତଙ୍କ ପୁଅ ଅସୁସ୍ଥ ଥିବାରୁ ତାଙ୍କ ପୁଅକୁ ସେ ଅନୁଗୁଳ ଚିକିତ୍ସା ପାଇଁ ନେଇଥିଲେ । ବଜାରରେ ବୁଲିବା ସମୟରେ ସେ ରଞ୍ଜିତଙ୍କୁ ତାଙ୍କର ଜଣେ ସାଙ୍ଗ ସହିତ ବୁଲୁଥିବାର ଦେଖି ତାଙ୍କୁ ନେଇଥିବା ଟଙ୍କା ମାଗିଥିଲେ । ରଞ୍ଜିତ ପ୍ରଭାତଙ୍କୁ ତାଙ୍କ ଭୀମକାଣ୍ଡ ସ୍ଥିତ ଘରକୁ ଯିବାପାଇଁ କହିଥିଲେ ଏବଂ ସେଠାରେ ଧାର ନେଇଥିବା ଟଙ୍କା ଫେରାଇବାକୁ କହିଥିଲେ । ବିଶ୍ୱାସ କରି ପ୍ରଭାତ ରଞ୍ଜିତ ଏବଂ ତାଙ୍କ ସହ ଥିବା ରଞ୍ଜିତଙ୍କ ସାଙ୍ଗକୁ ଭୀମକାଣ୍ଡ ସ୍ଥିତ ଘରକୁ ନେଇଥିଲେ । କ୍ଳାନ୍ତି ହୋଇଯାଇଥିବା କାରଣରୁ ପ୍ରଭାତ ଶୋଇପଡ଼ିଥିଲେ । ଏହାର ସୁଯୋଗ ନେଇ ରଞ୍ଜିତ ପ୍ରଭାତଙ୍କ ପକେଟରେ ଥିବା ୧ ଲକ୍ଷ ୩୦ ହଜାର ଟଙ୍କା, ସୁନା ରୂପା ଗହଣା ଏବଂ ପ୍ରଭାତଙ୍କ ମୋବାଇଲ ନେଇ ଚମ୍ପଟ୍ ମାରିଥିଲେ । ପରେ ପ୍ରଭାତ ଏ ବିଷୟରେ ଏନଟିପିସି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ସୋମବାର ଦିନ ପ୍ରଭାତ ଥାନାରେ ଅଭିଯୋଗ କରିଥିବା ସତ୍ତ୍ୱେ ଏନଟିପିସି ପୋଲିସ ରଞ୍ଜିତ ଏବଂ ତାଙ୍କ ସାଙ୍ଗର ଏପର୍ଯ୍ୟନ୍ତ ଟେର ପାଇପାରିନାହିଁ ।

## ହାଇୱା ଧକ୍କାରେ ଶିକ୍ଷୟିତ୍ରୀ ଗୁରୁତର

**ଜଳେଶ୍ୱର, ୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର –ରାଜଘାଟ ଓଟି ରୋଡର ମହମ୍ମଦ ନଗର ପାଟଣା ଠାରେ ଭୟଙ୍କର ସଡ଼କ ଦୁର୍ଘଟଣା । ବେଲପାଳ ନିକଟରେ ଚୋରାରେ ମହଜୁଦ ରଖାଯାଇଥିବା ବାଲି ଆଣିବାକୁ ଯାଉଥିବା ଏକ ହାଇୱା ସ୍କୁଟି ଉପରେ ମାଡ଼ିଗଲା । ଫଳରେ ମହମ୍ମଦ ନଗର ପାଟଣା ଗାଁ ଶଙ୍କର ଲାଲ ଦେଙ୍କ ଝିଅ ଲାବଣ୍ୟପ୍ରଭା ଭୂୟାଁ (୩୬) ଗୁରୁତର ହୋଇଛନ୍ତି । ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଲାବଣ୍ୟ ସ୍ଥାନୀୟ ବାଘାବାଳି ସ୍ଥିତ ଜ୍ଞାନ ମନ୍ଦିର ପବ୍ଲିକ ଇଣ୍ଟରନ୍ୟାସନାଲ ସ୍କୁଲରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ଦୁର୍ଘଟଣାରେ ଗୁରୁତର ହୋଇଥିବା ଶିକ୍ଷୟିତ୍ରୀଙ୍କ ଚିକିତ୍ସା ସୁବିଧା, ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ବନ୍ଦ କରିବା, ଜଳେଶ୍ୱର–ରାଜଘାଟ ଓଟି  ରୋଡ ରାସ୍ତା ମରାମତି ଦାବି ନେଇ ଦୁର୍ଘଟଣାଗ୍ରସ୍ତ ଶିକ୍ଷୟିତ୍ରୀଙ୍କ ପରିବାର ଓ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି ।

# ଘୁ.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ

**ଘୁ.ଉଦୟଗିରି, ୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟ ସାରା ଶୀତ ଲହରୀ ବର୍ତ୍ତମାନ କାୟା ବିସ୍ତାର କରିଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ରହିଛି । ବିଗତ କିଛି ଦିନ ହେଲା ଘୁ.ଉଦୟଗିରିରେ ପାରଦ ଉପର ମୁହାଁ ଥିବାବେଳେ ଆଜି ପାରଦ ଖସି ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିବା ଜଣାପଡିଛି । ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉ ଥିବା ଯୋଗୁଁ ଜାଡରେ ଥରୁଛି ଘୁ.ଉଦୟଗିରି ଅଞ୍ଚଳ । କେତକ ସ୍ଥାନରେ ତୁଷାରପାତ ହୋଇଥିବା ମଧ୍ୟ ସୂଚନା ମିଳିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ବୁଧବାର ଘୁ.ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଗୁରୁବାର ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଛି ଏବଂ ଫୁଲବାଣୀ ୫.୦ ଡିଗ୍ରୀ, ଦାରିଙ୍ଗବାଡି ୬.୦ ଡିଗ୍ରୀ ରହିଥିବା ଜଣାପଡିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଘୁ.ଉଦୟଗିରିରେ ପ୍ରବଳ ଶୀତ ଅନୁଭୂତ ହେଉଥିବା ବେଳେ ଗୁରୁବାର ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହି ଚଳିତ ବର୍ଷର ରେକର୍ଡ ଭାଙ୍ଗିଛି । ପାହଡ଼ ତଳିଆ ଅଞ୍ଚଳରେ ଆହୁରି ଅଧିକ ଥଣ୍ଡା ହେଉଥିବା ନେଇ ଚର୍ଚ୍ଚା ହେଉଛି । ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ପ୍ରବଳ ଶୀତ ଓ କୋହଲା ପାଗ ଯୋଗୁଁ ରାସ୍ତା ପାର୍ଶ୍ୱରେ ରହି ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ,ଦିନ ମଜୁରିଆମାନେ ବେଶୀ ପ୍ରଭାବିତ ହେଉଥିବା ଦେଖାଯାଇଛି । ଏଣେ ଶୀତର ମଜା ନେବା ପାଇଁ ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳିଛି । କାଲିଗାଡୁ ହିଲଟପ, କଫିବଗିଚା, କଳିଙ୍ଗା ଘାଟି ଓ ବଟାନିକାଲ ଗାର୍ଡେନ ଭଳି ବହୁ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୁର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରବଳ ଶୀତ ଜାଡ ଯୋଗୁଁ ଦେହ ସାରା ଶିତିକଣ୍ଟା ମାରୁଥିବା ବେଳେ ଘରୁ ବାହାରିବା କଷ୍ଟକର ହେଉଛି, ସନ୍ଧ୍ୟା ହେବା ମାତ୍ରେ ବଜାର ଖାଁ ଖାଁ ଲାଗୁଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସହର ଓ ଗ୍ରାମାଞ୍ଚଳରେ ଲୋକମାନେ ସ୍ଥାନେ ସ୍ଥାନେ ନିଆଁ ଲଗେଇ ବସିଥିବା ଦେଖିବାକୁ ମିଳୁଛି ।

## ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ

**ଢେଙ୍କାନାଳ, ୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ପୌରସଂସ୍ଥା ଅଞ୍ଚଳର ଆରମ୍ଭ ହୋଇଛି ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ । ପ୍ରାଥମିକ ପର୍ଯ୍ୟାୟରେ କଲେଜ ବାଏ ପାସ ଠାରୁ ବସଷ୍ଟାଣ୍ଡ ଯାଏଁ ୱାନ ୱେ ରାସ୍ତା ନିର୍ମାଣ ପାଇଁ ଚାଲିଥିଲା ଏହି ଉଚ୍ଛେଦ କାର୍ଯ୍ୟକ୍ରମ । ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିଲା । ଏହି ଉଚ୍ଛେଦ କାର୍ଯ୍ୟରେ ୩ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ତେବେ ମଧ୍ୟାନ ପର୍ଯ୍ୟନ୍ତ ସୁରୁଖୁରୁରେ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା । ମାତ୍ର ଉଚ୍ଛେଦ କାର୍ଯ୍ୟରେ ମାନମାନି ନେଇ ଅପରାହ୍ନରେ କଲେଜ ବଜାର ଅଞ୍ଚଳରେ ଲୋକମାନେ ତୀବ୍ର ବିରୋଧ କରିଥିଲେ । ଏପରିକି ଟ୍ରାଫିକ ସମସ୍ୟା ଅତି ଜଟିଳ ହୋଇପଡିଥିବା ପୌରସଂସ୍ଥାର ଦକ୍ଷିଣକାଳୀ ହସ୍ପିଟାଲ ରୋଡ଼ ଓ ବାଜି ଚୌକ ଅଞ୍ଚଳ ଜବର ଦଖଲ ପ୍ରଥମେ ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ । ମାତ୍ର ତାହା କରୁନଥିବା ବେଳେ ଉଦେଶ୍ୟ ମୂଳକ ଭାବେ ଜରୁରୀ ନଥିଲେ ମଧ୍ୟ କଲେଜ ବଜାର ଠାରୁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଉଛି ବୋଲି ଅଭିଯୋଗ ଉଠିଛି । ଫଳରେ ଦୁଇ ମାସ ହେଲା ଲୋକ ମାନେ ଆଶା ଆଶଙ୍କା ଭିତରେ ଗତି କରୁଛନ୍ତି । ୱାନ ୱେ ରାସ୍ତା କରିବା ଆଳ କରି କଲେଜ ବଜାର ଅଚଳ ଉଚ୍ଛେଦ କରାଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଖବର ପାଇ ଅପରାହ୍ନରେ ଏହି ଉଚ୍ଛେଦ ସ୍ଥଳରେ ଉପନଗରପାଳ ପ୍ରକାଶ କୁଅଁର ପହଞ୍ଚିଥିଲେ । ଲୋକମାନ ଦାବି ଓ ସ୍ୱାର୍ଥକୁ ନେଇ ଉଚ୍ଛେଦ କାର୍ଯ୍ୟକୁ ଲୋକମାନଙ୍କ ସହିତ ମିଶି ଜବରଦସ୍ତ ବନ୍ଦ କରିଥିଲେ। ଯାହାକୁ ନେଇ ପୌରନିର୍ବାହୀ ଅଧିକାରୀଙ୍କ ସହିତ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଉତ୍ତେଜନା ଯୋଗୁଁ ଏହି ଉଚ୍ଛେଦ କାର୍ଯ୍ୟକୁ ବାଧ ହୋଇ ବନ୍ଦ କରାଯାଇଥିଲା।

## ପୋଚ ଓ ମଦ ଜବତ : ଜଣେ ଗିରଫ

**ସୋର, ୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଅବକାରୀ ଅଧିକାରୀଣୀ ପ୍ରଜ୍ଞାପ୍ରିୟା ନାୟକ ଓ ନୀଳଗିରି ଅବକାରୀ ଅଧିକାରୀ କେଶବ ଚନ୍ଦ୍ର ଦାସଙ୍କ ମିଳିତ ନେତୃତ୍ୱରେ ଏକ ଟିମ ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଓ ନୂଆଗାଁ ସମତେ ବାଉଁଶପାଳ ଜଙ୍ଗଲ ଜମିରେ ଗଢିଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ହେଉଥିବା ଜାଣିପାରି ବାଉଁଶପାଳ ଗ୍ରାମର ଲକ୍ଷ୍ମଣ ସାହୁ ଫେରାର ହୋଇଯାଇଥିବା ବେଳେ ତାଙ୍କ ନିକଟରୁ ୨୪ଶହ ଲିଟର ପୋଚ ଓ ୧୮୦ ଲିଟର ମଦ ଜବତ କରାଯାଇଥିଲା । ସେହିପରି ସରଳିଆ ଗ୍ରାମର ରଘୁନାଥ ଖିଲାର (୫୫) ନିକଟରୁ ୫୫ ଲିଟର ମଦ ଜବତ କରାଯିବା ସହିତ ତାଙ୍କୁ ଗିରଫ କରାଯାଇଥିବା ବେଳେ ଜଙ୍ଗଲ ଜମିରୁ ୨୧ଶହ ଲିଟର ପୋଚ ଓ ୧୬୦ଲିଟର ମଦ ଜବତ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଏହି ଚଢ଼ାଉରେ ସୋର, ଗୋପାଳପୁର ଓ ନିଳଗିରି ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ପୁରୁଷୋତ୍ତମପୁର, ୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ଥାନା ଅର୍ନ୍ତଗତ ବାଲିଆ ଶଙ୍ଖ ନିକଟରେ ବାଇକ୍ ଦୁର୍ଘଟଣାରେ ଯୁବକ ମୃତ୍ୟୁ । ମୃତ ଯୁବକଜଣକ ହେଲେ ପୁରୁଷୋତ୍ତମପୁର ନନ୍ଦିକ ସାହି କୃଷ୍ଣ ଗୌଡ(୪୮) । କୃଷ୍ଣ କହକପୁର ଗ୍ରାମରୁ ଭୋଜି ଖାଇ ନିଜର ବାଇକରେ ଘରକୁ ଫେରୁଥିବା ବେଳେ ବାଲିଆ ଶଙ୍ଖ ନିକଟରେ ବାଇକ ସହ ଖାଲକୁଖସି ପଡିଥିଲେ । ସେଠାରୁ ବାଲିଆ ଗ୍ରାମବାସୀ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ପୁରୁଷୋତ୍ତମପୁର ମେଡିକାଲ ନେଇଆସିଥିଲେ । କୃଷ୍ଣର ଅବସ୍ଥା ଗୁରୁତ୍ୱର ଥିବାରୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର କୃଷ୍ଣକୁ ମୃତ ଘୋଷଣା କରିଥିଲେ । କୃଷ୍ଣ ପୁରୁଷୋତ୍ତମପୁର ବାଲିରାମ୍ପ ନିକଟରେ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲା । କୃଷ୍ଣର ମୃତକୁ ନେଇ ସାହିରେ ଶୋକର ଛାୟା ଖେଳିଯାଇଛି ।

## ପାରିବାରିକ କଳିରୁ ଆତ୍ମହତ୍ୟା

**ବୈଶିଙ୍ଗା, ୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଖଇରବଣି ଗ୍ରାମରେ ପିତା ପୁତ୍ରଙ୍କ ମଧ୍ୟରେ ତିକ୍ତତା ଯୋଗୁଁ ପୁଅର ଜୀବନ ଯାଇଥିବା ଭଳି ଏକ ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି କରିଛି । ମିଳିଥିବା ସୂଚନା ମୁତାବକ ଏହି ଗ୍ରାମର ମୋତିଲାଲ ମହାନ୍ତ ଏକ ବେସରକାରୀ ବସ୍‌ରେ ହେଲପର୍ ଭାବେ କାର୍ଯ୍ୟରତ । ତେବେ ଦୈନିକ ମଦ୍ୟପାନ କରି ଉତ୍ପାତ କରୁଥିବା ଯୋଗୁଁ ଏହାକୁ ନେଇ ଅସନ୍ତୁଷ୍ଟ ଥିବା ବଡପୁଅ ଆକାଶ ସହିତ ଭୀଷଣ ଝଗଡ଼ା ହୋଇଥିଲା। କାଲି ସନ୍ଧ୍ୟା ସମୟରେ ୨୦ ବର୍ଷିୟ ଆକାଶ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ । ରାତିରେ ନଫେରିବାରୁ ଆଖପାଖ ଲୋକଙ୍କ ସହଯୋଗରେ ଖୋଜାଖୋଜି ଚାଲିଥିଲା । ହେଲେ ବୁଧବାର ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଏକ ଗଛରେ ନିଜ ପିନ୍ଧିଥିବା ଟି–ସର୍ଟକୁ ବେକରେ ଗୋଡ଼ାଇ ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ବୈଶିଙ୍ଗା ପୋଲିସ ଏଏସଆଇ ଶୁଭ୍ରାଂଶୁ କୁମାର ରାଉଳ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏହାକୁ ନେଇ ପୋଲିସ ପକ୍ଷରୁ ୨ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ସନ୍ଧ୍ୟାରେ ଶବ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବୁଗୁଡ଼ା, ୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକର କଞ୍ଚୁରୁ ଗ୍ରାମ ନିକଟସ୍ଥ ଏକ କଲଭର୍ଟକୁ ଧକ୍କା ଦେଇ ଜନୈକ ବାଇକ୍ ଚାଳକ ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଲେ କଞ୍ଚୁରୁ ଗ୍ରାମର କାମେଶ୍ୱର ସ୍ୱାଇଁ(୨୮) । ଏ ନେଇ ଥାନାରେ କେସ୍ ନଂ ୧୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସୁରତରେ ଦାଦନ ଖଟୁଥିବା କାମେଶ୍ୱର ତାଙ୍କ ମାଆଙ୍କ ଅନ୍ତେଷ୍ଟି କାର୍ଯ୍ୟରେ ଯୋଗ ଦେବା ପାଇଁ ଗତ ମାସରେ ଗାଁକୁ ଆସିଥିଲେ ହେଁ ସେ ତାଙ୍କ ଶଶୁର ଘର ପଙ୍କଲସାହିରେ ରହୁଥିଲେ । ତେବେ ବୁଧବାର ଅପରାହ୍ନରେ ସେ ବାଇକରେ ତାଙ୍କ ଗାଁ କଞ୍ଚୁରୁକୁ ବାଇକରେ ଯାଉଥିବା ବେଳେ ଅସାବଧାନତା ବଶତଃ ସେହି ଗାଁ ନିକଟସ୍ଥ ଏକ କଲଭର୍ଟକୁ ଧକ୍କା ଦେଇ ରାସ୍ତାକଡକୁ ଫୋପାଡି ହୋଇପଡିଥିଲେ । ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପାଟିରୁ ରକ୍ତସ୍ରାବ ହେଉଥିଲା । ତାଙ୍କୁ ଦୁର୍ଘଟଣା ସ୍ଥଳରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଗୋଚର ଜମି ଜବରଦଖଲକାରୀଙ୍କୁ ଜରିମାନା

**ସୋର, ୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବଇଁଶୀଖାର୍ଜୀ ଗ୍ରାମର ଏକ ଗୋଚର ଜମିକୁ ଜଣେ ଚାଷୀ ଜବର ଦଖଲ ଉଦ୍ଦେଶ୍ୟରେ ମାଟି ତାଡ଼ି ଗଛ କାଟି ନେଇଯାଇଥିବା ଅଭିଯୋଗରେ ଆଜି ତହସିଲ ତରଫରୁ ଚଢ଼ାଉ କରାଯାଇ ଜବରଦଖଲ ମୁକ୍ତ କରିବା ସହିତ ଜବରଦଖଲକାରୀକଙ୍କୁ ଜରିମାନା କରିଛନ୍ତି । ଏହି ଗ୍ରାମର ଗୋଚର ପଡ଼ିଆ ନିକଟରେ ଥିବା ନଦୀଗାଁ ପଞ୍ଚାୟତ ଗୁହାଳଡ଼ିହି ଗ୍ରାମର ଦେବାଶିଷ ପୃଷ୍ଟି ୧୦ରୁ ଉର୍ଦ୍ଧ୍ୱ ତାଳଗଛ, ବାଉଁଶ ଗଛ ଏବଂ ପାଖପାଖି ୮ ଡିସମିଲ ଆକାରର ଜମିକୁ ମାଟି ଉଠାଇ ନିଜ ଜମି ସହିତ ମିଶାଇ ଦେଇଥିଲେ। ଏ ସଂପର୍କରେ ବଇଁଶିଖାର୍ଜୀର ଆଦିବାସୀ ଅଧିବାସୀ ପ୍ରଭାକର ସିଂ, ଲିଟୁ ସିଂ, ମୁନା ସିଂ, ଅଜୟ ସିଂ, ଲକ୍ଷ୍ମଣ ସିଂ, ଶିବାନୀ ସିଂ, ରଶ୍ମିତା ସିଂ ଏବଂ ଗୁହାଳଡିହି ଗ୍ରାମର ଶଙ୍କର୍ଷଣ ଲେଙ୍କା, ପ୍ରଶାନ୍ତ ଲେଙ୍କା ପ୍ରମୁଖ ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିବା ପରେ ଆଜି ଶ୍ରୀ ମଲ୍ଲିକ ଏବଂ କୁଡ଼େଇ ଆର୍‌ଆଇ ଡଲି ସେଠୀ ସଦଳବଳେ ସେଠାରେ ପହଞ୍ଚି ସରଜମିନ ତଦନ୍ତ କରିବା ସହିତ ଜମରଦଖଲକାରୀକୁ ଜବର ଦଖଲକରୁ ଉଚ୍ଛେଦ କରିବା ସହିତ ଜରିମାନା ଲାଗୁ କରିଛନ୍ତି ।

## ଯୋଗ୍ୟତା ଥାଇବି ଭତ୍ତା ପାଇବାରୁ ବଞ୍ଚିତ ବିରଞ୍ଚି ପ୍ରଧାନ

**ଫୁଲବାଣୀ, ୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗଞ୍ଜୁଗୁଡା ଗ୍ରାମପଞ୍ଚାୟତ ବରପଦା ଗ୍ରାମର ବିରଞ୍ଚି ପ୍ରଧାନ । ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ବର୍ତ୍ତମାନ ସରକାରଙ୍କର ବ୍ୟବସ୍ଥା ଅନୁଯାୟୀ ସେ ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହୋଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିବା ସେ ଦୁଃଖରେ ପ୍ରକାଶ କରିଛନ୍ତି । ବିରଞ୍ଚି ପ୍ରାଧନ ଜଣେ ସମ୍ପୂର୍ଣ୍ଣ ଅପଙ୍ଗ ବ୍ୟକ୍ତି, ସେ କୌଣସି କାମଧନ୍ଦା କରିପାରୁନାହାନ୍ତି । କାରଣ ତାଙ୍କର ଦୁଇଟି ଯାକ ଗୋଡ଼ ପୋଲିଓ ହୋଇଥିବା ଯୋଗୁଁ ଚାଲିବା ପାଇଁ ସେ ଅକ୍ଷମ ଓ ବେଳେ ବେଳେ ବାଡ଼ିର ସାହାରା ବିନା ଚଳପ୍ରଚଳ କରିବା ଅସମ୍ଭବ ହୋଇପଡୁଛ । ସେ ଅକର୍ମଣ୍ୟ ବୋଲି ତାଙ୍କର ଡାକ୍ତରୀ ପ୍ରମାଣପତ୍ର ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜାତୀୟ ପେନସନ ଯୋଜନାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳୁଛି । ବିଭାଗୀୟ ଅଧିକାରୀ ଆଧାର କାର୍ଡ ଭୁଲ, ଭୋଟର କାର୍ଡ ସଂଶୋଧନ କରିବାକୁ ପଡିବ ବୋଲି ତାଙ୍କୁ ବାରମ୍ବାର ଏଠିକି ସେଠିକି ଦୌଡେଇ ଦୌଡେଇ ନୟାନ୍ତ କରି ସାରିଲେଣି, ତଥାପି ତାଙ୍କୁ କୌଣସି ପ୍ରକାର ବ୍ଲକ ପ୍ରଶାସନ ଅଧିକାରୀମାନେ ସାହାଯ୍ୟ କରୁନଥିବା ସେ ଦୁଃଖରେ ପ୍ରକାଶ କରିଛନ୍ତି ।

ପ୍ରକାଶ ଥାଉକି ବିରଞ୍ଚି ପ୍ରଧାନ ଜଣେ ବିକଳାଙ୍ଗ ସମ୍ପନ୍ନ ବ୍ୟକ୍ତି ଓ ତାଙ୍କର ବୟସ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ତାଙ୍କର ସମସ୍ତ ପ୍ରକାର ଯୋଗ୍ୟତା ଥାଇକି ସେ ୩୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ କାହିଁକି? ସରକାରଙ୍କର ନିୟମ ଅନୁଯାୟୀ ତାଙ୍କର ବୟସ ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ତାଙ୍କୁ ଉପଯୁକ୍ତ ପେନସନ ୩୫୦୦ ଟଙ୍କା ମିଳି ପାରୁନାହିଁ, ତାଙ୍କୁ ପେନସନ କରେଇ ନ ଦେବା ପଛରେ  ଆଉ କିଛି ଉଦ୍ଦେଶ୍ୟ  ନାହିଁ ତ ? ତେଣୁ ସେ ଗଣମାଧ୍ୟମ ଜରିଆରେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ତାଙ୍କ ଗୁହାରି ଶୁଣିବା ପାଇଁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି । ଦେଖାଯାଉ ବିରଞ୍ଚି ପ୍ରଧାନଙ୍କୁ ଜାତୀୟ ମଧୁବାବୁ ପେନସନ ଯୋଜନାରେ ୩୫୦୦ ଟଙ୍କା ଭତ୍ତା ପାଇବା ପାଇଁ ଆଉ କେତେଥର ବ୍ଲକ ଅଫିସକୁ ଦୌଡିବାକୁ ପଡିବ ତାହା ଆଗାମୀ ଦିନରେ ଜଣା ପଡିବ ।

# ସୌନ୍ଦର୍ଯ୍ୟ ହରାଉଛି ବାସନ୍ତୀ ସରୋବର

**ରାଉରକେଲା, ୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**




୨୦୨୩ ପୁରୁଷ ହକି ବିଶ୍ୱକପ୍ ସମୟରେ ରାଉରକେଲାକୁ ସୁନ୍ଦର ଆଲୋକମାଳାରେ ସଜେଇଥିଲା ରାଉରକେଲା ମହାନଗର ନିଗମ । ଏହିକ୍ରମରେ ରାଉରକେଲାର ଡିଏଭି ପୋଖରୀ ଯାହା ବର୍ଷବର୍ଷ ଧରି ଅଳିଆଆବର୍ଜନାରେ ଭର୍ତ୍ତି ହୋଇଥିଲା ତା'ର ମଧ୍ୟ ପୁନରୁଦ୍ଧାର ପାଇଁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ୧୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ୨୫ ମାର୍ଚ୍ଚ, ୨୦୨୩ରେ ବହୁ ଧୂମଧାମ୍‌ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା । ଡିଏଭି ପୋଖରୀକୁ ସୌନ୍ଦର୍ଯ୍ୟୀକରଣ ପରେ ବାସନ୍ତୀ ସରୋବର ନାମରେ ନାମିତ କରାଗଲା । ଆରମ୍ଭରେ ଏହା ସହରର ଏକ ଆମୋଦପ୍ରମୋଦ ସ୍ଥଳ ପାଲଟିଲା ।

ଏଠାରେ ଛୋଟପିଲାଙ୍କ ଖେଳିବା ପାଇଁ ଦୋଳି ବ୍ୟବସ୍ଥା ଥିବାବେଳେ ଯୁବକଯୁବତୀଙ୍କ ବସିବା ପାଇଁ ଚେୟାର ବ୍ୟବସ୍ଥା ହୋଇଥିଲା । ସନ୍ଧ୍ୟାରେ ରଙ୍ଗିନ୍ ୱାଟର ଫାଉଣ୍ଟେନ୍ ଲୋକଙ୍କୁ ଅଧିକ ଆକୃଷ୍ଟ କରୁଥିଲା । ୨୦୨୩ ଅଗଷ୍ଟ ୧୫ ତାରିଖରେ ବୋଟିଂ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଏହାପରେ ଦିନତମାମ କଲେଜ ପିଲାଙ୍କ ଭିଡ଼ ଜମୁଥିବାବେଳେ ସନ୍ଧ୍ୟାରେ ସହରବାସୀ ବୋଟିଂ ପାଇଁ ଆସୁଥିଲେ । ଏହି ସରୋବରର ପାର୍କ ଏବେ ଲୋକଙ୍କୁ ଭୟଭୀତ କରୁଥିବାରୁ ଲୋକେ ଆସିବାକୁ ନାପସନ୍ଦ କରୁଛନ୍ତି । ପାର୍କରେ ଲାଗିଥିବା ସରଞ୍ଜାମ ଗୁଡ଼ିକ ଭାଙ୍ଗିରୁଜି ଯାଇଥିବାବେଳେ ବୋଟିଂ ପାଇଁ ଯାଇଥିବା ଭସାପୋଲ ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି । ପୋଲରେ ଲାଗିଥିବା ହାଇ ଡେନ୍ସିଟି ପଲିଥିନ୍ ବ୍ରିଜ୍ ଗୁଡ଼ିକ କିଛି ସ୍ଥାନରେ ଭାଙ୍ଗିଯାଇଛି ଯାହାଦ୍ୱାରା ଅଭିଭାବକମାନେ ପିଲାଙ୍କୁ ସରୋବରକୁ ନେଇଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି । ଏହାର ରକ୍ଷଣାବେକ୍ଷଣ ନେଇ ମଧ୍ୟ ସହରବାସୀ କ୍ଷୋଭପ୍ରକାଶ କରିଛନ୍ତି । ଏଥିରେ ୧୪ କୋଟି ଖର୍ଚ୍ଚ କରିବା ପରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ଟେଣ୍ଡର କରି ଏକ କମ୍ପାନୀକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେଇଥିଲା । ଏହାପରେ ସରୋବରର ଅବସ୍ଥା ଲୋକଙ୍କୁ ଚିନ୍ତିତ କରିଛି ।

ଏନେଇ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧୀନା ଦସ୍ତଗିର କହିଛନ୍ତି, ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା କମ୍ପାନୀକୁ ସ୍ପଷ୍ଟୀକରଣ ମଗାଯାଇଛି । ମରାମତି ଓ ରକ୍ଷଣାବେକ୍ଷଣରେ ବହୁତ ଖିଲାପ କରାଯାଇଛି । ତେଣୁ ପୁଣି ଥରେ ଟେଣ୍ଡର ଓପନ୍ କରାଯାଇଛି । ଏନେଇ କିଛି ଅଭିଭାବକ ମଧ୍ୟ ପ୍ରତିକ୍ରିୟାରେ କ୍ଷୋଭପ୍ରକାଶ କରଛନ୍ତି । ବାସନ୍ତୀକଲୋନିର ଦେବାଶିଷ ପରିଡ଼ା କୁହନ୍ତି, ସରୋବରକୁ ପ୍ରବେଶ ପାଇଁ ୧୫ ଟଙ୍କା ଲେଖାଏ ନେଉଛନ୍ତି । କିନ୍ତୁ ମିଳୁଛି କ'ଣ ? ବସିବାକୁ ଚେୟାର ନାହିଁ କି ପିଲାଙ୍କ ଖେଳିବା ପାଇଁ ପାର୍କରେ ସୁବିଧା ନାହିଁ । ଆଉ ଏଠି ଭସାପୋଲର ଅବସ୍ଥା ଏମିତି ଯେ ପିଲାଙ୍କୁ ଛାଡ଼ିବାକୁ ଡର ଲାଗୁଛି । ଅନେକସ୍ଥାନରେ ପ୍ଲାଷ୍ଟିକ୍ ବ୍ରିଜ୍ ନାହିଁ । ଛୋଟ ପିଲା ଯଦି ଭୁଲରେ ପଡ଼ିବେ ତାହେଲେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ପୋଖରୀରୁ ପାଣି ମଧ୍ୟ ନିଷ୍କାସିତ ହେଉନାହିଁ । ପାଣିରୁ ବାହାରୁଥିବା ଦୁର୍ଗନ୍ଧ ପରିବେଶକୁ ଆହୁରି ଅସ୍ୱାସ୍ଥ୍ୟକର କରିଛି । ପ୍ରଶାସନକୁ ଏହାପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ ।

ପ୍ରଥମେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପରେ ଏବେ ଫାସ୍‌ଟ୍ୟାଗିଂ ମଧ୍ୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି । ବୀମା ଏବଂ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଫାସ୍ ଟ୍ୟାଗ୍ ଆକ୍ଟିଭେଟ୍ ହେବନି । ସବୁ କାଗଜପତ୍ର ନଥିଲେ ଟୋଲ୍‌ଗେଟ୍‌ରେ ଦେବାକୁ ହେବ ମୋଟା ଅଙ୍କର ଜରିମାନା । ଫେବୃଆରୀ ୧ ତାରିଖରୁ ଲାଗୁ ହେବ ନୂଆ ନିୟମ । ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ନିଷ୍ପତ୍ତି ନିଆଯାଇଛି । ରାତି ପାହିଲେ ନୂଆ ନୂଆ ନିୟମ ଲାଗୁ କରାଯାଉଛି । ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ପେଟ୍ରୋଲ ମିଳିବନି ଏଖବରରେ ଲୋକେ ଛାନିଆ ହୋଇଥିଲେ । ଏବେ ଫାସ୍‌ଟ୍ୟାଗ୍ ଆକ୍ଟିଭେସନ୍‌କୁ ନେଇ ଲୋକେ ପଡ଼ିଛନ୍ତି ଦ୍ୱନ୍ଦ୍ୱରେ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୯ ଜାନୁଆରୀ, ୨୦୨୬ | ଶୁକ୍ରବାର

# ଓଡ଼ିଶା ଏକ୍ସପ୍ରେସ୍

## ନିଜ ଦାନାପାଣି କଥା ଚିନ୍ତା କରିବାକୁ ସମୟ କାହିଁ?

**ଖା**ଇପିଇ ଭଲରେ ଟିକେ ବଞ୍ଚିବା ପାଇଁ ପ୍ରତିଟି ମଣିଷ ସଂଘର୍ଷ କରୁଛି । ନିମ୍ନ ମଧ୍ୟବିତ୍ତ ଏବଂ ଗରିବ ବର୍ଗଙ୍କ କଥା ନ କହିବା ଭଲ । ଏଭଳି ସମୟରେ ରାତି ପାହିଲେ ଲୋକଙ୍କ ହାତରେ ଏତେଗୁଡ଼େ ସରକାରୀ କାମ ରହୁଛି ଯେ, ନିଜ ବୃତ୍ତି କିଭଳି ସିଏ ସମ୍ଭାଳିବ ଏଇ ଚିନ୍ତା ଘାରୁଛି ତାକୁ । କୌଣସି ସରକାରୀ ଦପ୍ତରକୁ ଯାଆନ୍ତୁ କାମ ପାଇଁ ସାଙ୍ଗେସାଙ୍ଗେ ହୋଇଯିବ ଏଭଳି ଆଶା କରିବା ବୃଥା, ଯଦିବି ଏହା ସାଙ୍ଗେସାଙ୍ଗେ ହୋଇଯିବା ଭଳି କାମ ହୋଇଥାଏ । ଆପଣଙ୍କୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ । ଏଥିପାଇଁ ଆପଣଙ୍କର ପୂରା ଗୋଟେ ଦିନ କିମ୍ବା ଗୋଟେ ସପ୍ତାହ ମଧ୍ୟ ନଷ୍ଟ ହୋଇପାରେ । ଜମିଜମା କାମ ଥିଲେ ତ ମାସ ମାସ ଲାଗିଯାଉଛି । ଯଦି ଆପଣ ଶ୍ରମଜୀବୀ ହୋଇଥିବେ ଗୋଟେ ଦିନର ମଜୁରି ଗଲା, ଆଉ ଯଦି କୌଣସି ଘରୋଇ ସଂସ୍ଥାରେ କାମ କରୁଥାନ୍ତି ତା'ହେଲେ ଅବସ୍ଥା ଆହୁରି ସାଂଘାତିକ ହୋଇପାରେ! ବାରମ୍ବାର ଅନୁପସ୍ଥିତ ରହିଲେ ଚାକିରି ଚାଲିଯିବାର ଭୟ ମଧ୍ୟ ରହିଛି ।

ଏବେ ଟାଟା କମ୍ପାନୀର ଅତିରିକ୍ତ ଜମା ଦେୟକୁ ନେଇ ଲୋକେ ଚିନ୍ତାରେ । ଏଥିସହିତ ଗାଡ଼ିମୋଟରର ପଲ୍ୟୁସନ ସାର୍ଟିଫିକେଟ ହାସଲ କରିବା ମଧ୍ୟ ଆଉ ଏକ ମୁଣ୍ଡବ୍ୟଥାର କାରଣ ହୋଇଛି । ସବୁଠି ଭିଡ଼ । ପଲ୍ୟୁସନ ଯାଞ୍ଚ ପାଇଁ ଗଲେ ହଜାର ପ୍ରକାର କାଗଜପତ୍ର ମାଗୁଛନ୍ତି ସେମାନେ । ପୁରୁଣା ଜରିମାନା ଯଦି ପଇଠ କରିନଥିବେ ତା'ହେଲେ ଯାଞ୍ଚ ହୋଇପାରୁନି । ଯେଉଁ ଜରିମାନା ଆପଣଙ୍କୁ ଦେବା ପାଇଁ ପୂର୍ବରୁ ନୋଟିସ୍ ଅଛି ତାହା ଆପଣଙ୍କର କୌଣସି ଭୁଲ୍ ନଥାଇ ଯଦି ଆସିଥାଏ ସେଥିପାଇଁ ମଧ୍ୟ ଆପଣଙ୍କୁ ଦହଗଞ୍ଜ ହେବାକୁ ପଡ଼ିବ । ଏଭଳି ସମସ୍ୟାର ସମାଧାନ କରିବାକୁ କେତେ ସମୟ ଲାଗେ ସେକଥା କାହାରିକୁ ଅଛପା ନାହିଁ । ତେଣୁ ଆପଣଙ୍କର କୌଣସି ଭୁଲ୍ ନଥାଇ ମଧ୍ୟ ଆମ ଦେଶରେ ଆପଣ ଦହଗଞ୍ଜ ହୋଇପାରନ୍ତି । ଏଇ କାରଣରୁ କୌଣସି ବାକିଆ ଦେୟର ସମାଧାନ ହୋଇନଥିଲେ ପଲ୍ୟୁସନ ଯାଞ୍ଚ ହୋଇପାରୁନାହିଁ । ତେଣୁ ଆପଣଙ୍କର କୌଣସି ଦୋଷ ନଥାଇ ମଧ୍ୟ ପ୍ରଥମେ ସବୁ ଦେୟ ପଇଠ କରିବାକୁ ପଡ଼ିବ, ତା'ପରେ ପଲ୍ୟୁସନ ଯାଞ୍ଚ ଆପଣ କରିପାରିବେ ।

ସମସ୍ତେ ତ ଆଉ ସରକାରୀ ଚାକିରି କରିନାହାନ୍ତି ଯେ ମନଇଚ୍ଛା ଛୁଟିରେ ରହିଲେ ମଧ୍ୟ କେହି କେଶ ବକ୍ର କରିପାରିବେ ନାହିଁ? ତେଣୁ ଶ୍ରମଜୀବୀ ଏବଂ ଘରୋଇ ସଂସ୍ଥାର କର୍ମଜୀବୀଙ୍କ ପାଇଁ ଗାଡ଼ି ମୋଟର ଯାଞ୍ଚ ଏକ ଅଭିଶାପ ପାଲଟିଛି ଏବେ । ନିଜ ବୃତ୍ତି ସମ୍ଭାଳିବା କାଠିକର ପାଠ ହେଲାଣି ।

ପ୍ରଦୂଷଣ ବଢ଼ି ବଢ଼ି ଚାଲିଛି, ତେଣୁ ସରକାର ଏବେଠୁ କେବଳ ଗାଡ଼ିମୋଟରର ଧୂଆଁକୁ ଜଗୁଛନ୍ତି । କଳକାରଖାନା ଧୂଆଁ ବୋଧେ ପ୍ରଦୂଷଣ କରେ ନାହିଁ ! ସେ ଧୂଆଁରେ ଅମ୍ଳଜାନ ଭରପୂର ଥାଏ ବୋଧେ ଲୋକଙ୍କ ପାଇଁ!

ହଁ, ଏଇଠି ଗୋଟେ ପ୍ରଶ୍ନ ମନକୁ ଆସୁଛି– ଅନେକ ଲୋକ କହୁଛନ୍ତି– ଆମେ ଏଇ ବର୍ଷକ ତଳେ ଗାଡ଼ି କିଣିଛୁ, କିଏ ପୁଣି କହୁଛି ଏଇ ଛ'ମାସ ତଳେ କିଣିଛୁ । ନୂଆ ଗାଡ଼ି ଆଜ୍ଞା ଆମର । କମ୍ପାନୀର ସବୁତକ ଫ୍ରି' ସର୍ଭିସ୍ ମଧ୍ୟ ସରିନି । ତେଣୁ ପଲ୍ୟୁସନ ଟେଷ୍ଟରେ କେମିତି ଆମ ଗାଡ଼ି ଅଯୋଗ୍ୟ ହେଉଛି? ଆମକୁ ଫାଇନ୍ ଗଣିବାକୁ ପଡୁଛି କାହିଁକି? ଏଥିପାଇଁ କମ୍ପାନୀକୁ ସରକାର ଦାୟୀ କରିବା କଥା । ଆଜିକାଲି ଜିରୋ ପଲ୍ୟୁସନ ଗାଡ଼ି ବିକୁଛନ୍ତି ବୋଲି କମ୍ପାନୀମାନେ କହୁଛନ୍ତି ତାଙ୍କ ବିଜ୍ଞାପନରେ । ଯଦି ନୂଆ ଗାଡ଼ି ପରିବେଶ ପ୍ରଦୂଷିତ କଲା ତା'ହେଲେ ସରକାର କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍, କମ୍ପାନୀରେ ତାଲା ପକାଇବା ଉଚିତ୍ । କେବଳ ଚାଳକଙ୍କ ଉପରେ କୋରଡ଼ାମାଡ଼ କଲେ ଏହାକୁ ଅନ୍ୟାୟ ବୋଲି ବିବେଚନା କରାଯାଇପାରେ ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ପ୍ରଥମେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପରେ ଏବେ ଫାସ୍‌ଟ୍ୟାଗିଂ ମଧ୍ୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି । ବୀମା ଏବଂ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଫାସ୍ ଟ୍ୟାଗ୍ ଆକ୍ଟିଭେଟ୍ ହେବନି । ସବୁ କାଗଜପତ୍ର ନଥିଲେ ଟୋଲ୍‌ଗେଟ୍‌ରେ ଦେବାକୁ ହେବ ମୋଟା ଅଙ୍କର ଜରିମାନା । ଫେବୃଆରୀ ୧ ତାରିଖରୁ ଲାଗୁ ହେବ ନୂଆ ନିୟମ । ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ନିଷ୍ପତ୍ତି ନିଆଯାଇଛି । ରାତି ପାହିଲେ ନୂଆ ନୂଆ ନିୟମ ଲାଗୁ କରାଯାଉଛି । ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ପେଟ୍ରୋଲ ମିଳିବନି ଏଖବରରେ ଲୋକେ ଛାନିଆ ହୋଇଥିଲେ । ଏବେ ଫାସ୍‌ଟ୍ୟାଗ୍ ଆକ୍ଟିଭେସନ୍‌କୁ ନେଇ ଲୋକେ ପଡ଼ିଛନ୍ତି ଦ୍ୱନ୍ଦ୍ୱରେ । ଅନ୍ୟପଟେ ଯେଉଁମାନେ ଜରିମାନା ଦେବା ପାଇଁ ଚାହୁଁଛନ୍ତି ସବୁଠି ଲମ୍ବା ଧାଡ଼ି ଦେଖିବାକୁ ମିଳୁଚି । ଜରିମାନା ଆଦାୟ ପାଇଁ ଭିତ୍ତିଭୂମିର ଅଭାବ ଥିବାରୁ ଗାଡ଼ି ଚାଳକମାନେ ହନ୍ତସନ୍ତ ହେଉଛନ୍ତି । ପ୍ରଶ୍ନ ଉଠୁଛି ଲୋକଙ୍କର ଆଉ କୌଣସି କାମ ନାହିଁ, କେବଳ ଗାଡ଼ିମୋଟରର କାଗଜପତ୍ର ଠିକ୍‌ଠାକ୍ କରିବାକୁ ଦିନ ଦିନ ବିତେଇବେ ? ନିଜ ବୃତ୍ତିକୁ ତ ପୁଣି ସମ୍ଭାଳିବାକୁ ପଡ଼ିବ ନା? ଏ କଥା ସରକାର ଟିକେ ଚିନ୍ତା କରନ୍ତୁ ! ପ୍ରଥମେ ଭିତ୍ତିଭୂମି ସଜାଡ଼ନ୍ତୁ । ବର୍ଷସାରା ପଲ୍ୟୁସନ ଯାଞ୍ଚ କରିବାକୁ କିଏ ମନା କରିଥିଲା??

# ଜନତା ଓ ଜନସେବା

## ଜିଜ୍ଞାସା



ନିରଞ୍ଜନ ଶତପଥୀ

**ଜ**ନତା କହିଲେ ଦେଶ ଓ ରାଜ୍ୟରେ ବାସ କରୁଥିବା ଜନସାଧାରଣଙ୍କୁ ବୁଝାଇଥାଏ। ଇଂରାଜୀରେ ଅଛି 'Service to Mankind is Service to God' ଅର୍ଥାତ୍ ମାନବ ସେବା ହିଁ ଈଶ୍ୱର ସେବା । ତେଣୁ ଜନତାଙ୍କୁ ଜନାର୍ଦ୍ଦନ ଭାବରେ ବର୍ଣ୍ଣନା କରାଯାଇଛି । ତେଣୁ ଜନତାଙ୍କ ସେବା ହେଉଛି ଏକ ପବିତ୍ର ତଥା ମହତ କାର୍ଯ୍ୟ । ଏହି ଜନସେବା କାର୍ଯ୍ୟ ସମସ୍ତଙ୍କ ଭାଗ୍ୟରେ ମିଳିନଥାଏ । ମଦର ଟେରେସାଙ୍କ ଉଦାହରଣ ନିଆଯାଇପାରେ । ସେ ଜନତାଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ସେବାରେ କୌଣସି ସ୍ୱାର୍ଥ ନଥିଲା । ତାଙ୍କର ଏହି ନିଃସ୍ୱାର୍ଥପର ସେବା ପାଇଁ ସେ ଅବିବାହିତ ରହି ମଧ୍ୟ ଜଗତର ମାଆ ବୋଲି ସମ୍ବୋଧିତ ହୋଇଥିଲେ । ଏହିପରି ଅନେକ ଉଦାହରଣ ରହିଛି । ଆମ ଓଡ଼ିଶାରେ ଅନେକ ମହାନ ବ୍ୟକ୍ତି ଜନ୍ମଗ୍ରହଣ କରି ଜନତାର ସେବା କରି ଯୁଗ ଯୁଗ ଧରି ଅମର ହୋଇ ରହିଯାଇଛନ୍ତି। ସେମାନଙ୍କୁ ଓଡ଼ିଶା କେବେହେଲେ ଭୁଲିପାରିବ ନାହିଁ । ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଉତ୍କଳର ଗର୍ବ ଓ ଗୌରବ । ସେ ଥିଲେ ଓଡ଼ିଆ ଜାତିର ମୁକୁଟ ବିହୀନ ସମ୍ରାଟ । ତାଙ୍କର ତ୍ୟାଗ, ନିଷ୍ଠା ଓ ଅଦମ୍ୟ ଉଦ୍ୟମ ଫଳରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା। ବର୍ତ୍ତମାନର ଓଡ଼ିଶା ପୂର୍ବରୁ ସେପରି ନଥିଲା। ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ଗଠନ କରିଥିଲେ । ସେ ଥିଲେ ନବଉତ୍କଳର ନିର୍ମାତା, ନିସ୍ତେଜ ଓଡ଼ିଆ ପ୍ରାଣରେ ସେ ଭରି ଦେଇଥିଲେ ନୂତନ ଶକ୍ତି । ନିଜସ୍ୱ ପାଣ୍ଠିରୁ ସେ ଓଡ଼ିଶା ପାଇଁ ଖର୍ଚ୍ଚ କରୁଥିଲେ। ସେ କହୁଥିଲେ ମନ୍ତ୍ରୀମାନେ ଅବୈନୈତିକ ହୁଅନ୍ତୁ। ଦେଶବାସୀଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରନ୍ତୁ। ଠିକ୍ ସେହିପରି ଆଉ ଜଣେ ମହାନ ସଚ୍ଚା ଜନସେବକ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଦରିଦ୍ରମାନଙ୍କ ସେବା ଥିଲା ତାଙ୍କର ପରମ କର୍ତ୍ତବ୍ୟ । ସେ ଅସହାୟ ଦରିଦ୍ରମାନଙ୍କର ବନ୍ଧୁ । ଡକ୍ଟର ମାୟାଧର ମାନସିଂହ ତାଙ୍କ ବିଷୟରେ ଲେଖିଥିଲେ–

ପୁଣ୍ୟ–ପ୍ରାଣ ଗୋପବନ୍ଧୁ ଉତ୍କଳ ଦେଶର
ମୁକୁଟ ବିହୀନ ରାଜା, ଦୀନ ଦରିଦ୍ରର ।

ଓଡ଼ିଆ ଲୋକଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବାରେ ସେ ପ୍ରମୁଖ ଭୂମିକା ନେଇଥିଲେ । ପାଟନାର ଲାଟସଭାରେ ୧୯୧୯ ମସିହାର ଭୟଙ୍କର ଦୁର୍ଭିକ୍ଷ ବିଷୟରେ ଆଲୋଚନା କରୁଥିବା ବେଳେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କାନ୍ଦି ପକାଇଲେ । ସେ ନିଜ ଘର କଥାକୁ ପଛରେ ପକାଇ ଓଡ଼ିଶାର ଲୋକମାନଙ୍କର ସେବା କରୁଥିଲେ । ତାଙ୍କ ଜନସେବା ପାଇଁ ସେ ସମଗ୍ର ଦେଶରେ ପରିଚିତ ଥିଲେ । ଯେତେବେଳେ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ ସେତେବେଳେ ଏହି ପୁଣ୍ୟାତ୍ମା ଗୋପବନ୍ଧୁଙ୍କ କଥା ମନେପଡ଼ିଥାଏ । ଠିକ୍ ସେହିପରି ପଣ୍ଡିତ ନୀଳକଣ୍ଠ ଦାସ ଜଣେ ସମର୍ପିତ ବ୍ୟକ୍ତି ଭାବରେ ପରିଚିତ ଥିଲେ । ସେ ନିଜକୁ ଓ ପରିବାରକୁ ଭୁଲି ଜନତାଙ୍କ ସେବା କରୁଥିଲେ । ତାଙ୍କୁ ମର୍ତ୍ତ୍ୟ ଦେବତା ବୋଲି କୁହାଯାଉଥିଲା । ସେ ସରକାରୀ ଚାକିରି ନ କରି ଦେଶ ସେବା କରିବା ପାଇଁ ଛାତ୍ରଜୀବନରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ହରିହରଙ୍କ ସହିତ ଶପଥ ଗ୍ରହଣ କରିଥିଲେ । ତାହାହିଁ କଲେ । ସେ ଜୀବନର ଶେଷ ପର୍ଯ୍ୟନ୍ତ ଜନତାଙ୍କର ସେବା କରିଥିଲେ । ତାଙ୍କର ଦୁଇଟି କନ୍ୟା ଅକାଳରେ ମୃତ୍ୟୁବରଣ କରିଥିଲେ ମଧ୍ୟ ସେ ସେଥିରେ ଆଦୌ ବିଚଳିତ ନହୋଇ ଜନସେବା କରିଚାଲିଲେ । ସେ ମଧ୍ୟ ବହୁ ଉଚ୍ଚ ପଦବୀରେ ଅଧିଷ୍ଠିତ ଥିଲେ । ସେ ୧୯୫୭ ମସିହାରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ । ଜନତାଙ୍କର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ରାତିରେ ଅସୁବିଧାରେ ପଡି କାଳେ ତାଙ୍କୁ କେହି ପାଇବେ କି ନାହିଁ ଚିନ୍ତା କରି ନିଜ ଘରେ ନ ଶୋଇ ବାହାର ଦାଣ୍ଡ ପିଣ୍ଡାରେ ଶୋଉଥିଲେ। ୧୯୫୧ ମସିହାରେ ପୁରୀଠାରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ଉତ୍କଳ ଗୁରୁ ଉପାଧିରେ ବିଭୂଷିତ ହୋଇଥିଲେ । ଗୋଦାବରୀଶ ମିଶ୍ର, ନବକୃଷ୍ଣ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଭୃତି ମହାନ ବରପୁତ୍ରମାନେ ଓଡ଼ିଶାର ସେବା କରି ସୁଖ୍ୟାତି ଅର୍ଜନ କରିଅଛନ୍ତି । ସେମାନଙ୍କ ସେବା, ତ୍ୟାଗ ଓ ନିଷ୍ଠା ସେମାନଙ୍କୁ ଯୁଗ ଯୁଗ ଧରି ଅମର କରି ରଖିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସେବାମାନଙ୍କ ମଧ୍ୟରୁ ଜନସେବା ହେଉଛି ଏକ ଶ୍ରେଷ୍ଠ କାର୍ଯ୍ୟ । ସ୍ୱାର୍ଥସିଦ୍ଧି ନିମିତ୍ତ ତାହା କାର୍ଯ୍ୟକଲେ ମନ୍ଦ ଫଳ ମିଳିଥାଏ । ନିଃସ୍ୱାର୍ଥପର ଜନସେବା ହେଉଛି ପ୍ରକୃତ ଜନସେବା । ଜନସେବା ଅତି କଠିନ । ଶ୍ରୀରାମକୃଷ୍ଣ ଉପନିଷଦରେ ଏ ବିଷୟରେ ଲେଖାଅଛି 'ସ୍ୱାର୍ଥ ପାଇଁ ବା କୀର୍ତ୍ତି ଲାଭ ଆଶାରେ କୌଣସି କାର୍ଯ୍ୟ କରିବା ସେବା ହୋଇନପାରେ, ତାହା କେବଳ ଦୋକାନଦାରୀ ମାତ୍ର । ଦେଶ ସେବା କରି ଅନେକ ମହାତ୍ମା ନାମ ଯଶ ଅର୍ଜନ କରିଛନ୍ତି ସତ, କିନ୍ତୁ ସେହି କୀର୍ତ୍ତିମାନ ପୁରୁଷଗଣ ନାମ ଯଶ ପାଇଁ କୌଣସି କାର୍ଯ୍ୟ କରିନାହାନ୍ତି । ସେମାନଙ୍କର ନିଃସ୍ୱାର୍ଥ ତ୍ୟାଗପୂତ ଜୀବନରେ ଅନାସକ୍ତ ଭାବରେ ଜନକଲ୍ୟାଣ କରିବା ହିଁ ଥିଲା ମୁଖ୍ୟ ଉଦ୍ଦେଶ୍ୟ । ଏହା ତାଙ୍କର ସାଫଲ୍ୟ ଓ କୀର୍ତ୍ତିର ଗୁଢ଼ ରହସ୍ୟ । ନାମ ଯଶର ଆକାଂକ୍ଷା ସେମାନଙ୍କର ବିନ୍ଦୁ ମାତ୍ର ନଥିଲା । ଆମ ଦେଶରେ ଓ ରାଜ୍ୟରେ ଅନେକ ଜନସେବକମାନେ ଜନସାଧାରଣଙ୍କ ସେବା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ଆମ ଦେଶରେ ଗଣତନ୍ତ୍ର ଶାସନ ଚାଲିଛି । ଜନସାଧାରଣ ଭୋଟ ଦେଇ ପ୍ରତିନିଧି ବାଛିଥାନ୍ତି । ସେହିମାନେ ହିଁ ଦେଶର ଓ ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ କରି ଶାସନ କାର୍ଯ୍ୟ ପରିଚାଳନା କରିଥାନ୍ତି । ସେହିମାନେ ଦେଶର ଓ ରାଜ୍ୟର ମଙ୍ଗଳ ବିଧାନ ପାଇଁ କାର୍ଯ୍ୟ କରିଥାନ୍ତି । ଜନସାଧାରଣ ସେମାନଙ୍କ ଉପରେ ଭରସା ରଖିଥାନ୍ତି । ସେମାନେ ହେଉଛନ୍ତି ଜଣେ ଜଣେ ଦେଶ ସେବକ । ସେମାନେ ଦେଶର ଚାକିରିଆ ବା କର୍ମଚାରୀ ନୁହଁନ୍ତି । କର୍ମଚାରୀମାନେ ବେତନଭୋଗୀ । ସେମାନଙ୍କ ବେତନ ବୃଦ୍ଧି ପାଇଁ ଏକ ବେତନ କମିଶନ ମଧ୍ୟ ଗଠନ କରାଯାଇଛି । ପ୍ରତି ୫ଦଶବର୍ଷରେ ଥରେ ବେତନ କମିଶନ ସେମାନଙ୍କ ଦରମା ବୃଦ୍ଧି ନିର୍ଦ୍ଧାରଣ କରିଥାନ୍ତି । ସରକାର ତାଙ୍କର ରିପୋର୍ଟ ଅନୁସାରେ ତାହା କାର୍ଯ୍ୟ କରିଥାନ୍ତ ।

ମନ୍ତ୍ରୀ ଓ ବିଧାୟକମାନେ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରୁଥିବା ହେତୁ ସେମାନଙ୍କ ପାଇଁ ଅର୍ଥର ଆବଶ୍ୟକତା ରହିଛି । ସେମାନେ ରାଜକୋଷରୁ ଦରମା ଓ ଭା ଗ୍ରହଣ କରିବାର ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ରହିଛି । ସେମାନେ ନିଜର ଦରମା ଓ ଭତ୍ତା ସ୍ଥିର କରିଥାନ୍ତି । ଏହି ବ୍ୟବସ୍ଥା ମଧ୍ୟ ଆମ ଦେଶରେ ପ୍ରଚଳିତ ଅଛି । ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧିରେ କେହି ପ୍ରତିକ୍ରିୟା ପ୍ରକାଶ କରିନଥାନ୍ତି । କିନ୍ତୁ ଗତ ୯ ଡିସେମ୍ବର ୨୦୨୫ ମସିହାରେ ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭା ତିନିଗୁଣ ବୃଦ୍ଧି ବିଲ୍‌ଟି ବିଧାନସଭାରେ ପାସ୍ ହୋଇଯିବା କଥା ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିବା ପରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବର୍ତ୍ତମାନ ସରକାର ଏକ ଅଡୁଆ ପରିସ୍ଥିତିରେ ପଡ଼ିଛନ୍ତି । ଏହି ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍‌ଟି ଥିଲା ସମଗ୍ର ଦେଶରେ ସର୍ବାଧିକ । ଯେକୌଣସି ବିଲ୍ ବିଧାନସଭାରେ ଆଗତ କଲାବେଳେ ସରଗରମ ଆଲୋଚନା ହୋଇଥାଏ । ବେଳେବେଳେ ବିରୋଧୀ ଦଳ ପକ୍ଷରୁ ମଧ୍ୟ ବିରୋଧ କରାଯାଏ । ବିଲ୍‌ଟି ବିଧାନସଭାରେ ପାସ୍ ହେବା ସହଜ ହୋଇନଥାଏ । ବିଧାନସଭାରେ ବିଲ୍‌ଟି ପାସ୍ ହେବାକୁ ମୋଟ୍ ଦୁଇ ତୃତୀୟାଂଶ ସଭ୍ୟଙ୍କର ସମର୍ଥନ ଆବଶ୍ୟକ ହୋଇଥାଏ । କେବଳ ବିଜେପି ସଭ୍ୟମାନଙ୍କ ସମର୍ଥନରେ ଏହି ବିଲ୍‌ଟି ପାସ୍ ହୋଇପାରିନଥାନ୍ତା । ଏହି ବିଲ୍‌ଟି ମଧ୍ୟ ସମସ୍ତ ବିଧାୟକମାନଙ୍କ ସ୍ୱାର୍ଥ ଜଡ଼ିତ ଥିଲା । ତେଣୁ କୌଣସି ବିଧାୟକ ଏହାର ବିରୋଧ କରିନଥିଲେ । କେବଳ ବଣାଇର ସିପିଏମ୍ ବିଧାୟକ ଏହାର ପ୍ରତିବାଦ କରିଥିଲେ । ତେଣୁ ଏହି ବିଲ୍‌ଟି ଗତ ଡିସେମ୍ବର ମାସ ୯ ତାରିଖ ଦିନ ବିଧାନସଭାରେ ଅତି ସହଜରେ ପାସ୍ ହୋଇଗଲା । ଜନସାଧାରଣଙ୍କ ଦୃଷ୍ଟିରେ ବିଧାୟକମାନଙ୍କ ମଧ୍ୟରେ ଦଳୀୟ ଭାବନା । କିନ୍ତୁ ନିଜ ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ସମସ୍ତେ ଏକ ହୋଇଗଲେ । ଏହା ଲୋକମାନଙ୍କୁ ବିଚଳିତ କରିଛି । ଆମର କଥାରେ ଅଛି ଅତି ଲୋଭ ବି ନାଶାର କାରଣ ।

ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ବିରୋଧୀ ଦଳ ନେତା ଓ ବିଧାୟକମାନଙ୍କର ଦରମା ଓ ଭତ୍ତା ତିନିଗୁଣ ବୃଦ୍ଧି ବିଲ୍‌ଟି ସମଗ୍ର ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହୋଇଛି । ରାଜନୀତି କ୍ଷେତ୍ରରେ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ । ତୃତୀୟ, ଚତୁର୍ଥ ଶ୍ରେଣୀର ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ମନ୍ତ୍ରୀ, ବିଧାୟକ ହୋଇପାରିବେ । ତେଣୁ ବିଲ୍‌ଟି ଯୁବ ସମାଜକୁ ପ୍ରଭାବିତ କରୁଛି । ପିଲାମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଉଚ୍ଚଶିକ୍ଷା ଦେଇ ଏତେ ପରିମାଣର ଅର୍ଥ ଚାକିରି କରି ରୋଜଗାର କରିବା ସେମାନଙ୍କ ପକ୍ଷରେ କଷ୍ଟସାଧ୍ୟ । ଲକ୍ଷ ଲକ୍ଷ ପିଲା ଶିକ୍ଷାଲାଭ କରି ଚାକିରି ପାଉନାହାନ୍ତି । ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅନେକ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ପରିବର୍ତ୍ତେ ରାଜନୀତିରେ ଅଂଶଗ୍ରହଣ କରି ବିଧାୟକ ଓ ମନ୍ତ୍ରୀ ହେବାକୁ ଅଧିକ ପସନ୍ଦ କଲେଣି । ଜୀବନରେ କେବେ ଥରେ ବିଧାୟକ ହୋଇଗଲେ ସାରା ଜୀବନ ପେନସନ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିଥାଏ । ଗାନ୍ଧି ଓ ଗୋପବନ୍ଧୁଙ୍କ ସମୟର ରାଜନୀତି ଆଉ ନାହିଁ । ବର୍ତ୍ତମାନର ରାଜନୀତି ସ୍ୱାର୍ଥସର୍ବସ୍ୱ ହୋଇପଡ଼ିଛି । ଲୋକମାନଙ୍କ ଟିକସରେ ହିଁ ଓଡ଼ିଶାର ବିକାଶ କାର୍ଯ୍ୟ ହୋଇଥାଏ । ଲୋକଙ୍କ ଟିକସ ଅର୍ଥକୁ ବାଣ୍ଟି ନେଇଯିବା ପାଇଁ ଉଦ୍ୟମ କରିବା ଠିକ୍ ନୁହେଁ ବୋଲି ତୀବ୍ର ସମାଲୋଚନା କରାଯାଉଥିବା ଶୁଣାଯାଉଛି । ଏହି ବିଲ୍ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିଲା ପରେ ଆଇନରେ ପରିଣତ ହେବ । କଥାରେ ଅଛି ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ ପଡ଼ଇ ଭଲେ । ଏହି ରାଜ୍ୟର ମାଲିକ ସରକାର ନୁହଁନ୍ତି । ଏହି ରାଜ୍ୟର ମାଲିକ ହେଉଛନ୍ତି ରାଜ୍ୟବାସୀ । ଏହି ରାଜ୍ୟବାସୀ ରାଜ୍ୟର ଅର୍ଥ ଭଣ୍ଡାର ଦାୟିତ୍ୱ ସରକାରଙ୍କ ହସ୍ତରେ ଅର୍ପଣ କରିଛନ୍ତି । ଏହି ଅର୍ଥରେ ହିଁ ଓଡ଼ିଶାର ଶାସନ କାର୍ଯ୍ୟ ଚାଲୁଛି । ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭତ୍ତା ଅତ୍ୟଧିକ ବୃଦ୍ଧି ବିଲ୍‌ଟି ବିଧାନସଭାରେ ବିନା ବିରୋଧରେ ଅତି ସହଜରେ ପାସ୍ ହୋଇଯାଇଛି । ଏହା ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିବା ପରେ ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । ବର୍ତ୍ତମାନ ଓଡ଼ିଶା ଅର୍ଥନୈତିକ ଅବସ୍ଥା ଶୋଚନୀୟ । ଓଡ଼ିଶା ଋଣଯନ୍ତାରେ । ରାଜ୍ୟର ଅବସ୍ଥା ଦେଖି ବ୍ୟବସ୍ଥା କରିବା ଦରକାର । ଏପର୍ଯ୍ୟନ୍ତ ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଅନେକ ଗରିବ ଲୋକ ଦି' ପଇସା ରୋଜଗାର ପାଇଁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି । କର୍ମଚାରୀମାନଙ୍କ ଦାବି ପୂରଣ ହୋଇପାରୁନାହିଁ ସେମାନେ ରାଜରାସ୍ତାରେ । ଏହି ସମୟରେ ମନ୍ତ୍ରୀ ଓ ବିଧାୟକମାନଙ୍କର ଦରମା ଓ ବୃଦ୍ଧି ବିଲ୍ ବିଧାନସଭାରେ ଗୃହୀତ ହେଉଛି । ଏହା ଗଣମାଧ୍ୟମରୁ ଲୋକମାନେ ଜାଣିବା ପରେ ତାତିଲେ । ଶେଷରେ ଲୋକଶକ୍ତି ଆଗରେ ଲୋକପ୍ରତିନିଧିମାନେ ଅସହାୟ ହୋଇ ଏହାର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଆବେଦନ କଲେ । ଏଥିପାଇଁ ମଧ୍ୟ ବିଜେପି କାର୍ଯ୍ୟାଳୟରେ ବୈଠକ ବସି ଏହାର ସଂଶୋଧନ ପାଇଁ ଆଲୋଚନା କରାଯାଇଥିଲା । ଏହା ନିଶ୍ଚିତ କମିବ ବୋଲି ଜଣାପଡ଼ିଥିଲା । ମନ୍ତ୍ରୀ ଓ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗ ଓଡ଼ିଶା ହାଇକୋର୍ଟରେ ମଧ୍ୟ ଦାୟର କରାଯାଇଥିଲା । କବିତା ପାତ୍ର ଏ ବିଷୟରେ ଓଡ଼ିଶା ହାଇକୋର୍ଟରେ ମାମଲା ଦାୟର କରିଥିଲେ । ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ କୌଣସି ବିଧିବଦ୍ଧ ଆଇନ୍ ଆସିନଥିବାରୁ ଏହା ଖାରଜ ହୋଇଯାଇଥିଲା । ରାଜନେତା, ମନ୍ତ୍ରୀ ଓ ବିଧାୟକମାନଙ୍କ ଉପରେ ଜନତାର ଭରସା ରହିଛି । ଜନତାଙ୍କ ସେବାର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ । ନିଜ ସ୍ୱାର୍ଥକୁ ଭୁଲି ଜନସେବା କରିବା ସେମାନଙ୍କ କର୍ତ୍ତବ୍ୟ ।

**କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା**
**ମୋ. ୮୯୧୭୨୧୩୦୭୩**

# ମାଳତୀ ଚୌଧୁରୀ ଏକ ଅନିର୍ବାପିତ ଅଗ୍ନି ସ୍ଫୁଲିଙ୍ଗ

## ଦୁନିଆର ହାଲ୍



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

**ଦ୍ୱି**ଓଟି କଥା ପାଇଁ ସମ୍ମାନନୀୟା ଓ ସ୍ୱର୍ଗୀୟା ମାଳତୀ ଦେବୀ ଏବେ ମନେପଡିଲେ ଅତୀତରେ ତାଙ୍କୁ ନ୍ୟୂନକରି ଦେଖିଥିଲି । ତାଙ୍କଠାରୁ କ୍ଷମା ଚାହିଁଛି । ସେ ବିଷୟରେ କ'ଣ ଘଟିଲା ନ ଘଟିଲା ପରେ କହିବି । ଏବେ ଗୋଟିଏ ସମ୍ବାଦ ପ୍ରକାଶ ପାଇଛି ବୋଲି ଯେବେଠାରୁ ବଡ଼ଦିନଠାରୁ ନୂଆବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱରବାସୀ ୩୨ କୋଟିରୁ ଅଧିକ ମୂଲ୍ୟର ମଦ୍ୟପାନ କରିଛନ୍ତି। ମଦ'ର ପରିମାଣ ୧୧ ଲକ୍ଷ ଲିଟର ହେବ ।

୧୯୬୮–୬୯ ମସିହାରେ ମୁଁ ସ୍ୱର୍ଗତ ରବି ରାୟଙ୍କର ଅତିଥି ହୋଇ ତାଙ୍କ ସରକାରୀ ବାସଭବନରେ ରହୁଥିଲି । ସେ ସେତେବେଳେ ସଂପୃକ୍ତ ସୋସିଆଲିଷ୍ଟ ଦଳର ଲୋକସଭାର ନେତା ଥିଲେ । ନିଶାନିବାରଣ କାର୍ଯ୍ୟରେ ଦିଲ୍ଲୀକୁ ଆସିଥିଲେ । ସ୍ୱର୍ଗତ ରାବି ରାୟଙ୍କର ଅତିଥି ହୋଇଥାଆନ୍ତି । ତାଙ୍କ ସାଙ୍ଗରେ ତାଙ୍କର ଅନୁଗାମୀମାନେ ମଧ୍ୟ ଆସିଥିଲେ । ମୁଁ ଲୋକସଭାରେ ଗୋଟିଏ ଗବେଷଣା କରୁଥିଲି । ସ୍ୱର୍ଗତ ରବି ରାୟ ମୋତେ ମାଳତୀ ଦେବୀଙ୍କ ଆସିବା ବିଷୟ ଜଣାଇ ଥାଆନ୍ତି । ମୁଁ ଭୁଲି ଯାଇଛି । ମନରେ ତାଙ୍କ ପ୍ରତି ଏତେ ଶ୍ରଦ୍ଧା ନଥିଲା । ମୁଁ ଭାବି ନେଲି ସେ ଆସନ୍ତୁ, ମୁଁ ଯାହା ଶୁଣିଥିଲି ସେ ତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ସହଧର୍ମିଣୀ ହୋଇ କଟକ ବେତାର କେନ୍ଦ୍ର ସମ୍ମୁଖରେ ସୀମା ଆନ୍ଦୋଳନ ଚାଲିଥିଲା ସମୟରେ ଏଭଳି କାର୍ଯ୍ୟ କଲେ ଯେ ସେ ତାଙ୍କ ଜୀବନକୁ ରକ୍ଷା କରିପାରିଲେ । ଆନ୍ଦୋଳନରତ ଯୁବନେତା ସୁନୀଲ ଦେ ପୋଲିସ ଗୁଳିରେ ମରିଗଲେ ।

ସେ ସ୍ୱର୍ଗତ ରାବିରାୟଙ୍କର ଅତିଥି ହେଲେ ମୁଁ କ'ଣ କରିବି? କଥା କିନ୍ତୁ ସବୁ ଓଲଟ ପାଲଟ ହୋଇଗଲା । ରବି ରାୟ ମୋତେ ଟେଲିଫୋନରେ ଡାକିଲେ ଓ କହିଲେ କ୍ଷୀରୋଦ, ମାଳତୀ ଦେବୀ ସନ୍ଧ୍ୟାବେଳୁ ଆସିଲେଣି । ତୁମେ ଏତେ ରାତି ଯାଏଁ କୁଆଡେ ବୁଲୁଛ, ସେ କହୁଛନ୍ତି ଘରର ସମସ୍ତ ସଭ୍ୟସଭ୍ୟା ଘରକୁ ଫେରି ପ୍ରାର୍ଥନା ନକଲେ ସେ ଦିନଟି ସଂପୂର୍ଣ୍ଣ ହେବନାହିଁ । ଶୀଘ୍ର ଫେରିଆସ । ମୁଁ ଶୀଘ୍ର ଶୀଘ୍ର ସବୁ କାର୍ଯ୍ୟ କରି ଫେରିଆସିଲି । ସ୍ୱର୍ଗତ ରବି ରାୟ ପାଖରୁ ଗାଳି ଖାଇଛି । ତାପରେ ଯାହା ସବୁ ଦେଖିଲି ଆଶ୍ଚର୍ଯ୍ୟ ହୋଇଗଲି । ମାଳତୀ ଦେବୀ ସମସ୍ତଙ୍କ ସହିତ ପ୍ରାର୍ଥନା କଲେ । ନିଶାନିବାରଣ କାର୍ଯ୍ୟକ୍ରମ ବିଷୟରେ କହିଲେ । ସମସ୍ତେ ଏକାଠି ରାତ୍ର ଭୋଜନ ନେଲେ । ଏପରି ପ୍ରକ୍ରିୟା ସବୁ ଭୋଜନ ପୂର୍ବରୁ ଓ ପରେ ହେଉଥିଲା । ତାଙ୍କ ବିଷୟରେ ମୋର ଯେଉଁ ଧାରଣ ଥିଲା ପରିବର୍ତ୍ତନ ହୋଇଗଲା । ତାଙ୍କ ପ୍ରତି ମୋର ପ୍ରଗାଢ଼ ଭକ୍ତି ଜାଗ୍ରତ ହେଲା। ନିଶାନିବାରଣ ପାଇଁ କେତେ କାର୍ଯ୍ୟ କରୁଛନ୍ତି । ଏନେଇ ସମଗ୍ର ଦେଶର ଲୋକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ । ଏପରି ମହିୟଷୀ ମହିଳାଙ୍କ ପ୍ରତି କେତେ କଦର୍ଯ୍ୟ ମୋର ମନୋଭାବ ଥିଲା । ସେ କିଛିଦିନ ନୂଆଦିଲ୍ଲୀରେ ରହିଗଲେ, ତାଙ୍କ ବିଷୟରେ କିଛି ଫଟୋ ଓ ସମ୍ବାଦ ପ୍ରକାଶ ପାଇଥାଏ, ମୁଁ ସେ ସବୁ ଆଗ୍ରହର ସହିତ ଦେଖେ ।

ନିଶାନିବାରଣ ହୋଇପାରୁଛି ନହୋଇପାରୁଛି ଏକଥା ଭିନ୍ନ । କିନ୍ତୁ ସରକାର କ'ଣ ଏପରି ପ୍ରଥାଟିକୁ କ୍ରମେ ବନ୍ଦ କରାଯିବା ପାଇଁ ସକ୍ରିୟ ପଦକ୍ଷେପ ନେଇ ପାରିବେ ନାହିଁ? ଆମର ଜାତିର ଜନକ ମହାତ୍ମା ଗାନ୍ଧୀ ଦେଶର ସ୍ୱାଧୀନତା ପରେ ସଂପୂର୍ଣ୍ଣ ନିଶା ନିବାରଣ ସଂକଳ୍ପ ବିଷୟରେ କହିଥିଲେ । ଦେଶସାରା ସରକାରମାନେ ଓ ଜାତୀୟ ସରକାର କେହି ନିଶାନିବାରଣ ଉପରେ ଜୋର ଦେଉନାହାନ୍ତି ।

ଆଉ ଗୋଟିଏ କଥା ସମ୍ମୁଖକୁ ଆସିଛି । ନଭେମ୍ବର ୨୬, ୨୦୨୫ରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା । କେତେକ ବହି ପଢୁଥିଲି, ସେଥିରେ କୁହାଯାଇଥିଲା ଯେ ଓଡ଼ିଶାର ଯେଉଁ କେତେକ ସମାଜସେବୀ ମହିଳାମାନେ ସମ୍ବିଧାନ ପ୍ରୟତର୍ମ ବିଷୟରେ ଅଗ୍ରଣୀ ଭୂମିକା ନେଉଥିଲେ, ସେମାନଙ୍କ ମଧ୍ୟରେ ମାଳତୀ ଦେବୀ ଥିଲେ ଅନ୍ୟତମ ନେତ୍ରୀ। ସମ୍ବିଧାନର ପ୍ରତ୍ୟେକ ବିଷୟରେ ସବୁ ପ୍ରକାର ଆଲୋଚନା ଓ ପର୍ଯ୍ୟାଲୋଚନାରେ ଯୋଗଦେଇ ମାଳତୀ ଦେବୀ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦୃଷ୍ଟିରୁ ସେ ଆମପାଇଁ ଓ ଆମ ପ୍ରଦେଶର ଗର୍ବ ଓ ଗୌରବର ପ୍ରତୀକ ଥିଲେ।

ମହାତ୍ମା ଗାନ୍ଧୀଙ୍କର ସେ ଜଣେ ଶ୍ରଦ୍ଧାର ପାତ୍ର ଥିଲେ । ତାଙ୍କୁ ମହାତ୍ମାଗାନ୍ଧୀ ଶ୍ରଦ୍ଧାରେ ସମ୍ବୋଧନ କରୁଥିଲେ ତୁଫାନୀ । ବଙ୍ଗଳାର ଅତି ସମ୍ଭ୍ରାନ୍ତ ପରିବାରର ସେ ଝିଅ ଥିଲେ। ୧୯୭୫ ଜାତୀୟ ଜରୁରିକାଳୀନ ପରିସ୍ଥିତିରେ ତାଙ୍କ ସଂଗଠନ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ହୋଇଥିଲା, ସେ ଭାଙ୍ଗି ପଡ଼ିଥିଲେ। ତାଙ୍କର ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କର ମଧ୍ୟ ହୃଦଘାତ ହୋଇଥିଲା। ସବୁ ପରିସ୍ଥିତିକୁ ଯଦିଓ ସାଧନା କରିବା ପାଇଁ ଅକ୍ଷମ ଥିଲେ । କିନ୍ତୁ ଏସବୁ ପରିସ୍ଥିତି ଏପରି ହୃଦୟ ବିଦାରକ ଥିଲା ଯେ ସେ ଶେଷକୁ ପ୍ରାଣତ୍ୟାଗ କରିଲେ ।

ମାଳତୀ ଚୌଧୁରୀ ସବୁ ସମୟରେ ଜଣେ ବିପ୍ଳବିନୀ ହୋଇ ରହିଛନ୍ତି । କେଉଁଠି ନଇଁପଡି ନାହାନ୍ତି । ଅନ୍ୟାୟ ବିରୋଧରେ ସାଲିସ ନ କରି ବି ସଂଗ୍ରାମ କରିଆସିଛନ୍ତି । ସେ ଯେଉଁସବୁ ଆଦର୍ଶ ପାଇଁ ସଂଗ୍ରାମ ପାଇଁ ଲଢୁଥିଲେ, ଆମେ ସେଇସବୁ ଆଦର୍ଶ ପାଇଁ ସଂଗ୍ରାମ କରିବା । ଆମେ ସେଇସବୁ ଆଦର୍ଶକୁ ମନେପକାଇ ତାଙ୍କର ଗୁଣର୍କୀନ କରିବା। ୯୪ ବର୍ଷରେ ମାର୍ଚ୍ଚ ୧୯୯୮ ତାଙ୍କର ଦେହାନ୍ତ ହୋଇଥିଲା। ସେ ଓ ତାଙ୍କ ସ୍ୱାମୀ ନବକୃଷ୍ଣ ଚୌଧୁରୀ (ମୁଖ୍ୟମନ୍ତ୍ରୀ ଥିଲେ) ରାଜ୍ୟ ଉପରେ ଏପରି ପ୍ରଭାବ ଛାଡି ଯାଇଥିଲେ ଯେ, ସେ ଛାପରେ ଗର୍ବ, ଅଂହକାର ଆଉ ସ୍ୱାର୍ଥପରତା କିଛି ନଥିଲା ସେମାନେ ଉମ ସାଧାରଣ ଲୋକପରି ଚଳୁଥିଲେ। ଲକ୍ଷ୍ୟଥିଲା ଜନସାଧାରଣଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଇ ଦେବେ ।

ଆମ ଜାତିର ପିତା, ମହାତ୍ମା ଗାନ୍ଧି, ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କରି ସେ ଓଡ଼ିଶାର ହୋଇପାରିଥିଲେ ।

ଓଡ଼ିଶା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କୁ ସ୍ମରଣ କରି ଶତକୋଟି ପ୍ରଣାମ ଜଣାଇଲେ ବି ଯଥେଷ୍ଟ ହେବ ନାହିଁ ।

ଜେଲରୋଡ଼, ଖୋର୍ଦ୍ଧା,
ମୋ ୯୪୩୭୩୦୨୪୧୭

# ତେଲ ଟାଙ୍କି ତନଖି ପାଇଁ ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ଟିମ ନିଷ୍କ୍ରିୟ

## ପାଠକୀୟ

**କ**ଟକ–ଭୁବନେଶ୍ୱର ପରି ଦ୍ୱୈତନଗରୀ ଓ ରାଜ୍ୟର ବଡ଼ ବଡ଼ ସହରମାନଙ୍କରେ ସହରରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡ଼ିକୁ ସଠିକ ପରିମାଣରେ ତେଲ ଦେଉଛି କି ନାହିଁ, ଗ୍ରାହକଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଇଛି କି ନାହିଁ ଏବଂ ତେଲର ମାନ ଯାଞ୍ଚ କରିବା ନିମନ୍ତେ ଆବଶ୍ୟକ ସୁବିଧା ଅଛି କି ନାହିଁ ଆଦି ଘଟଣାକୁ ନୀରିକ୍ଷଣ ନିମନ୍ତେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ କିପରି କାମ କରୁଛି, ତାହା ସହରବାସୀ ବିଶେଷ କରି ତଳେ ପକାଇବାକୁ ପେଟ୍ରୋଲ ପମ୍ପ ଆସୁଥିବା ଲୋକେ ଜାଣିପାରୁ ନାହାନ୍ତି ।

କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ପମ୍ପ ବିରୋଧରେ ଗ୍ରାହକମାନେ ଅନେକ ସମୟରେ ବିଭିନ୍ନ ଅଭିଯୋଗ କରିଥାନ୍ତି କେହି ଅପମିଶ୍ରିତ ତେଲ ବିକ୍ରି କରୁଥିବା ତ' ପୁଣି କିଏ ମୌଳିକ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଯୋଗ କରିଥାନ୍ତି। ଏସବୁ ଅଭିଯୋଗ ମିଳିବାପରେ ଯୋଗାଣ ବିଭାଗ ଉକ୍ତ ପେଟ୍ରୋଲ ପମ୍ପଗୁଡ଼ିକ ଉପରେ ଚଢ଼ଉ କରିଥାଏ। ତେବେ ଚଢ଼ାଉ ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୁଏ କି ନାହିଁ ତାହା ଜାଣି ହୋଇନଥାଏ ।

ସରକାରୀ ହିସାବ ଅନୁସାରେ କଟକ ଜିଲ୍ଲାରେ ମୋଟ ୧୫୧ଟି ପେଟ୍ରୋଲ ପମ୍ପ ରହିଛି । ସେଥି ମଧ୍ୟରେ କଟକ ମହାନଗର ନିଗମ ଅଞ୍ଚଳରେ ୨୧ଟି ପମ୍ପ ରହିଛି । ଏହି ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଅଭିଯୋଗ ଆସିଲେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ୟୁନିଟ ଚଢ଼ାଉ କରିଥାଏ। ହେଲେ ଚଢ଼ାଉ ପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯାଇଥିବା ନେଇ କିଛି ତଥ୍ୟ ନାହିଁ । ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସମୟରେ ପେଟ୍ରୋଲ ପମ୍ପ ଗୁଡ଼ିକ ମାନଦଣ୍ଡ ପାଳନ କରୁନଥିବା ନଜରକୁ ଆସିଥାଏ । ତେଲର ଡେନସିଟି ପରୀକ୍ଷା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅଧିକାଂଶ ପେଟ୍ରୋଲ ପମ୍ପପରେ ଅଚଳ ହୋଇଯାଇଛି । ସେହିଭଳି ପେଟ୍ରୋଲ ପମ୍ପରେ କେତେ ପରିମାଣର ତେଲ ଗଚ୍ଛିତ ରହିଛି, ତାହାର ରେକର୍ଡ଼ ମଧ୍ୟ ନଥାଏ। ଆଉ କେତେକେ ପେଟ୍ରୋଲ ପମ୍ପରେ କ୍ୟାସ ମେମୋ ଠିକ ଭାବେ ପରିଚାଳନା କରାଯାଇନଥାଏ। ଅନେକ ସ୍ଥାନରେ ତେଲ ମାପକୁ ନେଇ ଅଭିଯୋଗ ଆସିଲେ, ଆଭିଯୋଗକାରୀଙ୍କୁ କାଚ ପାତ୍ରରେ ମାପ ପଳାରେ ତେଲ ଦେଖାଇବା ପାଇଁ ବ୍ୟବସ୍ଥା ରହିଛି। ଗ୍ରାହକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଶୌଚାଳୟ ବାଧ୍ୟତାମୂଳକ ରହିଛି, କିନ୍ତୁ ବିଭିନ୍ନ ପେଟ୍ରୋଲ ପମ୍ପରେ ତାହା ଉପଲବ୍ଧ ନାହିଁ । ଏଥିସହ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକରେ ଗାଡ଼ି ଚାଳକଙ୍କ ପାଇଁ ମଧ୍ୟ ସୁବିଧା ଉପଲବ୍ଧ ରହିବା କଥା, ତାହା ମଧ୍ୟ ଅନେକ ସ୍ଥାନରେ ଦେଖିବାକୁ ମିଳୁନାହିଁ। ଏ ସବୁ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ ଜାଣୁଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ଦଳରେ ଜଣେ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହ ସହକାରୀ ଯୋଗାଣ ଅଧିକାରୀ ସପ୍ଲାଏ ଇନ୍ସପେକ୍ଟର, ଓଜନ ଓ ମାପ ବିଭାଗର ଇନ୍ସପେକ୍ଟର ପ୍ରମୁଖ ରହିଛନ୍ତି। ଏହି ଦଳ ଜିଲ୍ଲାରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଅଭିଯୋଗ ଆସିଲେ ଚଢ଼ଉ କରିଥାନ୍ତି। ଏହାପରେ ଅବ୍ୟବସ୍ଥା ଗୁଡ଼ିକୁ ଦେଖିବ। ପଯେ ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ଦଳ ପ୍ରଥମେ ଯୋଗାଣ ଅଧିକାରୀଙ୍କୁ ଅବଗତ କରିଥାନ୍ତି । ପରେ ଯୋଗାଣ ବିଭାଗ ଅଧିକାରୀ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ରୁଜୁ କରିଥାନ୍ତି। ତେବେ ଏହି ମାମଲା ଜିଲ୍ଲାର ନୈରାଶ୍ୟ ଜନକ ବୋଲି ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ପେଟ୍ରୋଲ ପମ୍ପ ନିୟମ କଡ଼ାକଡ଼ି ଭାବେ ପାଳନ ହେଉନଥିବା ସାଧାରଣରେ ଅଭିଯୋଗ ହେଉଛି।

ଚଳିତ ବର୍ଷ କଟକ ସହର ଉପକଣ୍ଠରେ ଥିବା ଦୁଇଟି ପେଟ୍ରୋଲ ପମ୍ପରେ ଚଢ଼ଉ ହୋଇଥିଲା। ତେବେ ଚଢ଼ାଉ ପରେ ଏନଫୋର୍ସମେ ଟିମ କି ରିପୋର୍ଟ ଦେଇଥିଲା ଏବଂ ଜିଲ୍ଲାପାଳଙ୍କ କୋର୍ଟରେ କେସ ହେଲା କି ନାହିଁ, ସେ ସମ୍ପର୍କରେ କିଛି ଜାଣି ହେଲାନାହିଁ । ପ୍ରଶାସନ ଏହି ଘଟଣାକୁ ହାଲକା ଭାବେ ନ ନେଇ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

**ଶ୍ୟାମ ସୁନ୍ଦର ସାମଲ**
ସୁଭଦ୍ରା ନଗର, ବିଡ଼ାନାସୀ, କଟକ,
ମୋ. ୯୭୭୮୬୩୫୯୨୬

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**




ଇଣ୍ଡୋନେସିଆ ଏକ ମୁସଲମାନ ବହୁଳ ରାଜ୍ୟ ହେଲେ ମଧ୍ୟ ଭାରତ ସହ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମାନତା ଅଛି ଏହାର । ଏ ସମ୍ପର୍କ ଦୁଇ ସହସ୍ରାବ୍ଦୀ ପୁରୁଣା । ଇଣ୍ଡୋନେସିଆର ବୌଦ୍ଧ ଓ ହିନ୍ଦୁ ମନ୍ଦିର, ବାଲି ଲିପି, ଖାଦ୍ୟ, ମୁଦ୍ରାରେ ଗଣେଶଙ୍କ ଚିତ୍ର ଓ ପରସ୍ପରକୁ ନମସ୍ତେ କହି ସମ୍ଭାଷଣ କରିବା ସବୁଥିରେ ଭାରତର ଝଲକ ଦେଖିବାକୁ ମିଳେ । ମନ୍ଦିର ଗାତ୍ରରେ ରାମାୟଣର ଚିତ୍ର, ନୃତ୍ୟନାଟିକାରେ ରାମାୟଣ ଓ ସମଗ୍ର ପରିବେଶରେ ବୌଦ୍ଧଧର୍ମର ଛାପ ଦେଖିବାକୁ ମିଳେ ଏଠାରେ । ରାସ୍ତାଘାଟର ଅବସ୍ଥା ଠିକ୍ ଭାରତ ପରି, ବୃହତ୍ ଅଂଶ ଉଠା ଦୋକାନ ଦ୍ୱାରା ଜବରଦଖଲ ହୋଇଥାଏ । ମୁସଲମାନ ବହୁଳ ରାଜ୍ୟ ହୋଇଥିଲେ ମଧ୍ୟ ହିନ୍ଦୁ ସଂସ୍କୃତି ଏବଂ ପରମ୍ପରା ସେମାନଙ୍କ ଧମନୀରେ ପ୍ରବାହିତ । ଏହି କାରଣରୁ ଏଠାରେ ରାମଲୀଳା ମୁସଲମାନ କଳାକାରଙ୍କ ଦ୍ୱାରା ପରିବେଶିତ ହୁଏ ।





ବୋରୋ ଅର୍ଥାତ୍ ବଡ଼ ଓ ବୁଦୁର ଅର୍ଥାତ୍ ବୁଦ୍ଧ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ବୋରୋବୁଦୁର ବା ବଡ଼ ବୁଦ୍ଧ । ଜାଭା ପ୍ରଦେଶର ଭାଷାରେ ବୁଦୁର ଅର୍ଥ ଉଚ୍ଚପର୍ବତ ମଧ୍ୟ । ଆଉ କିଛି ଭାଷାବିଦ୍‌ଙ୍କ ମତରେ ବୋରୋ ଶବ୍ଦ ବୌଦ୍ଧ ମଠ, ବୌଦ୍ଧ ବିହାରର ଅପଭ୍ରଂଶ ମାତ୍ର । ଏହି ମନ୍ଦିର ପରିବେଷ୍ଟନୀ ଦୁଇଟି ଆଗ୍ନେୟଗିରି ଓ ଦୁଇଟି ନଦୀ ମଧ୍ୟରେ ରହିଛି । ଏହି କାରଣରୁ ଏହାର ମୃତ୍ତିକା ଖୁବ୍ ଉର୍ବର ।

ବୋରୋବୁଦୁର ମନ୍ଦିର ଇଣ୍ଡୋନେସିଆର ଜାଭା ପ୍ରଦେଶର ମଙ୍ଗେଲାଙ୍ଗ ସହରରେ ଅଛି । ନବମ ଶତାବ୍ଦୀରେ ନିର୍ମିତ ହୋଇଥିଲା ଏହି ମନ୍ଦିର । ମନ୍ଦିରରେ ବୁଦ୍ଧଙ୍କର ୫୦୪ଟି ପ୍ରତିମା ଅଛି । ମନ୍ଦିରର କେନ୍ଦ୍ରରେ ଥିବା ମୁଖ୍ୟ ମନ୍ଦିରର ଚାରି ପାଖରେ ୭୨ଟି ବୁଦ୍ଧ ପ୍ରତିମା ଅଛି । ଏହା ବିଶ୍ୱର ସବୁଠାରୁ ବଡ଼ ତଥା ପ୍ରସିଦ୍ଧ ବୌଦ୍ଧ ମନ୍ଦିର । ଶୈଳେନ୍ଦ୍ର ରାଜବଂଶ

ବାଲି ଭ୍ରମଣରେ ଯାଆନ୍ତି। ବାଲି ଇଣ୍ଡୋନେସିଆର ଅନ୍ୟତମ ଦ୍ୱୀପ ପ୍ରଦେଶ। ଜାଭାର ପୂର୍ବ ଦିଗରେ ରହିଛି ଏହା। ଲୋମ୍ବକ୍ ବାଲିର ପୂର୍ବରେ ଥିବା ଏକ ଦ୍ୱୀପ। ଏଠାର ବ୍ରାହ୍ମି ଶିଳାଲିପି ଖ୍ରୀଷ୍ଟପୂର୍ବ ୨୦୦ ବର୍ଷ ପୁରାତନ। ବାଲିଦ୍ୱୀପର ନାମକରଣ ବି ଖୁବ୍ ପୁରୁଣା। ୧୪୦୦ ଖ୍ରୀଷ୍ଟାବ୍ଦରେ ଏଠାରେ ମଜାପହିତ ହିନ୍ଦୁ ସାମ୍ରାଜ୍ୟ ସ୍ଥାପିତ ହୋଇଥିଲା। ଏହି ସାମ୍ରାଜ୍ୟର ପତନ ପରେ ମୁସଲମାନ ସୁଲତାନ୍‌ମାନେ କ୍ଷମତା ଦଖଲ କରିନେଲେ। ମୁସଲମାନମାନଙ୍କ ଶାସନ ସମୟରେ ଇଣ୍ଡୋନେସିଆର ଜାଭା ଓ ଅନ୍ୟ ଦ୍ୱୀପରୁ ଅଭିଜାତ ବର୍ଗର ହିନ୍ଦୁମାନେ ବାଲିକୁ ଚାଲିଆସିଲେ। ତେଣୁ ଏଠାରେ ହିନ୍ଦୁଧର୍ମର ପ୍ରାଧାନ୍ୟ ଆଜିବି ରହିଛି।

୧୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ବାଲି ସ୍ୱାଧୀନ ଥିଲା। ଶେଷରେ ପର୍ତ୍ତୁଗୀଜମାନେ ଏହାକୁ ଦଖଲ କଲେ। ବାଲିର ଜନତାଙ୍କ ମଧ୍ୟରୁ ୯୦

ବିଭିନ୍ନ ଧାର୍ମିକ ଉତ୍ସବରେ ଲୋକମାନେ ମୂର୍ତ୍ତିମାନଙ୍କୁ ପୋଷାକ ପିନ୍ଧାନ୍ତି, ମନ୍ଦିରରେ ମୂର୍ତ୍ତିମାନଙ୍କ ଉପରେ ଛତା ଲଗାଯାଏ। ଏଠାର ଲୋକମାନେ ମୃଦୁଭାଷୀ, ବନ୍ଧୁବତ୍ସଳ ଓ ଧାର୍ମିକ। ଅସଂଖ୍ୟ ପ୍ରାଚୀନ ମନ୍ଦିର ଥିବାରୁ ବାଲିକୁ ସହସ୍ର ମନ୍ଦିରର ଦ୍ୱୀପ ବୋଲି କୁହାଯାଏ। ନୀଳ ସମୁଦ୍ର କୂଳରେ ଥିବ ଉଲୁବତୁ ମନ୍ଦିର ପର୍ଯ୍ୟଟକମାନଙ୍କୁ ଖୁବ୍ ଆକର୍ଷିତ କରେ। ଏକାଦଶ ଶତାବ୍ଦୀରେ ନିର୍ମିତ

ମାନଙ୍କ ପରି ଚାରୋଟି ବର୍ଣ୍ଣ ବ୍ୟବସ୍ଥାକୁ ମାନନ୍ତି। ବ୍ରାହ୍ମଣମାନେ ଜାତି ବ୍ୟବସ୍ଥାରେ ଶୀର୍ଷରେ ଥିବାବେଳେ ଶୁଦ୍ରମାନେ ତଳସ୍ତରରେ ଅଛନ୍ତି। ବାଲିର ସଂସ୍କୃତି ଭାରତୀୟ, ଚୀନା ସଂସ୍କୃତି ଦ୍ୱାରା ପ୍ରଭାବିତ। ପ୍ରଥମ ଖ୍ରୀଷ୍ଟାବ୍ଦରେ ଏଠାରେ ହିନ୍ଦୁ ସଂସ୍କୃତି ଥିବାର ପ୍ରମାଣ ମିଳିଛି। ବାଲି ପ୍ରଥମେ ସ୍ୱାଧୀନ ଥିଲା। ୧୫୯୭ ଖ୍ରୀଷ୍ଟାବ୍ଦରେ ଡଚ୍ ଭ୍ରମଣକାରୀ କର୍ଣ୍ଣେଲେସ୍ ଡି ହଟ୍‌ମ୍ୟାନ୍ ବାଲିରେ



# ସବୁଠି ଝଲମଲ ଭାରତ

ଇଣ୍ଡୋନେସିଆ ନାମ ହିଁ ଭାରତ ବା ଇଣ୍ଡିଆ ସହ ଏହାର ସମ୍ପର୍କର ପ୍ରମାଣ । ଇଣ୍ଡୋ ଶବ୍ଦ ଆସିଛି ଲାଟିନ୍ ଶବ୍ଦ ଇଣ୍ଡସ୍‌ରୁ, ଯେଉଁ ଶବ୍ଦ ଭାରତ ଅର୍ଥରେ ବ୍ୟବହାର କରାଯାଏ । ନେସିଆ ଆସିଛି ଗ୍ରୀକ୍ ଶବ୍ଦ ନେସୋସ୍‌ରୁ ଯାହାର ଅର୍ଥ ଦ୍ୱୀପ ।

ସୁମାତ୍ରାର ଇସ୍‌ଲାମିକ୍ ଭାସ୍କର୍ଯ୍ୟ ଭାରତୀୟ ମୋଗଲ ଭାସ୍କର୍ଯ୍ୟ ଦ୍ୱାରା ପ୍ରଭାବିତ । ଆଚେହର ବୈତୁରେହମନ୍ ବୃହଦ୍ ମସଜିଦ୍ ଓ ମେଦାନ୍‌ର ଗ୍ରାଣ୍ଡ ମସ୍କ ଏହାର ଉଦାହରଣ । ପ୍ରାଚୀନ କାଳରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଧୁର

ନିମନ୍ତେ ଆଣ୍ଡାମାନ୍- ନିକୋବର ଦ୍ୱୀପକୁ କବ୍‌ଜା କରିବା ପାଇଁ ପାକିସ୍ତାନକୁ ସହଯୋଗ କରିଥିଲା । ତେବେ ପରବର୍ତ୍ତୀ ସମୟରେ ଏହି ତିକ୍ତତା ଦୂରେଇ ଯାଇଥିଲା ଓ ଦୁଇ ଦେଶ ମଧ୍ୟରେ ଏକ ସାମୁଦ୍ରିକ ସୀମା ରାଜିନାମା ହୋଇଥିଲା । ଐତିହାସିକ ଭାବରେ ଇଣ୍ଡୋନେସୀୟ ଦ୍ୱୀପପୁଞ୍ଜ ସମୂହ ଭାରତୀୟ ଆଧ୍ୟାତ୍ମିକ ସଭ୍ୟତା ଦ୍ୱାରା ପ୍ରଭାବିତ । ରାମାୟଣ ଇଣ୍ଡୋନେସିଆରେ ବିଶେଷ କରି ବାଲି ଓ ଜାଭାର ନୃତ୍ୟ ଓ ନାଟକର ମୁଖ୍ୟ ବିଷୟବସ୍ତୁ । ଭାରତୀୟ ସଙ୍ଗୀତ, ବଲିଉଡ୍ ସିନେମା ଓ ସଙ୍ଗୀତ ଖୁବ୍ ଲୋକପ୍ରିୟ ଇଣ୍ଡୋନେସିଆରେ ।

ଭାରତୀୟ ବଣିକମାନେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଭାରତୀୟ ଧର୍ମ ଓ ସଂସ୍କୃତି ନିଜ ସହ ନେଇଥିଲେ ଇଣ୍ଡୋନେସିଆର ବିଭିନ୍ନ ଦ୍ୱୀପକୁ । ସପ୍ତମ ଶତାବ୍ଦୀରେ ଦକ୍ଷିଣ ସୁମାତ୍ରାରେ

ବୋରୋବୁଦୁର ମନ୍ଦିର ରହିଛି ଜାଭାର ମଙ୍ଗେଲାଙ୍ଗ୍ ସହରରେ । ମନ୍ଦିରରେ ବୁଦ୍ଧଙ୍କର ୫୦୪ଟି ପ୍ରତିମା ଅଛି । ମନ୍ଦିରର କେନ୍ଦ୍ରରେ ଥିବା ମୁଖ୍ୟ ମନ୍ଦିରର ଚାରି ପାଖରେ ୭୨ଟି ବୁଦ୍ଧ ପ୍ରତିମା ଅଛି । ଏହା ବିଶ୍ୱର ସବୁଠାରୁ ବଡ଼ ତଥା ପ୍ରସିଦ୍ଧ ବୌଦ୍ଧ ମନ୍ଦିର ।

ଏସବୁ ମୁଦ୍ରା ମଧ୍ୟରେ ଅଛି ଭୂମିସ୍ପର୍ଶ ମୁଦ୍ରା- ତାଙ୍କ ମହାଜ୍ଞାନର ସାକ୍ଷୀ ପୃଥିବୀ, ବରଦମୁଦ୍ରା- ଦାନବୀର ବୁଦ୍ଧଙ୍କ ପ୍ରତୀକ, ଅଭୟ ମୁଦ୍ରା- ସାହସ ଓ ନିର୍ଭୟତା ଦର୍ଶାଏ ବୁଦ୍ଧ ରକ୍ଷାକର୍ତ୍ତା, ଧ୍ୟାନମୁଦ୍ରା- ଏକାଗ୍ର ଧ୍ୟାନମଗ୍ନ ବୁଦ୍ଧ, ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରା- ଗତିମାନ ଧର୍ମଚକ୍ର ବୁଦ୍ଧ ସାରନାଥରେ ଦେଇଥିବା ପ୍ରଥମ ପ୍ରବଚନର ପ୍ରତୀକ, ବିତର୍କ ମୁଦ୍ରା- ତର୍କର ଦ୍ୱିତୀୟ ରୂପ ପୁଣ୍ୟ ବୋଲି ଦର୍ଶାଉଥିବା ବୁଦ୍ଧଙ୍କ ପ୍ରତିମା ।

ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ଏଥିରେ ଜାଭା ସ୍ଥାପତ୍ୟକଳାର ଛାପ ସହ ଇଣ୍ଡୋନେସିଆର ପୂର୍ବଜ ପୂଜା ଓ ବୌଦ୍ଧ ଅବଧାରଣାର ମେଳ








ପୁରାତନ କାଳରେ ଇଣ୍ଡୋନେସିଆକୁ ଭାରତୀୟ ଦୀପ ଭାବରେ ବିବେଚନା କରୁଥିଲେ ସୁଦୂର ୟୁରୋପର ନାବିକମାନେ । ଏହି ନାମ ଅଷ୍ଟାଦଶ ଶତାବ୍ଦୀରୁ ଆରମ୍ଭ ହୋଇଛି । ସ୍ୱାଧୀନ ଇଣ୍ଡୋନେସିଆ ରାଷ୍ଟ୍ରଗଠନର ଅନେକ ପୂର୍ବରୁ । ଏଠାରେ ଶ୍ରୀବିଜୟ ରାଜବଂଶର ଶାସନ ସମୟରେ ଅନେକ ଇଣ୍ଡୋନେସୀୟ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାର ପ୍ରମାଣ ରହିଛି । ଦକ୍ଷିଣ-ପୂର୍ବ ଏସିଆରେ ହିନ୍ଦୁଧର୍ମର ପ୍ରସାର

ଅଛି ।

୧୯୨୭ରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଜାଭା ଓ ବାଲିରେ ଭାରତୀୟ ଦେବଦେବୀଙ୍କ ମୂର୍ତ୍ତି ଦେଖି କହିଥିଲେ- ଏଠି ମୁଁ ଯେଉଁ ଆଡକୁ ଦେଖୁଛି ସେଠି ଭଗବାନଙ୍କ ପ୍ରତିମା । ୨୩ବର୍ଷ ପରେ ୧୯୫୦ ମସିହାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ କହିଥିଲେ- ବାଲି ପୃଥିବୀର ସୂର୍ଯ୍ୟୋଦୟ । ୧୯୪୫-୪୯ରେ ଇଣ୍ଡୋନେସୀୟ ଜାତୀୟ ବିପ୍ଳବ ଓ ଗଣତନ୍ତ୍ର ଭାବରେ



ଶ୍ରୀବିଜୟ ବୌଦ୍ଧ ସାମ୍ରାଜ୍ୟ ବୋରୋବୁଦୁର ବୌଦ୍ଧ କଳାକୃତି ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ତ୍ରୟୋଦଶ ଶତାବ୍ଦୀରେ ମାଜାପାହିଟ୍ ହିନ୍ଦୁ ସାମ୍ରାଜ୍ୟ ଦୁଇଶହ ବର୍ଷ ଶାସନ କରିଥିଲା । ଏହି ସାମ୍ରାଜ୍ୟ ଇଣ୍ଡୋନେସିଆ ଓ ମାଲୟର କିଛି ଅଂଶକୁ ଏକତ୍ର କରିଥିଲା । ଷୋଡ଼ଶ ଶତାବ୍ଦୀରେ ପୁନଶ୍ଚ ସାମୁଦ୍ରିକ ବଣିକଙ୍କ ଦ୍ୱାରା ଇଣ୍ଡୋନେସିଆକୁ ଇସ୍‌ଲାମ୍ ଆସିଲା ଓ ଯାହାର ପ୍ରଭାବ ଆଜି ମଧ୍ୟ ଅନୁଭୂତ ହେଉଛି । ବିଖ୍ୟାତ

ରହିଛି । ମନ୍ଦିରରେ ଗୁପ୍ତ ସ୍ଥାପତ୍ୟର ପ୍ରଭାବ ମଧ୍ୟ ଦେଖିବାକୁ ମିଳେ । ଏହି ତୀର୍ଥସ୍ଥଳର ଯାତ୍ରା ଏକଦମ୍ ତଳ ପର୍ଯ୍ୟାୟର ଆରମ୍ଭ ହୁଏ । ସ୍ମାରକର ଚତୁର୍ଦ୍ଦିଗରେ ବୌଦ୍ଧ ଧର୍ମର ତିନି ପ୍ରତୀକାତ୍ମକ ସ୍ତର କାମଧାତୁ (ଇଚ୍ଛାର ଦୁନିଆ), ରୂପଧାନ (ରୂପର ଦୁନିଆ) ଓ ଅରୁପଧାନ (ନିରାକାର ଦୁନିଆ) ଦେଇ ଶୀର୍ଷରେ ପହଞ୍ଚିବାକୁ ହୁଏ । ବୁଦ୍ଧଙ୍କର ବିଭିନ୍ନ ମୁଦ୍ରାର ପ୍ରତିମା ଏଠାରେ ଆଜିବି ଦେଖିବାକୁ ମିଳେ । ଏସବୁ

ପ୍ରତିଶତ ହିନ୍ଦୁ ଧର୍ମାବଲମ୍ବୀ। ବିଶ୍ୱବିଖ୍ୟାତ ପର୍ଯ୍ୟଟନ ସ୍ଥାନ ମଧ୍ୟରେ ସାମିଲ ହୋଇଥିବା ଏହି ଦ୍ୱୀପର କଳା, ସଙ୍ଗୀତ, ନୃତ୍ୟ ଓ ମନ୍ଦିର ମନମୋହକ। ବାଲି ପ୍ରଦେଶର ରାଜଧାନୀ ଦେନପସାର। ଅବୁଦ୍ ବାଲିର ମଧ୍ୟଭାଗରେ ଥିବା ଏକ ବିଖ୍ୟାତ ନଗର। ଏହା ବାଲିର କଳା, ସଂସ୍କୃତିର ମୁଖ୍ୟ ସ୍ଥାନ। ଦକ୍ଷିଣ ବାଲିରେ ରହିଛି କୁଟା ସହର। ୨୦୦୨ ମସିହାରେ ଇସ୍ଲାମ ଆତଙ୍କବାଦୀମାନେ ବୋମା

ଏହି ମନ୍ଦିର ବାଲିକୁ ଦୁଷ୍ଟ ଆତ୍ମାମାନଙ୍କର ପ୍ରଭାବରୁ ରକ୍ଷା କରିବା ପାଇଁ ନିର୍ମିତ ହୋଇଥିଲା। ମନ୍ଦିରଗଳକୁ ଯିବା ପୂର୍ବରୁ ଅଣ୍ଟାରେ ଏକ ବିଶେଷ କପଡ଼ା ବାନ୍ଧିବାକୁ ହୁଏ। ମନ୍ଦିର ପରିସରରେ ଏକ ଖୋଲା ନାଟମଣ୍ଡପ ଅଛି। ପ୍ରତି ସଂଧ୍ୟାରେ ଏଠାରେ ହିନ୍ଦୁ ପୌରାଣିକ ନାଟକ ମଞ୍ଚସ୍ଥ ହୁଏ। ବାଲିକୁ ବାଟିକ୍ କପଡ଼ା, କାଠ ତିଆରି ସାମଗ୍ରୀ, ସାପ ଚମଡାରୁ ତିଆରି ସାମଗ୍ରୀ, କାଠ ଓ ବାଉଁଶରେ ତିଆରି ନଡ଼ିଆ, ଶାମୁକା ଓ ବାଉଁଶ ତିଆରି ସାମଗ୍ରୀ ଓ ପାରମ୍ପରିକ ବାଦ୍ୟଯନ୍ତ୍ର ପାଇଁ ଜଣାଶୁଣା। ତେବେ ଏଗୁଡ଼ିକ ଟିକେ ଦାମୀ।

ନୁସରା ଦୁଆ ଖୁବ୍ ଶାନ୍ତ ଅଞ୍ଚଳ। ଅନେକ ହୋଟେଲ ଅଛି ଏଠାରେ। କୁଟା ମଧ୍ୟ ଦେଖିବା ପରି ସହର। ଏହା ରାତ୍ର ପର୍ଯ୍ୟଟନ ପାଇଁ ଖ୍ୟାତ। ପ୍ରତିବର୍ଷ ଇଣ୍ଡୋନେସିଆ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ବାଲିରେ ଅନୁଷ୍ଠିତ ହୁଏ।

ବାଲି ପ୍ରବାଳ ତ୍ରିକୋଣର ଅଂଶ।

ପହଞ୍ଚିଲେ ଏବଂ ୧୬୦୨ ମସିହାରେ ସେଠାରେ ଡଚ୍ ଇଷ୍ଟଇଣ୍ଡିଆ କମ୍ପାନୀ ସ୍ଥାପନ ହେଲା। ୧୮୯୦ ଦଶକର ଶେଷ ବେଳକୁ ବାଲି ରାଜବଂଶ ଏବଂ ପର୍ତ୍ତୁଗୀଜମାନଙ୍କ ମଧ୍ୟରେ ଜୋରଦାର ସଂଘର୍ଷ ଆରମ୍ଭ ହୋଇଥିଲା। ୧୯୪୯ ମସିହାରେ ଡିସେମ୍ବର ୨୯ ତାରିଖରେ ଏହା ସ୍ୱାଧୀନ ହେଲା।

ବିଷୁବ ରେଖାଠାରୁ ୮ଡିଗ୍ରୀ ଦକ୍ଷିଣରେ ଥିବାରୁ ଏଠାରେ ବର୍ଷସାରା ଭଲ ଜଳବାୟୁ ଥାଏ। ଦିନର ତାପମାତ୍ରା ୨୦ରୁ ୩୩ଡିଗ୍ରୀ ମଧ୍ୟରେ ରହୁଥିବାବେଳେ ପାର୍ବତ୍ୟାଞ୍ଚଳଗୁଡ଼ିକ ଏହାଠାରୁ ସାମାନ୍ୟ ଥଣ୍ଡା। ଅକ୍ଟୋବରରୁ ଏପ୍ରିଲ୍ ପର୍ଯ୍ୟନ୍ତ ପଶ୍ଚିମା ମୌସୁମୀ ପ୍ରଭାବରେ ବର୍ଷା ହୁଏ। ମୌସୁମୀ ବ୍ୟତୀତ ଅନ୍ୟ ସମୟରେ ଆର୍ଦ୍ରତା ଖୁବ୍ କମ୍ ଏବଂ ସମତଳ ଅଞ୍ଚଳରେ ବର୍ଷାଦିନ ଛାଡ଼ିଦେଲେ ଅନ୍ୟ ସମୟରେ ବର୍ଷା ହୁଏ ନାହିଁ।

ବାଲିର ନିବାସୀମାନେ ନବବର୍ଷକୁ ନ୍ୟେପି ଭାବରେ ପାଳନ କରନ୍ତି।





ଦୁଇ ଦେଶ ମଧ୍ୟରେ ସମ୍ପର୍କର ସର୍ବପୁରାତନ ସଂଯୋଗକାରୀ । ଭାରତରୁ ସଂସ୍କୃତ ଭାଷା ଓ ପଲ୍ଲଭା ଲିପି ଦ୍ୱାରା ସର୍ବପ୍ରଥମେ ଇଣ୍ଡୋନେସିଆ ଐତିହାସିକ ଯୁଗରେ ପ୍ରବେଶ କରିଥିଲା । ଇଣ୍ଡୋନେସିଆର ପୁରାତନ ରାଜ୍ୟ ଯଥା କୁଟାଇର ୟୁପା, ତରୁମନଗରାର ଟୁଗୁ ଓ କଳିଙ୍ଗର ଐତିହାସିକ ଦସ୍ତାବିଜ୍‌ର ଉପରୋକ୍ତ ଭାଷା ପ୍ରଚଳନର ପ୍ରମାଣ ମିଳିଛି । ଭାରତୀୟ ସଭ୍ୟତା ପ୍ରଭାବିତ ହିନ୍ଦୁ, ବୌଦ୍ଧ ରାଜ୍ୟ ଯଥା ଶ୍ରୀବିଜୟ, ମେଦାଙ୍ଗ, ସୁନ୍ଦା ଓ ମାଜାପାହିଟ୍ ଆଦି ଇଣ୍ଡୋନେସିଆର ପ୍ରଭାବଶାଳୀ ଶାସନ ତନ୍ତ୍ର ଥିଲା । ଏହା ୨୦୦ ମସିହାରୁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ଶେଷ ହିନ୍ଦୁ ଓ ବୌଦ୍ଧ ଶାସନ ଥିଲା ବାଲିରେ ।

ଭାରତୀୟ ମହାପୁରାଣ ରାମାୟଣ ଓ ମହାଭାରତ ଇଣ୍ଡୋନେସୀୟ ସଂସ୍କୃତି ଓ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛନ୍ତି । ବର୍ତ୍ତମାନ ଦେଶ ମୁସଲମାନବହୁଳ ହୋଇଥିଲେ ବି ଏସବୁ କାବ୍ୟର ଲୋକପ୍ରିୟତା ଅତୁଟ ରହିଛି । ଜାଭାର ପ୍ରମ୍ବନନ୍ ମନ୍ଦିରରେ ପ୍ରତି ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଆସୁଥିବା ରାମାୟଣ ନୃତ୍ୟନାଟିକା ଜାଭା ମୁସଲମାନ କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ଇଣ୍ଡୋନେସିଆ ଇତିହାସରେ ହିନ୍ଦୁ-ବୌଦ୍ଧ ସଂସ୍କୃତିର ପ୍ରଭାବ ସର୍ବଶ୍ରେଷ୍ଠ ପ୍ରମାଣ ନବମ ଶତାବ୍ଦୀର ବୋରୋବୁଦୁର ଓ ପ୍ରମ୍ବନନ୍ ମନ୍ଦିର । ଇଣ୍ଡୋନେସିଆ ଇସ୍‌ଲାମ୍ ଆପଣାଇବା ପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପୂର୍ବପରି ଦୃଢ଼ ରହିଛି । ଏହାପଛର କାରଣ ଭାରତରେ ବିଶାଳ ଇସ୍‌ଲାମ ଅବଲମ୍ବୀ ଜନତା ନୁହନ୍ତି ବରଂ ଏହାର ଇସ୍‌ଲାମିକ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଆଦି ମଧ୍ୟ ଭାରତ ଦ୍ୱାରା ପ୍ରଭାବିତ । ବିଶେଷ କରି

ପ୍ରତିଷ୍ଠା ସମୟରେ ଭାରତ ଓ ଇଜିପ୍ଟ ଏହାକୁ ସର୍ବପ୍ରଥମେ ସ୍ୱୀକୃତି ଓ ସହଯୋଗ ଦେଇଥିଲେ । ଏପରିକି ଇଣ୍ଡୋନେସିଆର ସ୍ୱାଧୀନତା ପୂର୍ବରୁ ଅଲ୍‌ଇଣ୍ଡିଆ ମୁସଲିମ୍ ଲିଗ୍‌ର ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଆହ୍ୱାନକ୍ରମେ ବ୍ରିଟିଶ-ଭାରତ ସେନାର ମୁସଲମାନ ସୈନିକମାନେ ପର୍ତ୍ତୁଗୀଜ୍‌ମାନଙ୍କ ବିରୋଧରେ ଲଢ଼ି ସ୍ୱାଧୀନତା ହାସଲରେ ସହାୟକ ହୋଇଥିଲେ । ପର୍ତ୍ତୁଗୀଜ୍ ସୈନ୍ୟଙ୍କ ଗହଳରୁ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣ ଓ





ଅନ୍ୟମାନଙ୍କୁ ଉଦ୍ଧାର କରିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ । ୧୯୫୦ ମସିହାରେ ଭାରତର ପ୍ରଥମ ଗଣତନ୍ତ୍ର ଦିବସ ମାରୋହର ମୁଖ୍ୟ ଅତିଥି ଥିଲେ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣ । ତେବେ ଔପଚାରିକ ଭାବରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଆରମ୍ଭ ହୋଇଥିଲା ୧୯୫୧ ମସିହା ମାର୍ଚ୍ଚ ୩ ତାରିଖରେ । ଦୁଇ ହଜାର ବର୍ଷ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ରହିଛି । କେବଳ ୧୯୬୫ ମସିହା ପାକ୍-ଭାରତ ଯୁଦ୍ଧ ସମୟରେ ଇଣ୍ଡୋନେସିଆ ଭାରତର ଦୃଷ୍ଟି କାଶ୍ମୀର ଉପରୁ ହଟାଇବା

ପରିବ୍ରାଜକ ମାର୍କୋ ପୋଲୋ ୧୨୯୨ ଖ୍ରୀଷ୍ଟାବ୍ଦରେ ଜାଭାକୁ ଆସିଥିଲେ ମାତ୍ର ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ

ୟୁରୋପୀୟ ବ୍ୟବସାୟୀମାନେ ଏଠାରେ ପହଞ୍ଚି ପାରିନଥିଲେ । କିନ୍ତୁ ମସଲାର ସୁଗନ୍ଧ ଓ ଲୋକପ୍ରିୟତା ସେମାନଙ୍କୁ ଆକର୍ଷିତ କରିଥିଲା ଏଠାକୁ । ପର୍ତ୍ତୁଗୀଜ୍, ଡଚ୍, ସ୍ପେନୀୟ, ଇଂରେଜ, ଜାପାନୀ ସମସ୍ତେ ଏହି ଦ୍ୱୀପପୁଞ୍ଜରେ ପ୍ରାଧାନ୍ୟ ଦେଖାଉଥିଲେ, ଶେଷରେ ୧୯୪୫ରେ ଦେଶ ସ୍ୱାଧୀନତା ଦାବି କଲା । ରାଜଧାନୀ ଡେନ୍‌ପାସର୍‌ରେ ଅନେକ ମନ୍ଦିର ଅଛି, ତେବେ ପ୍ରତି ମନ୍ଦିରରେ ଗୋଟିଏ ବଡ଼ କଇଁଛ ଓ ଦୁଇଟି ସର୍ପର ମୂର୍ତ୍ତି ଅଛି ଯାହା ବିଶ୍ୱ ସର୍ଜନାର ପ୍ରତୀକ ଏଠାରେ ।

## ବୋରୋବୁଦୁର



ମୁଦ୍ରା ମଧ୍ୟରେ ଅଛି ଭୂମିସ୍ପର୍ଶ ମୁଦ୍ରା- ତାଙ୍କ ମହାଜ୍ଞାନର ସାକ୍ଷୀ ପୃଥିବୀ, ବରଦମୁଦ୍ରା- ଦାନବୀର ବୁଦ୍ଧଙ୍କ ପ୍ରତୀକ, ଅଭୟ ମୁଦ୍ରା- ସାହସ ଓ ନିର୍ଭୟତା ଦର୍ଶାଏ ବୁଦ୍ଧ ରକ୍ଷାକର୍ତ୍ତା, ଧ୍ୟାନମୁଦ୍ରା- ଏକାଗ୍ର ଧ୍ୟାନମଗ୍ନ ବୁଦ୍ଧ, ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରା- ଗତିମାନ ଧର୍ମଚକ୍ର ବୁଦ୍ଧ ସାରନାଥରେ ଦେଇଥିବା ପ୍ରଥମ ପ୍ରବଚନର ପ୍ରତୀକ, ବିତର୍କ ମୁଦ୍ରା- ତର୍କର ଦ୍ୱିତୀୟ ରୂପ ପୁଣ୍ୟ ବୋଲି ଦର୍ଶାଉଥିବା ବୁଦ୍ଧଙ୍କ ପ୍ରତିମା ।

ବର୍ତ୍ତମାନ ଇଣ୍ଡୋନେସିଆ ଏକ



ମୁସଲମାନ ବହୁଳ ଦେଶ । ଦେଶର ୮୭.୫ ପ୍ରତିଶତ ଜନସଂଖ୍ୟା ମୁସଲମାନ ଏବଂ ୩ ପ୍ରତିଶତ ହିନ୍ଦୁ । କିନ୍ତୁ ଏଠାରେ ଦୁଇ ଧର୍ମାବଲମ୍ବୀଙ୍କ ମଧ୍ୟରେ ଫରକ୍ ନାହିଁ । ଏହାର ୨୦ହଜାର ଟଙ୍କିଆ ମୁଦ୍ରା ଉପରେ ଭଗବାନ ଗଣେଶଙ୍କ ଚିତ୍ର ରହିଛି, ପଶ୍ଚାତ ଭାଗରେ ଅଧ୍ୟୟନରତ ଛାତ୍ରଙ୍କ ଚିତ୍ର ରହିଛି ।

## ଦେବାଳୟର ଦ୍ୱୀପ ବାଲି

ବାଲି ଏସିଆ ମହାଦେଶର ସବୁଠାରୁ ସୁନ୍ଦର ଦ୍ୱୀପମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରତିବର୍ଷ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କଟାଇବା ପାଇଁ ଏଠାକୁ ଆସନ୍ତି। ଆମ ଦେଶରୁ ପ୍ରତିବର୍ଷ ହଜାର ହଜାର ପରିବାର

ବିସ୍ଫୋରଣରେ ୨୦୨ଜଣଙ୍କ ଜୀବନ ନେଇଥିଲେ। ଜୀମ୍ବରନ୍ ବାଲିର ପ୍ରସିଦ୍ଧ ମତ୍ସ୍ୟଜୀବୀ ଗ୍ରାମ। ବର୍ତ୍ତମାନ ଏହା ପର୍ଯ୍ୟଟନସ୍ଥଳ ପାଲଟି ଯାଇଛି। ଦ୍ୱୀପର ଉତ୍ତର ତଟରେ ରହିଛି ସିଂହରାଜନଗର। ଅଗୁଙ୍ଗ ପର୍ବତ ଏବଂ ବତୁର ଆଗ୍ନେୟଗିରି ରାଜ୍ୟର ଉଚ୍ଚତମ ପର୍ବତ। ଇଣ୍ଡୋନେସିଆ ଏକ ମୁସଲ୍‌ମାନ ବହୁଳ ଦେଶ। କିନ୍ତୁ ବାଲି ହିନ୍ଦୁବହୁଳ ପ୍ରଦେଶ। ଏଠାର ଜନସଂଖ୍ୟା ପ୍ରାୟ ୩୮ଲକ୍ଷ। ଏଠାର ଲୋକମାନେ ସ୍ଥାନୀୟ ପୋଷାକ ପିନ୍ଧନ୍ତି। କିନ୍ତୁ

ସେମାନଙ୍କର ନାମ ସଂସ୍କୃତ ଆଧାରିତ। ଅଧିକାଂଶ ହିନ୍ଦୁ ମହିଳା ମଥାରେ କୁଙ୍କୁମ ଲଗାନ୍ତି। ଏଠାରେ ଅନେକ ହିନ୍ଦୁ ମନ୍ଦିର ଅଛି। ପ୍ରତ୍ୟେକ ଘର ଏବଂ ହୋଟେଲରେ ଛୋଟ ଛୋଟ ମନ୍ଦିର ରହିଛି।

ନୀଳ ସମୁଦ୍ର ଓ ପ୍ରାଚୀନ ମନ୍ଦିରର ଦ୍ୱୀପ ହେଉଛି ବାଲି। ଏହାର ଶାନ୍ତ ସବୁଜ ପରିବେଶ ଉଭୟ ଆଖି ଓ ମନକୁ ବାସ୍ତବିକ ଶାନ୍ତି ଦିଏ। ଏହାର ଜଳବାୟୀ ଉଷ୍ମ। ଜୁଲାଇ-ଅଗଷ୍ଟ ମାସରେ ସବୁଠାରୁ ଅଧିକ ପର୍ଯ୍ୟଟକ ଆସନ୍ତି। ଡେନ୍‌ପାସାର ଠାରୁ ୪୦ କି.ମି. ଦୂରରେ ଅଛି ନୁସାଦୁଆ ନାମକ ସହର। ସାରା ସହରରେ ସବୁଜ ସୁନ୍ଦରର ପାର୍କ, ହିନ୍ଦୁ ପୁରାଣର ଚରିତ୍ର ଓ ନୃତ୍ୟରତା ମହିଳାଙ୍କ ମୂର୍ତ୍ତି ଓ ବିଭିନ୍ନ ପଶୁପକ୍ଷୀଙ୍କୁ ଦେଖିବାକୁ ମିଳେ।



ଏଠାରେ ସାମୁଦ୍ରିକ ଜୈବ ବିବିଧତା ଅଧିକ। ଏଠାରେ ୫୦୦ରୁ ଅଧିକ ପ୍ରବାଳ ପ୍ରାଚୀର ଏବଂ ପ୍ରବାଳର ଅଧିକାଂଶ ପ୍ରଜାତି ଦେଖାଯାଆନ୍ତି।

ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରୁ ବାଲିରେ ଜନବସତି ଅଛି। ଅଷ୍ଟ୍ରୋନେସିୟମାନେ ପ୍ରଥମେ ଏଠାକୁ ଆସିଥିଲେ। ଦକ୍ଷିଣ-ପୂର୍ବ ଏସୀୟରୁ ଏଠାକୁ ଆସିଥିଲେ। ସଂସ୍କୃତି ଏବଂ ଭାଷାରେ ମାଲେସିଆ, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଓସିଏନିଆ ସହ ଏହାର ସମାନତା ରହିଛି। ପୁରାତନ ବାଲିରେ ୯ଟି ହିନ୍ଦୁ ସଂପ୍ରଦାୟ ଥିଲା। ପ୍ରତ୍ୟେକ ସଂପ୍ରଦାୟର ସ୍ୱତନ୍ତ୍ର ଦେବତା ଥିଲେ। ଏଠାରେ ହିନ୍ଦୁମାନେ ଭାରତୀୟ

ଏହାର ନିରବତାର ଦିନ। ଏହିଦିନ ପ୍ରତ୍ୟେକ ଲୋକ ଘରେ ରୁହନ୍ତି ଏବଂ ପର୍ଯ୍ୟଟକମାନଙ୍କୁ ହୋଟେଲ ଭିତରେ ରହିବା ପାଇଁ ପରାମର୍ଶ ଦିଆଯାଏ। ନୂଆବର୍ଷ ପୂର୍ବଦିନ ବଡ଼ ବଡ଼ ପୁତ୍ତଳିକାକୁ ଶୋଭାଯାତ୍ରାରେ ନେଇ ଦାହ କରାଯାଏ। ବିଶ୍ୱାସ କରାଯାଏ ଏହା ଦୁଷ୍ଟ ଆତ୍ମାକୁ ଦୂରେଇ ରଖିବ। ବାଲିରେ ଭାରତୀୟ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମର ମିଶ୍ରଣ। ହିନ୍ଦୁ ଦେବଦେବୀଙ୍କ ସହ ବୌଦ୍ଧ ସନ୍ଥମାନଙ୍କୁ ପୂଜା କରାଯାଏ। ଏହାବ୍ୟତୀତ ପୂର୍ବପୁରୁଷମାନଙ୍କୁ, କୃଷିର ଦେବତାମାନଙ୍କୁ ଏବଂ ପବିତ୍ର ସ୍ଥାନଗୁଡ଼ିକୁ ମଧ୍ୟ ହିନ୍ଦୁମାନେ ପୂଜା କରନ୍ତି।



# ମହେନ୍ଦ୍ରଗିରି କୁନ୍ତି ମନ୍ଦିରରୁ ଗଜପତି ଉତ୍ସବ



ପାରଳାଖେମୁଣ୍ଡି,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ମହେନ୍ଦ୍ରଗିରି ଶିଖର ସ୍ଥିତ କୁନ୍ତି ମନ୍ଦିରରୁ ଗଜପତି ଉତ୍ସବ-୨୦୨୫ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ବଡି ଭୋରରୁ ଗଜପତି ମହୋତ୍ସବ ମଶାଲ କମିଟି ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ରାୟଗଡ ବ୍ଲକ ମହେନ୍ଦ୍ରଗିରିକୁ ଯାତ୍ରା କରିଥିଲେ । ମହେନ୍ଦ୍ରଗିରି ଶିଖରରେ ପହଞ୍ଚିବା ପରେ କୁନ୍ତି ମନ୍ଦିର ତଥା ଗୋକର୍ଣ୍ଣେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମଶାଲ ପ୍ରଜ୍ୱଳନ କରାଯାଇଥିଲା । ସେଠାରୁ ମଶାଲ ଶୋଭାଯାତ୍ରା ବାହାରିବା ପରେ କଇଁପୁର, ଜିରାଙ୍ଗ, ମଣ୍ଡଳ ସାହି, ରାମଗିରି, ଛେଳିଗଡ, ଆର୍.ଉଦୟଗିରି, ଖଜୁରୀପଦା, ରାୟଗଡ଼ ଏବଂ ମାଛମରା ଦେଇ ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ନିକଟରେ ଅପରାହ୍ଣ ୪:୩୦ ଘଟିକା ସମୟରେ ମଶାଲ ପହଞ୍ଚିଥିଲା । ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହୋତ୍ସବର ମଶାଲକୁ ସ୍ୱାଗତ କରିଥିଲେ । ଗଜପତି ଉତ୍ସବ ମଶାଲକୁ ବିଜୁ କଲ୍ୟାଣ ମଣ୍ଡପ ପହଞ୍ଚିବା ପରେ ଜିଲ୍ଲାସ୍ତରୀୟ ଉତ୍ସବ କମିଟି ପକ୍ଷରୁ ସ୍ୱାଗତ କରାଯାଇ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ଜଗନ୍ନାଥ ମନ୍ଦିରର ନିକଟକୁ ଅଣାଯାଇଥିଲା ଓ ମଶାଲଟିକୁ ଜିଲ୍ଲାସ୍ତରୀୟ ଉତ୍ସବ ପର୍ଯ୍ୟନ୍ତ ମନ୍ଦିରରେ ରଖାଯିବ ଏବଂ ଉତ୍ସବର ପ୍ରଥମ ଦିନ ଏକ ବିରାଟ ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ଉତ୍ସବ ପଡ଼ିଆକୁ ନେବାର ସ୍ଥିର କରାଯାଇଛି । ଜଗନ୍ନାଥ ମନ୍ଦିରରେ ମଶାଲ ପହଞ୍ଚିବା ପରେ ସେଠାରୁ ଗୁମ୍ମା ଓ କାଶୀନଗର ବ୍ଲକ ମଶାଲା ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରିବା ସହ ନିଜ ନିଜ ବ୍ଲକସ୍ତରୀୟ ଉତ୍ସବ ସକାଶେ ମୁଖ୍ୟ ମଶାଲ ଦ୍ୱାରା ବ୍ଲକସ୍ତରୀୟ ଉତ୍ସବ ମଶାଲକୁ ପ୍ରଜ୍ୱଳିତ କରି ନେଇଥିଲେ । ଏହି ମଶାଲ ଶୋଭାଯାତ୍ରାରେ ମଶାଲ କମିଟିର ଅଧକ୍ଷ ବାସୁଦେବ ଦାସ ସମେତ ବସନ୍ତ କୁମାର ପଣ୍ଡା, ପି.ଅନିଲ କୁମାର, କେଦାରନାଥ ପାତ୍ର, ବସନ୍ତ କୁମାର, ହେମନ୍ତ ପ୍ରଧାନ ଓ ଏସ.ଋଷି ଗଜପତି ଉତ୍ସବ ମଶାଲ ମହେନ୍ଦ୍ରଗିରି ଶିଖରର ମାତା କୁନ୍ତୀ ମନ୍ଦିରରୁ ମଶାଲଟିକୁ ଆଣିଥିଲେ । ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ଗଜପତି ଉତ୍ସବ ମଶାଲକୁ ଭବ୍ୟ ସ୍ୱାଗତ କରିଥିଲେ । ମୋହନା, ଆର.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣି ବ୍ଲକ ପାରଳାଖେମୁଣ୍ଡି ପହଞ୍ଚିବା ପୂର୍ବରୁ ସେମାନଙ୍କ ସୀମାରେ ଜିଲ୍ଲାସ୍ତରୀୟ ଉତ୍ସବ ମଶାଲକୁ ସ୍ୱଗତ କରିବା ସହ ନିଜ ନିଜ ବ୍ଲକ ଉତ୍ସବ ପାଇଁ ବ୍ଲକ ସ୍ତରୀୟ ମଶାଲ ପ୍ରଜ୍ୱଳନ କରି ମହା ଆଡମ୍ବରରେ ନିଜ ନିଜ ବ୍ଲକ ଅଭିମୁଖେ ଗ୍ରସ୍ତ କରିଥିଲେ ।

# ଅଳଙ୍କାର ଲୁଟ ଘଟଣାରେ ଜଣେ ଗିରଫ



ଖୋର୍ଦ୍ଧା,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଏକ ସୁନା ଦୋକାନରୁ ସୁନା ଅଳଙ୍କାର ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି ଆଦର୍ଶ ଥାନା ପୋଲିସ । ଏହି ଘଟଣାରେ ପୋଲିସ ବାଲୁଗାଁର ଚନ୍ଦନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ତାଙ୍କ ଠାରୁ ୨ କେଜି ୬୩୮ ଗ୍ରାମ ରୂପା, ଟିଭିଏସ ଆପାଚି ବାଇକ, ୨ଟି ଲୁହାରଡ ଜବତ କରିଛି ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମିଳନୀରେ ଅତିରିକ୍ତ ଏସ୍ପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି । ସୂଚନା ପ୍ରକାରେ, ଗତ ଡିସେମ୍ବର ୧୪ ତାରିଖ ରାତିରେ ଅଭିଯୁକ୍ତ ଲୁହାରଡରେ ଦୋକାନ ଗ୍ରିଲ ସଟର ତାଡି ସୁନା ଅଳଙ୍କାର ଲୁଟ କରି ନେଇଥିଲେ । ଦୋକାନୀ ମାଲିକ ଦିନେଶ ସାଥୁଆ ଏନେଇ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ କ୍ରମେ ପୋଲିସ ୫୩୩/୨୫ରେ ଏକ ମାମଲା ରୁଜୁ କରିଥିଲା । ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନାଧିକାରୀ ସଞ୍ଜୟ ନାୟକ ତତ୍ତ୍ୱାବଧାନରେ ଏସଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏଏସଆଇ ଫୁଲମଣି ହେମ୍ବ୍ରମ, ହାବିଲଦାର ଏ.ସାମନ୍ତରାୟ ପ୍ରମୁଖଙ୍କୁ ନେଇ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ । ଅଭିଯୁକ୍ତ ଲୁଟ ପରେ ଚୋରି ସାମଗ୍ରୀ ବିକ୍ରି କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ଘର ପଛପଟେ ଲୁଚାଇ ରଖିଥିଲେ । ଗୁରୁବାର ପୂର୍ବାହ୍ନରେ ପୋଲିସ ଟିମ ଅଭିଯୁକ୍ତ ଠିକଣାରେ ଚଢାଉ ବେଳେ ସେ ଘଟଣା ସମ୍ପର୍କରେ ମାନିଥିଲେ । ତା' ଠାରୁ ରୂପା ଅଳଙ୍କାର ଜବତ କରାଯାଇଛି । ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଛି ବୋଲି ଅତିରିକ୍ତ ଏସପି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ସଞ୍ଜୟ ନାୟକ, ଅତିରିକ୍ତ ଆଇଆଇସି ଭାଗ୍ୟଶ୍ରୀ ବେହେରା ଏବଂ ବିଭୁତି ଭୂଷଣ ମହାପାତ୍ର, ତଦନ୍ତ ଅଧିକାରୀ ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଲିକା ବୋଟ ରେସିଂରେ ବିଶୃଙ୍ଖଳା

ବାଣପୁର,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ଚିଲିକା ବୋଟ ରେସିଂରେ ଭାଗନେଇଥିବା ପ୍ରତିଯୋଗୀମାନଙ୍କୁ ନିମ୍ନମାନର ଖାଦ୍ୟ, ରହିବାର ସୁବିଧା ନଦେବା ଅଭିଯୋଗରେ ପ୍ରତିଯୋଗୀମାନେ ପାନ୍ଥନିବାସ ଜେଟିରେ ଧାରଣାରେ ବସିଛନ୍ତି । ସେମାନଙ୍କୁ ବାସି ଚିକେନ, ପୋକରା କୋବି, ଦୂଷିତ ପାଣି ଦିଆଯାଉଥିବା ଅଭିଯୋଗ ହୋଇଛି । ଦିନକୁ ୫୦୦ ଟଙ୍କା ଲେଖାଏଁ ଦେବାପାଇଁ ପ୍ରତିଯୋଗୀମାନେ ଦାବି କରିଛନ୍ତି । ଅନ୍ୟପଟେ ସମୁଦାୟ ୫୧୨ ଟଙ୍କା ଦେବା ପାଇଁ ସହକାରୀ ନିବନ୍ଧକ ଅଧିକାରୀ ସୋସାଇଟି ସହ ଆଲୋଚନା କରିଛନ୍ତି ।

ଏହି ଘଟଣା ପରେ ବାଲୁଗାଁ ଏସଡିପିଓ, ପର୍ଯ୍ୟଟନ ବିଭାଗର ଉପ ସଚିବ ଜଗଦିଶ ଷଡ଼ଙ୍ଗୀ ପ୍ରତିଯୋଗୀଙ୍କ ସହ ଆଲୋଚନା କରୁଛନ୍ତି । ସୂଚନା ଅନୁଯାୟୀ ଗତ ୩ ଦିନ ଧରି ଚିଲିକା ବଡକୁଳ ପାନ୍ଥନିବାସରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବାର୍ଡ଼ ଫେଷ୍ଟିଭାଲ ଉପଲକ୍ଷେ ବୋଟ ରେସିଂ ପ୍ରତିଯୋଗିତା ଚାଲିଛି । ଏଥିରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଜିଲ୍ଲାର ୮୧ ଟିମରେ ପ୍ରତି ଟିମରେ ୧୦ ଜଣ ଲେଖାଏଁ ଭାଗ ନେଇଛନ୍ତି । ଆଜି ଫାଇନାଲ ପ୍ରତିଯୋଗିତା ରହିଛି । ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଏଭଳି ବିଶୃଙ୍ଖଳା ପ୍ରଶାସନର ଚିନ୍ତା ବଢାଇଛି ।

# ସ୍କୁଲ ପାଇଁ ଆନ୍ଦୋଳନ: ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଅଭିଭାବକ

ନୂଆପଡା,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ସଭିଏଁ ପଢିବେ, ସଭିଏଁ ବଢିବେ । ପିଲାଙ୍କୁ ଶିକ୍ଷାର ଗୁରୁତ୍ୱ ବୁଝାଇବାକୁ ସରକାର ନାନା ଯୋଜନା ଆଣୁଛନ୍ତି । କିନ୍ତୁ ବିଦ୍ୟାଳୟ ନଥିବାରୁ ଅନେକ ସ୍ଥାନରେ ପିଲା ପଢାରୁ ବଞ୍ଚିତ ହେଉଥିବା ନଜିର ରହିଛି । ହେଲେ ଏବେ ଲୋକମାନେ ଶିକ୍ଷାର ଆବଶ୍ୟକତା ବୁଝିଛନ୍ତି । ଆଉ ସ୍କୁଲ ତିଆରି ପାଇଁ ଅଣ୍ଟା ଭିଡିଛନ୍ତି । ନୂଆପଡା ଜିଲ୍ଲାର ନୂଆପଡା ବ୍ଲକର ବୋଇରଭାଡିରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ଏହି ଜନ ଆନ୍ଦୋଳନ ବା ଗଣଧାରଣା । ବୋଇରଭାଡି, ପଞ୍ଚାୟତ ମୁଖ୍ୟାଳୟ ହୋଇଥିଲେ ହେଁ ସବୁ ଆଡୁ ଅବହେଳିତ ହୋଇପଡିଛି । ଏଠି ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡିପଡିଛି କହିଲେ ଭୁଲ ହେବନି । ପିଲାଙ୍କ ପଢିବାକୁ ଏଠି କେବଳ ପ୍ରାଥମିକ ବିଦ୍ୟାଳୟ ଅଛି । ଏଣୁ ଗାଁର ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆସୁଛି । ଆଉ ବୋଇରଭାଡିରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଦାବି ଜୋର ଧରିଛି ।

ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଜିଲ୍ଲା ଶିକ୍ଷାଅଧିକାରୀ, ଜିଲ୍ଲାପାଳ ଅଫିସ ଘେରାଉ କରିବା ସହ ରାଜପଥ ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି । ନିକଟରେ ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପ୍ରଣୟନ କରିଛନ୍ତି । ଏଥିରେ ନୂଆପଡ଼ା ବ୍ଲକର କଲ୍ୟାଣପୁର, ମାଗୁରପାଣି, ବୁକାରାଟ, କୋମନା ବ୍ଲକର ସମରସିଂ ଓ ବୋଡ଼େନ ବ୍ଲକର ବଲଲିଖୁଣ୍ଟି ସ୍କୁଲକୁ ସାମିଲ କରାଯାଇଛି । ଏଥିପାଇଁ ଶିଳାନ୍ୟାସ ଉତ୍ସବ ହେବାକୁ ଥିଲା । ଏହି ଖବର ପାଇ ବୋଇରଭାଡ଼ି ଗାଁ ଲୋକେ ପ୍ରତିକ୍ରିୟାଶୀଳ ହୋଇ ବିରୋଧ କରିଛନ୍ତି । ସେମାନଙ୍କ ଅଭିଯୋଗ, ଗାଁର ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ସବୁ ଉନ୍ନୟନ କାମ ଓ ଶିକ୍ଷାନୁଷ୍ଠାନ ମାଗୁରପଣି ଗାଁରେ ସ୍ଥାପନ ହୋଇଛି । ମାଗୁରପଣିରେ ହାଇସ୍କୁଲ ସ୍ଥାପନ ହେବା ସହ ଅତ୍ୟାଧୁନିକ ସାପ୍ତାହିକ ହାଟ ବି ନିର୍ମାଣ ହୋଇଛି । ଏହି ପଞ୍ଚାୟତର ସବୁ ଅନୁଦାନ ମାଗୁରପାଣି ଗାଁରେ ଖର୍ଚ୍ଚ ହେଉଛି । ବୋଇରଭାଡ଼ି ନାଁରେ ଆସିଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏବେ ମାଗୁରପାଣିରେ ଶିଳାନ୍ୟାସ ହେଉଛି । ଯାହାକୁ ବିରୋଧ କରି ଧାରଣାରେ ବସିଛନ୍ତି ଅଞ୍ଚଳବାସୀ । ବୋଇରଭାଡି ଗାଁର ଶତାଧିକ ଲୋକେ, ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ପରିତ୍ୟାଗ କରି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ମୁଖ୍ୟଗେଟ ସମ୍ମୁଖରେ ଧାରଣାରେ ବସିଥିଲେ । ପରେ ଏକ ପ୍ରତିନିଧି ଦଳ ସହ ଡିଇଓଙ୍କ ସହ ଅଫିସରେ ଆଲୋଚନା କରିଥିଲେ ବି କୌଣସି ନିଷ୍କର୍ଷ ବାହାରିନଥିଲା । ଶେଷରେ ଜିଲ୍ଲାପାଳ ଅଫିସ ଘେରଉ କରିଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତି ହେତୁ ଜାତୀୟ ରାଜପଥ ୩୫୩କୁ ଅବରୋଧ କରିଥିଲେ ଅଞ୍ଚଳବାସୀ । ଅପରାହ୍ନରେ ଉପଜିଲ୍ଲାପାଳ ସୁର୍ମୀ ସୋରେନ ଜିଲ୍ଲାପାଳ ଅଫିସରେ ପହଞ୍ଚି ବୁଝାସୁଝା କରିଥିଲେ । ପ୍ରାଶାସନିକ ଟିମ ବୋଇରପାଡ଼ି ଗାଁ ପରିଦର୍ଶନ କରି ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି ।

# ଟାୱାର ଉପରେ ଯୁବକ

ତରଭା,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ଟାୱାର ଉପରେ ଦୀର୍ଘ ସମୟ ଧରି ଚଢି ରହିଛନ୍ତି ଯୁବକ । ଅଗ୍ନିଶମ ବିଭାଗର ବଢ଼ାଇଛନ୍ତି ଚିନ୍ତା । ଦୀର୍ଘ ସମୟ ଧରି ଟାୱାର ଉପରେ ଜଣେ ଯୁବକ ଚଢି ରହିଛନ୍ତି । ଦୀର୍ଘ ସମୟ ଧରି ଟାୱାରରୁ ଓହ୍ଲାଉ ନଥିବାରୁ ଅଗ୍ନିଶମ ବିଭାଗର ଚିନ୍ତା ବଢ଼ାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ଏହି ଘଟଣା ଦେଖିବାକୁ ମିଳିଛି । ତରଭା ସହର ମାରୱାଡି ଧର୍ମଶାଳା ପଛରେ ଥିବା ଟାୱାରରେ ଜଣେ ଯୁବକ ଚଢ଼ିଛନ୍ତି । ଦୀର୍ଘ ସମୟ ଧରି ଟାୱାର ଉପରେ ଯୁବକ ଜଣକ ଅଛନ୍ତି । ଯୁବକ ଜଣକ ଟାୱାର ଉପରେ କାହା ସହିତ ଫୋନରେ କଥା ହେଉଥିବା ମଧ୍ୟ ଦେଖା ଯାଉଛି । କିନ୍ତୁ ସେ କାହିଁକି ଟାୱାର ଉପରେ ଚଢ଼ିଛନ୍ତି ଏପର୍ଯ୍ୟନ୍ତ କାରଣ ଅସ୍ପଷ୍ଟ ରହିଛି ।

# ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବେତନଟୀ,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀ ବ୍ଲକ ଅଧିନସ୍ଥ ମୁକ୍ତାପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦାର ପ୍ରଧାନଶିକ୍ଷକ ବିମଳ କୁମାର ଜେନା ଡିସେମ୍ବର ମାସ ୩୧ ତାରିଖ ଦିନ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଶ୍ରୀ ଜେନାଙ୍କ ଉଦ୍ଦେଶ୍ୟରେ ଉକ୍ତ ବିଦ୍ୟାଳୟରେ ବୁଧବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସୁଶାନ୍ତ କୁମାର ବଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଓଷ୍ଟା ସଂଘର ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ସିଆରସିସି ପ୍ରଦିପ କୁମାର ଦାସ, ଭାରପ୍ରପ୍ତ ପ୍ରଧାନ ଶିକ୍ଷକ ମନମୋହନ ସାହୁ, ମୁକ୍ତାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପରିଚାଳନା କମିଟିର ସଦସ୍ୟ, ପୂର୍ବତନ ପରିଚାଳନା କମିଟିର ସଦସ୍ୟ ବୃନ୍ଦଙ୍କ ସମେତ ଗ୍ରାମବାସୀ, ଅବିଭାବକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଶ୍ରୀ ଜେନା ୧୯୯୨ ମସିହାରେ ଏହି ବିଦ୍ୟାଳୟରେ କାର୍ଯ୍ୟ ରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବିଜୟ କୁମାର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାସ୍ଥ୍ୟସେବା ବନ୍ଦ ଡାକରା ନେଇ ମିଶ୍ରିତ ପ୍ରତିକ୍ରିୟା

ଭୁବନେଶ୍ୱର,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ଓମସା ପକ୍ଷରୁ ସ୍ୱାସ୍ଥ୍ୟ ସେବା ବନ୍ଦ ଆହ୍ୱାନ ନେଇ ସାଧାରଣରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । କେତେକଙ୍କ ମତରେ ସ୍ୱାସ୍ଥ୍ୟ ସେବା ବନ୍ଦ ଲାଗି ଦିଆଯାଇଥିବା ଆହ୍ୱାନ ଡାକ୍ତରୀ ସେବାର ପରିପନ୍ଥୀ । ଓମ୍ସାର ଚଳିତ ଆନ୍ଦୋଳନ ପରିପ୍ରେକ୍ଷୀରେ ସରକାର ସ୍ୱାସ୍ଥ୍ୟସେବା ଅବ୍ୟାହତ ରଖିବା ପାଇଁ ଚେଷ୍ଟା କରୁଛନ୍ତି । ଡାକ୍ତରମାନଙ୍କର ଦାବି ଗୁଡ଼ିକୁ ସକ୍ରିୟ ଭାବେ ବିଚାର କରୁଛନ୍ତି । ତେବେ ଯେଉଁ ଡାକ୍ତରମାନେ ଜରୁରୀକାଳୀନ ସେବା ଯୋଗାଇବାରେ ସହଯୋଗ କରୁଛନ୍ତି ସେମାନେ ନିଶ୍ଚିତ ଭାବେ ମାନବିକତାର ପରିଚୟ ଦେଇଛନ୍ତି । ସମସ୍ୟା ତ ରହିଛି । କିନ୍ତୁ ସମସ୍ୟା ନାମରେ ସ୍ୱାସ୍ଥ୍ୟ ସେବା ପରି ଜନତାଙ୍କ ଜୀବନ ରକ୍ଷାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାମ ବନ୍ଦ କରି ଦେବା କେତେଦୂର ଯୁକ୍ତିଯୁକ୍ତ । ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସେବା ବନ୍ଦ କରି ଆନ୍ଦୋଳନ କରିବା ବିଲକୁଲ ବି ସୁସ୍ଥ ସମାଜ ପାଇଁ ଗ୍ରହଣୀୟ ନୁହଁ । ବର୍ତ୍ତମାନ ଡାକ୍ତର ଆସୋସିଏସନ ନିଜ ଦାବି ପୂରଣ ପାଇଁ ଦୁଇ ଘଣ୍ଟା କାର୍ଯ୍ୟବନ୍ଦ ରଖିଛନ୍ତି । ସ୍ୱାସ୍ଥ୍ୟ ସେବା କୌଣସି ସାଧାରଣ ପ୍ରଶାସନିକ କାର୍ଯ୍ୟ ନୁହେଁ । ଏହା ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ସୂକ୍ଷ୍ମ ସୀମାରେ କାମ କରେ । ଏହି ପରିପ୍ରେକ୍ଷିତରେ ଆସୋସିଏସନ ଦ୍ୱାରା ୨ ଘଣ୍ଟା କାର୍ଯ୍ୟ ବନ୍ଦ ଭଳି ଆହ୍ୱାନ ଦିଆଯିବା କେବଳ ଦୁଃଖଦ ନୁହେଁ, ବରଂ ଏହା ଜୀବନ ରକ୍ଷା, ଚିକିତ୍ସା ନୀତି ଓ ସାମାଜିକ ଦାୟିତ୍ୱ ବିଷୟରେ ଗୁରୁତର ପ୍ରଶ୍ନ ଉଠାଉଛି ।

ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକରେ ଦିନକୁ ଦିନ ଲକ୍ଷାଧିକ ଗରିବ, ଶ୍ରମିକ, ଗ୍ରାମୀଣ ଓ ଅସହାୟ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି । ଗୋଟିଏ ଘଣ୍ଟା ପାଇଁ ମଧ୍ୟ ସେବା ବନ୍ଦ ହେଲେ, ଅନେକ ଆପାତକାଳୀନ ରୋଗୀଙ୍କ ଜୀବନ ଅସୁରକ୍ଷିତ ହୋଇପଡୁଛି । ଏହା କେବଳ ଏକ ପ୍ରଶାସନିକ ବିରୋଧ ନୁହେଁ, ଏହା ମାନବିକତା ସହିତ ସିଧାସଳଖ ଭାବେ ଜଡିତ । ଡାକ୍ତରମାନେ ସମାଜରେ ଦେବତା ସମ ଭାବରେ ସମ୍ମାନିତ । ଏହି ପେଶାର ମୌଳିକ ଆତ୍ମା ସହ କାର୍ଯ୍ୟ ବନ୍ଦ ଭଳି ଆନ୍ଦୋଳନ କେତେ ଦୂର ଉଚିତ୍, ଏହା ଆତ୍ମ ସମୀକ୍ଷାର ବିଷୟ ।

ରାଜ୍ୟ ସରକାର ଏହାକୁ ଅସ୍ୱୀକାର କରୁନାହାନ୍ତି ଯେ ଡାକ୍ତରମାନଙ୍କର କିଛି ଦାବି ଓ ସମସ୍ୟା ରହିଛି । ବେତନ, ପଦୋନ୍ନତି, କ୍ୟାଡର୍ ସଂଶୋଧନ, କାର୍ଯ୍ୟ ଚାପ, ଢାଞ୍ଚାଗତ ଅଭାବ, ଏ ସମସ୍ତ ବିଷୟ ଉପରେ ସରକାର ପୂର୍ବରୁ ଆଲୋଚନା କରିଆସୁଛନ୍ତି ଏବଂ ଅନେକ କ୍ଷେତ୍ରରେ ନୀତିଗତ ନିଷ୍ପତ୍ତି ମଧ୍ୟ ନିଆଯାଇଛି । କାର୍ଯ୍ୟ ପରିବେଶ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ସତ୍ତ୍ୱେ ଆଲୋଚନାର ମାର୍ଗ ଛାଡ଼ି କାର୍ଯ୍ୟ ବନ୍ଦ ଭଳି ପଦକ୍ଷେପ ଗ୍ରହଣ କରାଯିବା କେବେ ବି ଉଚିତ୍ ନୁହେଁ ।

ଗଣତନ୍ତ୍ରରେ ଆନ୍ଦୋଳନ ଅଧିକାର ଅଛି, କିନ୍ତୁ ଏହା ସହ ଦାୟିତ୍ୱ ମଧ୍ୟ ସମାନ ଭାବେ ଜଡିତ । ଯେଉଁ ସେବା ସିଧାସଳଖ ଭାବେ ଜୀବନ ସହିତ ସଂପୃକ୍ତ, ସେଠାରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ନୀତିଗତ ଭାବେ ଅଗ୍ରହଣୀୟ । ଏହା ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ଚାପରେ ରଖେ, ଯାହା ଗଣତନ୍ତ୍ରର ମୂଳମନ୍ତ୍ର ସହ ସମନ୍ୱୟ ନୁହେଁ ।

ସରକାର ବାରମ୍ବାର ଆସୋସିଏସନ ସହ ଆଲୋଚନା କରୁଛନ୍ତି । ବିଭିନ୍ନ ପଦକ୍ଷେପ ନେବା ସହ କମିଟି ଗଠନ କରି ଦାବି ଗୁଡିକର ବିଭିନ୍ନ ଦିଗ ଗୁଡିକୁ ବିଚାର କରୁଛନ୍ତି । ସେଥିପାଇଁ ସମୟ ଆବଶ୍ୟକ । ସରକାର ବୁଝି ବିଚାରୀ ନିଷ୍ପତ୍ତି ନେବେ ଯାହା ସବୁ ଦିଗରୁ ସମସ୍ତଙ୍କୁ ସୁହାଉ ଥିବା । କିନ୍ତୁ ସେଥିପାଇଁ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ବନ୍ଧକ ରଖି ଦାବି ରଖିବା କେବେ ବି ଗ୍ରହଣୀୟ ହୋଇପାରିବ ନାହିଁ ।

ଆଜିର ସମୟର ଆବଶ୍ୟକତା ହେଉଛି ସହଯୋଗ, ସମ୍ବେଦନଶୀଳତା ଓ ପରସ୍ପର ଆସ୍ଥା । ଡାକ୍ତର, ପ୍ରଶାସନ ଓ ସରକାର ତିନିଜଣେ ମିଶି ଯଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ କେନ୍ଦ୍ରରେ ରଖି କାମ କରିବେ, ତେବେ ଯାଇ ସମସ୍ୟାର ସମାଧାନ ସମ୍ଭବ । ଜନସାଧାରଣଙ୍କ ଆଶା ହେଉଛି, ହସ୍ପିଟାଲର ଦ୍ୱାର କେବେ ବି ବନ୍ଦ ହେବ ନାହିଁ, ଚିକିତ୍ସା ସେବା କେବେ ବି ବାଧାପ୍ରାପ୍ତ ହେବ ନାହିଁ । ଏହି ଆଶାକୁ ଅଟୁଟ ରଖିବା ହେଉଛି ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ଡାକ୍ତରମାନେ ସମାଜର ଗର୍ବ, ସେମାନଙ୍କର ନୀତିଗତ ଦାୟିତ୍ୱ ହେଉଛି ରୋଗୀ ସେବାକୁ ସର୍ବୋପରି ରଖିବା । ଆଶା ଯେ ସମସ୍ତ ଡାକ୍ତରମାନେ ଜନହିତକୁ ପ୍ରାଥମିକତା ଦେଇ କାର୍ଯ୍ୟ ବନ୍ଦ ଭଳି ଆହ୍ୱାନର ପୁନଃ ବିଚାର କରିବେ ଏବଂ ନିଜ ପେଶାର ଉତ୍ତର ଦୟିତ୍ୱତା ବଜାୟ ରଖିବେ ବୋଲି ସାଧାରଣରେ ଆଶା ବ୍ୟକ୍ତ କରାଯାଇଛି ।

# ବରେନ୍ଦ୍ର କୃଷ୍ଣ ବିଦ୍ୟାପାଠରେ ପୁରାତନ ଛାତ୍ରଙ୍କ ବାର୍ଷିକ ସମ୍ମିଳନୀ



ବାଙ୍କି,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ବାଙ୍କି ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ୧୯୬୬ ମସିହାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ୩୧ତମ ବାର୍ଷିକ ସମ୍ମିଳନୀ ଓ ପାରିବାରିକ ବନ୍ଧୁ ମିଳନ ବାଙ୍କି ବେଦପୁର ଗ୍ରାମର ଷଠୀ ଠାକୁରଙ୍କ ମନ୍ଦିର ପ୍ରାଙ୍ଗଣରେ ସମିତିର ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭ୍ୟ ହରିହର ସାହୁଙ୍କ ପ୍ରସ୍ତାବ କ୍ରମେ ଦିବଙ୍ଗତ ସାଥି ଘୋଡାବର ଗ୍ରାମର ଧନେଶ୍ୱର ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ପ୍ରେମାନନ୍ଦ ରାଜ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭ୍ୟ ବ୍ରଜବନ୍ଧୁ ପଣ୍ଡା, ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରୁ ଉତ୍ତୀର୍ଣ୍ଣ ଜଣେ ଗରିବ ମେଧାବୀ ଛାତ୍ର, ବାଙ୍କି ମହାବିଦ୍ୟାଳୟ ଆଇଏ ଶ୍ରେଣୀ ନାମ ଲେଖାଇ ଖର୍ଚ୍ଚ ସେ ବହନ କରିବାକୁ ପ୍ରସ୍ତାବକୁ ସର୍ବ ସମ୍ମତିକ୍ରମେ ଗ୍ରହଣ କରାଗଲା । ଏଥିପାଇଁ ବ୍ରଜବନ୍ଧୁଙ୍କ ସଭାପତିତ୍ୱ, ବ୍ରଜବନ୍ଧୁ ପଣ୍ଡା, ପ୍ରେମାନନ୍ଦ ରାଜ ଓ ବିଦ୍ୟାଳୟର ଜଣେ ପ୍ରତିନିଧିଙ୍କୁ ନେଇ ଚୟନ କମିଟି ଗଠନ କରାଗଲା । ଗତ ୭ ତାରିଖରେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଶତବାର୍ଷିକ ସମାରୋହକୁ ସଫଳ କରାଇଥିବା ଶତବାର୍ଷିକ କମିଟିର ସଭାପତି ଶ୍ରୀନିବାସ ବେହେରା, ପ୍ରଧାନଶିକ୍ଷୟିତ୍ରୀ ବିଣାପାଣି ଦାଶ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏବଂ ଏଥିରେ ସହଯୋଗ, ସାହାଯ୍ୟ କରିଥିବା ସମସ୍ତ ପ୍ରାକ୍ତନ ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର କର୍ମଚାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଡଃ.ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କୁ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଅବଦାନ ପାଇଁ ଜସସ୍ୱୀ ଛାତ୍ର ୧୯୬୬ ସମ୍ମାନରେ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଡଃ. ତ୍ରିପାଠୀ ସମ୍ବର୍ଦ୍ଧନା ପାଇଁ ବରେନ୍ଦ୍ର କୃଷ୍ଣ ବିଦ୍ୟାଳୟରେ ତାଙ୍କୁ ପାଠପଢାଇଥିବା ଶିକ୍ଷକମାନଙ୍କୁ ପ୍ରଣାମ ଜଣାଇବା ସହ ବିଦ୍ୱାଳୟ ଓ ବାଙ୍କି ମାଟିର ଉନ୍ନତି ନିମନ୍ତେ ସମସ୍ତେ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ଶିକ୍ଷକ ଶ୍ରୀ ତ୍ରିପାଠୀ ସମସ୍ତ ପୁରାତନ ଛାତ୍ରମାନଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଉନ୍ନତି ନିମନ୍ତେ ସେମାନଙ୍କର ସୁଚିନ୍ତିତ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ । ୭୦ ବର୍ଷ ପରେ ହୋଇଥିବା ୧୯୬୨-୧୯୬୬ ମସିହାରେ ବିଦ୍ୟାଳୟରେ ପାଠପଢିଥିବା ବେଳର ସାଥି ଓ ପରିବାରବର୍ଗଙ୍କୁ ଦେଖି ଅଧିବକ୍ତା ଶ୍ରୀନିବାସ ମହାପାତ୍ର, ଡଃ. ବନମାଳୀ ନାୟକ, ଡଃ.ରାଜେନ୍ଦ୍ର ସିଂ, ହରିହର ସାହୁ, ଲଳିତ ମହାପାତ୍ର, ଧନେଶ୍ୱର ସାହୁ, କସ୍ତୁରି ଚରଣ ପ୍ରଧାନ, ହେମନ୍ତ ବେହେରା, ଦାମୋଦର ଜେନା, କାଶୀନାଥ ମଲ୍ଲିକ, ରବିନ୍ଦ୍ର ନାଥ ସାହୁ ଭାବିହ୍ୱଳ ହୋଇ ସେମାନଙ୍କ ସ୍ମୃତିଚାରଣ କରିଥିଲେ । ସଭାପତି ଶ୍ରୀ ତ୍ରିପାଠୀ ସମସ୍ତ ସଭ୍ୟ ଓ ପରିବାରବର୍ଗଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ସମସ୍ତଙ୍କୁ ଆଗାମୀ ବର୍ଷରେ ଏକତ୍ରିତ ହୋଇ ସାମାଜିକ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।

# ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡା

ବୁଗୁଡା

ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚବିଦ୍ୟାଳୟର ୬୩ତମ ବାର୍ଷିକ କ୍ରୀଡା ଉତ୍ସବ ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଓ କୃଷ୍ଣଚନ୍ଦ୍ର ବେହେରା, ସିଆରସିସି କିରଣ ବାଳା ତ୍ରିପାଠୀ, ଅବସରପ୍ରାପ୍ତା କିରାଣୀ ସୁକାନ୍ତି ରାଜଗୁରୁ ଯୋଗ ଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିଥିଲେ । ସ୍ଥାନୀୟ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ସାମୁହିକ ଶପଥ ପାଠ କରାଯାଇଥିଲା । ତତ୍ପରେ ଦୌଡ଼, ଲଙ୍ଗଜମ୍ପ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ସ୍ଲୋ ସାଇକିଲିଂ, ସ୍କିପିଙ୍ଗ୍ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ପିପୁଲ୍ଲ ହାଇସ୍କୁଲର କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲା ବେଳେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏଥିରେ ସହଯୋଗ କରିଥିଲେ ।

# ଅନଶନ ତୃତୀୟ ଦିନରେ ଶୁଣୁନାହାନ୍ତି ପ୍ରଶାସନିକ ଅଧିକାରୀ

ମାର୍ଶାଘାଇ,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ମାମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଶିଳିପୁର ଛକ ନିକଟରେ ଉଚ୍ଚତା ବିଶିଷ୍ଟ ଅଣ୍ଡରପାସ ନିର୍ମାଣ ଦାବି ନେଇ ୩ ଦିନ ଧରି ଆମରଣ ଅନଶନରେ ବସିରହିଥିବା ବେଳେ ଏପର୍ଯ୍ୟନ୍ତ ନା ପ୍ରଶାସନିକ ଅଧିକାରୀ ନା ରାଜପଥ ଅଧିକାରୀ କେହି ହେଲେ ଅନଶନକାରୀଙ୍କ ସହିତ କିଛିବି ଆଲୋଚନା କରି ନାହାଁନ୍ତି । ଯାହାକୁ ନେଇ ଶିଳିପୁର ପଞ୍ଚାୟତବାସୀ ରାଜପଥ କଡ଼ରେ ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ । ଅନଶନରେ ବସିଥିବା ଅନଶନକାରୀମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ତା'ସହିତ ଗୁରୁବାର ଠାରୁ ଜତୀୟ ରାଜପଥକୁ ସଂପୂର୍ଣ୍ଣ ବନ୍ଦ କରିଦେବେ ବୋଲି ପ୍ରେସମିଟ ମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ଅବସରରେ ଅନଶନକାରୀଙ୍କ ନିକଟରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଏବଂ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଅନଶନ ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଛନ୍ତି । ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହିତ ସାଧାରଣ ଲୋକମାନଙ୍କ ସମସ୍ୟାକୁ ସମାଧାନ ଦିଗରେ କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ, ମତପ୍ରକାଶ କରିଛନ୍ତି । ହେଲେ ଶିଳିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୁଗଳ କିଶୋର ଦାସ, ଇଂ ମନୋଜ କୁମାର ପରିଡ଼ା, ସମିତି ସଭ୍ୟା ଭାରତୀ କାନୁନଗୋ, ଗୈରାଙ୍ଗ ଜେନା, ପ୍ରଦୀପ ସାହୁ, ଭିକାରୀ ଚରଣ ବେହେରା, ଅଭୟ ଦାସ, ଭାଗବତ ସେଠୀ, ସରୋଜ କାନ୍ତ ଦାସ, ଭଞ୍ଜ କିଶୋର ଦାସଙ୍କ ସମେତ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା

# କଲେଜରେ ସଡକ ସୁରକ୍ଷା ସଚେତନତା

ମାର୍ଶାଘାଇ,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ଜାତୀୟ ସଡକ ସୁରକ୍ଷା ମାସ ଅବସରରେ କେନ୍ଦ୍ରାପଡା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମାର୍ଶାଘାଇ ବ୍ଲକ ଅନ୍ତେଇ ବିଜୁ ପଟ୍ଟନାୟକ କଲେଜ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନଭେନର ସେକ୍ରେଟାରୀ ୱାଇଆରସି ବିକାଶ ନାୟକ, ଜୁନିଅର ଏମଭିଆଇ କେନ୍ଦ୍ରାପଡା ଶ୍ରୀକାନ୍ତ ଟୁଡୁ, ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁଙ୍କ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଡକ ସୁରକ୍ଷା ଉପରେ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ । ତେବେ ପ୍ରତ୍ୟକ ପଞ୍ଚାୟତରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ କେନ୍ଦ୍ରାପଡା ଆଞ୍ଚଳିକ ପରିବହନ ବିଭାଗ ତରଫରୁ ସମସ୍ତ ବ୍ୟବସ୍ଥା କରାଇବା ପାଇଁ ଏକାର୍ଯ୍ୟକ୍ରମ ବୋଲି ଆରଟିଓ ଶ୍ରୀ ମେହେର କହିଛନ୍ତି ।

# ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ପାରଳାଖେମୁଣ୍ଡି,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫-୨୬ ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠାନ ଉଦଘାଟିତ ହୋଇଯାଇଛି । ଏହି ମେଳା ଗତ୬ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ । ଗଜପତି ଜିଲ୍ଲାରେ ପ୍ରଥମଥର ପାଇଁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ହୋଇଥିବାରୁ କୃଷକ ଭାଇ ଭଉଣୀମାନେ ଖୁସିବ୍ୟକ୍ତ ହୋଇଛନ୍ତି । ଏହି ମେଳାରେ ପାଞ୍ଚଟି ଜିଲ୍ଲା ତଥା ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଚାଷୀ ଯୋଗଦାନ କରିବେ । ଏହାସହିତ ଏହି ଜିଲ୍ଲାର କୃଷି ଯନ୍ତ୍ରପାତି ବିତରକ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି । ଏହି ମେଳାରେ ୧୧୦ଟି ଷ୍ଟଲ୍ ରହିଛି । ଷ୍ଟଲ୍ ଗୁଡିକରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ କରିବା ସହିତ ସରକାରଙ୍କ ରିହାତି ଦରରେ ବିକ୍ରୟ ଏବଂ କିଣାବିକାର ବ୍ୟବସ୍ଥା ରହିଛି । ଆଜିର ପ୍ରଥମ ଦିନ ଉଦଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି. ତିରୁପତି ରାଓ, ଅଧକ୍ଷ, ଜିଲ୍ଲାପରିଷଦ ଗଜପତି, ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ଗୋସାଣୀ ପଞ୍ଚାୟତ ସମିତି ଅଧକ୍ଷ ଏନ.ବୀରରାଜୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ, ନିର୍ବାହୀ ଯନ୍ତ୍ରୀ କୃଷି ରାୟଗଡ଼ା ଜିଲ୍ଲା ସନ୍ତୋଷ ମିଶ୍ର, କୃଷି ଜିଲ୍ଲା ଅଧିକାରୀ ଆର.ଉଦୟଗିରି ବିରଞ୍ଚି ନାରାୟଣ ମଙ୍ଗରାଜ ପ୍ରମୁଖ ମଞ୍ଚାସିନ ଥିଲେ । ସମସ୍ତ ଅତିଥି ଗଣ କୃଷକ ଭାଇ ଭଉଣୀମାନଙ୍କୁ ଉତ୍ସିତ କରିଥିଲେ ।

# ୯ରୁ ବ୍ରହ୍ମପୁର ମହାନଗର ମହୋତ୍ସବ

ବ୍ରହ୍ମପୁର,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ଚର୍ଚ୍ଚ ପଡିଆ ଠାରେ ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ବ୍ରହ୍ମପୁର ମହାନଗର ମହାତ୍ସବ ୯ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଅନୁଷ୍ଠିତ ହେବ । ପ୍ରତିଦିନ ଅପରାହ୍ନ ୨.୩୦ ସମୟରୁ କବିତା ପାଠସହ ସାହିତ୍ୟ ଚର୍ଚ୍ଚା, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ୬ଘଣ୍ଟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୦ ତାରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଏହି ଅବସରରେ ବହୁ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ତଥା ବହୁ ବରିଷ୍ଠ କଳାକାର, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମନ୍ତ୍ରୀଙ୍କ ଯୋଗଦାନ ଦେବା କାର୍ଯ୍ୟକ୍ରମ ରହିଛି । ୧୦ ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ, ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୫ଟି ନୃତ୍ୟ ଅନୁଷ୍ଠାନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ୧୦ଟି ଲୋକକଳା ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି । ସେଣ୍ଟ ଷ୍ଟିଫେନ୍ ଚର୍ଚ୍ଚ ପଡିଆ ଠାରେ ଆୟୋଜିତ



ବ୍ରହ୍ମପୁର ମହାନଗର ମହୋତ୍ସବରେ ୧୨୦ ରୁ ଅଧିକ ଷ୍ଟଲ ନିର୍ମିତ ହୋଇଥିବା ବେଳେ ଷ୍ଟଲରେ ରାଜ୍ୟ ଓ ରାଜ୍ୟ ବାହାର ହସ୍ତଶିଳ୍ପ କୁଟୀରଶୀଳ୍ପ କାରୁକାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନୀ ସମେତ ବିକ୍ରୟ ବ୍ୟବସ୍ଥା ସହିତ ଭଉଣୀମାନଙ୍କ ବିଭିନ୍ନ ଘରକରଣା ସାମଗ୍ରୀର ବିକ୍ରୟ ବ୍ୟବସ୍ଥା କରାଯାଇଛି । ମହୋତ୍ସବର ପ୍ରତିଟି ରଜନୀରେ ୧୦୦୦ରୁ ଅଧିକ କବି ଓ କବୟିତ୍ରୀ ନିଜ ନିଜ ସ୍ୱରଚିତ କବିତା ପାଠ କରିବା କାର୍ଯ୍ୟକ୍ରମ ରହିଛି । ଏହାସହିତ ପ୍ରତି ସନ୍ଧ୍ୟାରେ ସାହିତ୍ୟ ଆସର ଓ ଆଲୋଚନଚକ୍ର ଅନୁଷ୍ଠିତ ହେବ । ଏହାକୁ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗ ରେ ଆୟୋଜିତ କରାଯାଉଛି । ବ୍ରହ୍ମପୁର ସହରରେ ଗତ ୧୩ ବର୍ଷ ଧରି ଅନୁଷ୍ଠିତ ହେଉଥିବା ମହାନଗର ମହୋତ୍ସବ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି ଓ ସାହିତ୍ୟର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

ଚଳିତ ବର୍ଷ ଏହି ମହୋତ୍ସବ ଆୟୋଜନରେ ବହୁ ଗଣ ସଂଗଠନ ସାମିଲ ହେବା ପାଇଁ ସହମତି ପ୍ରକାଶ କରୁଛନ୍ତି । ଏହି ମହୋତ୍ସବ ଏକ ନିଆରା ସ୍ୱାଦର ମହୋତ୍ସବ ହେବ ବୋଲି ଆୟୋଜକ ଆଶା କରିଛନ୍ତି । ଏଥିରେ ଗଂଜାମ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଯୋଗାଇ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଉଦ୍ୟମ କରାଯାଉଅଛି । ମହୋତ୍ସବ କୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ, ଆରକ୍ଷୀ ବାହିନୀ, ଅଗ୍ନିଶ୍ରମ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ଏବଂ ବ୍ରହ୍ମପୁର ମହାନଗର ନିଗମର ବିଶେଷ ସହଯୋଗ ପ୍ରଦାନ କରିଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି ଗୋପାଳ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।

ଏହି ଅବସରରେ ଆବାହକ ଇଂ ଉମା ଶଙ୍କର ପାଣିଗ୍ରାହୀ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ,ଆଇନ ପରାମର୍ଶଦାତା ଅରୁଣ ସ୍ୱାଇଁ,ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ସୁଦର୍ଶନ ପରିଡା, ରୁଦ୍ର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ. ସାଂସ୍କୃତିକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ସଂଯୋଜନା କରିଥିବା ବେଳେ ସଂଯୋଜିକା ରଶ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର



ମୁରିବାହାଲ,୮।୧ ଏକ୍ସପ୍ରେସ୍ ନ୍ୟୁଜ୍

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଇଓ ଶାନ୍ତନୁ କୁମାର ପଡିହାରୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ସଦସ୍ୟ ଗୋପିନାଥ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ସୈମୀନା ସେଟ୍, ସମିତି ସଭ୍ୟ ଟୁନାମଣି ମହାନନ୍ଦ, ହଳଦୀ ସିଆରସିସି ଯାଜ୍ଞସେନୀ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ନରହରି ପଶାୟତ, ମାଲିଶିରା ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବାଗ, ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ରଣା, ସମାଜସେବୀ ଚୈତନ୍ୟ ମହାନନ୍ଦ, ସୁବାସ ପୋଡ଼, ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ମହାକୁର, ଜମିଦାତା ରବିନାରାୟଣ ମହାନନ୍ଦଙ୍କ ସମ୍ପର୍କୀୟ ଦିନେଶ ମହାନନ୍ଦ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନକୁ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର କେତେଜଣ ପୂର୍ବତନ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ବରିଷ୍ଠ ସାମ୍ବାଦିକ ଭଗବାନ ମହାନ୍ତି ଓ ଦୁର୍ଗାନନ୍ଦ ମହାକୁରଙ୍କୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ସଂଯୋଜନା ଅଧାପକ ଦିଲ୍ଲୀପ ପଶାୟତ କରିଥିବା ବେଳେ ହଳଦୀ ନୋଡାଲ ସ୍କୁଲ୍ ପ୍ରଧାନ ଶିକ୍ଷକ କିଶୋର କୁମାର ଝାଙ୍କର ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୯ ଜାନୁଆରୀ ୨୦୨୬ ● ଶୁକ୍ରବାର


## ଆଜି ଖତମ୍ ବୁଖାର ସରିଫ ପାଇଁ ସ୍ୱତନ୍ତ୍ର ଦୁଆ

କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

ମୁସଲମାନ ସଂପ୍ରଦାୟର ରାଜ୍ୟରେ ଥିବା ସର୍ବ ବୃହତ୍ ମଦ୍ରାସା କେନ୍ଦ୍ରାପଡ଼ାସ୍ଥିତ ଆସର ଫୁଲ ଉଲୁମ୍ ଇସଲାମ୍ଧର୍ମର ଦ୍ୱିତୀୟ ବୃହତ୍ ଗ୍ରନ୍ଥ ବୁଖାରୀ ସରିଫ ଶିକ୍ଷା ସମାପ୍ତ କରିଥିବା ପିଲାଙ୍କ ପାଇଁ ସ୍ୱତନ୍ତ୍ର ଦୁଆ କରାଯିବ । ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଏସିଆ ମହାଦେଶର ସର୍ବ ବୃହତ୍ ମଦ୍ରାସା ୟୁପିର ଦାରୁଲ ଉଲମ ଦେଓବନ୍ଦୀର ଶିକ୍ଷାବିତ୍ ମୌଲାନା ସଲମାନ ବିଜୁନରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ରାଜ୍ୟର ବିଭିନ୍ନ ବହୁ ମୌଲାନା ଯୋଗଦାନ କରିବେ ବୋଲି ଆସର ଫୁଲ ଉଲୁମ୍‌ର ଅଧ୍ୟକ୍ଷ ମୌଲାନା ଫାରୁକ୍ କାଶମୀ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟଯେ,ପୂର୍ବରୁ ରାଜ୍ୟର ପିଲାମାନେ ଏହି ଶିକ୍ଷା ପାଇଁ ୟୁପି ହିଁ ଯାଉଥିଲେ । ଗତ କିଛି ବର୍ଷହେଲା ଆସର ଫୁଲ ଉଲୁମ୍‌ରେ ଏହି ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି ହେବା ପରେ ରାଜ୍ୟର ଆଗ୍ରହୀ ପିଲାଙ୍କର ଦୀର୍ଘଦିନର ସ୍ୱପ୍ନ ସାକାର କରିବେ ବୋଲି କୁହାଯାଇଛି ।

### ପୁସ୍ତକମେଳାର ତୃତୀୟ ସନ୍ଧ୍ୟା

## ସମାଜ ହିତରେ ଯୁବ ସାହିତ୍ୟ



କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ କେନ୍ଦ୍ରାପଡା ସହରସ୍ଥ ଟେଲିକମ୍ ପଡିଆରେ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳାର ତୃତୀୟ ସନ୍ଧ୍ୟାରେ ଯୁବ କଳା ଓ ସାଂସ୍କୃତିକ ମହୋତ୍ସବ "ଯୁବ ସ୍ପନ୍ଦନ-୨" ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷା, ସାହିତ୍ୟ, କ୍ରୀଡା, ସମାଜସେବା, ବିଦ୍ୟାର୍ଥୀ ଓ ପ୍ରଶାସନ ପରି ୬ ଗୋଟି କ୍ଷେତ୍ରର ପ୍ରତିଭା ମାନଙ୍କୁ ନେଇ ଆଲୋଚନା କରାଯାଇଥିଲା । ଅମରିନ ସାହାଦତ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆୟବା ବିଜ୍ଞାନ କଲେଜ ର ଅଧକ୍ଷ ଡକ୍ଟର ବିନାୟକ ପ୍ରଧାନ, ବିଶିଷ୍ଟ ଫୁଟବଲର ଆଲୋଚନା ସେନାପତି, ଗାଳ୍ପିକ ମାତୃଦତ୍ତ ମହାନ୍ତି, ଯୁବ ପ୍ରଶାସକ ପିନାକୀ ପାର୍ଥସାରଥୀ, ସମାଜସେବୀ ଇଞ୍ଜିନିୟର ସ୍ମୃତି ରଞ୍ଜନ ଜେନା ଓ ଛାତ୍ରୀ ଅଂଶୁଆ ପାଣି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଆଜିର କେନ୍ଦ୍ରାପଡା ବିକାଶରେ ଯୁବ ଶକ୍ତିର ଭୂମିକା କାର୍ଯ୍ୟକ୍ରମରେ ସଫଳ ଯୁବ ସାହିତ୍ୟକମାନେ ଯୋଗଦେଇ କହିଥିଲେ ଯେ ସମାଜ ହିତରେ ଯୁବ ସାହିତ୍ୟ । ସାହିତ୍ୟ ହିଁ ଯୁବକମାନଙ୍କ ଉଚିତ ମାର୍ଗ ଦେଖାଇଥାଏ । ଏହି କାର୍ଯ୍ୟକ୍ରମକ୍ରମରେ ପ୍ରଫୁଲ୍ଲ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଜିର ସାହିତ୍ୟ କାର୍ଯ୍ୟକ୍ରମରେ କେମ୍ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମ୍.ଡି ଜାହିଦ୍ ଖାଁ, ଶେଷଦେବ ଦାସ, ସାମାଜସେବୀ ଅଭିମନ୍ୟୁ ରାଉତ, ପ୍ରତାପ ସ୍ୱାଇଁ, ବଂଶିଧର ମହାନ୍ତି, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅପରାହ୍ନରେ ରୟାଲ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୟୁକୋ ବ୍ୟାଙ୍କର ଚକ୍ଷୁ ଚିକିତ୍ସା ଶିବିର



କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ୟୁକୋ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କଟକ ସହର ନୂଆପଡ଼ା ସ୍ଥିତ ୟୁକୋ ବ୍ୟାଙ୍କ ଆନୁକୁଲ୍ୟରେ ଏବଂ ରୋଟାରୀ ଆଖି ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ସହଯୋଗିତାରେ ନୂଆପଡ଼ା ବାଟ ମଙ୍ଗଳା ଯୁବକ ସଂଘ ପ୍ରାଙ୍ଗଣରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଏଥିରେ ଶତାଧିକ ଜଣସାଧାରଣଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯିବ ସହିତ ମାଗଣା ଔଷଧ ଏବଂ ଚଷମା ବିତରଣ କରାଯାଇଥିଲା । ଏହି ଅବସରରେ ଶାଖା ମୁଖ୍ୟ ପ୍ରବନ୍ଧକ ଶ୍ରୀମତୀ ପ୍ରତିଭା ମଞ୍ଜରୀ ସାହୁଙ୍କ ଅଧକ୍ଷତାରେ ପୂର୍ବତନ ଉପ ମହାପ୍ରବନ୍ଧକ ପ୍ରିୟବ୍ରତ ଦାସ, ପୂର୍ବତନ ମୁଖ୍ୟ ପ୍ରବନ୍ଧକ ଦୁର୍ଗା ପ୍ରସନ୍ନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଥମେ ୟୁକୋ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ଘନଶ୍ୟାମ ଦାସ ବିର୍ଲାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ଶ୍ରୀମତୀ ସାହୁ ଏବଂ ଉପ ଶାଖା ପ୍ରବନ୍ଧକ ଶ୍ରୀମତୀ ଜସ୍‌ସିନି ଜଗଦେବ, ଶ୍ରୀମତୀ ତପସ୍ୱିନୀ ସେଠି, ଶ୍ରୀମତୀ ଜିଜ୍ଞାସା ରାୟ, ବିଶ୍ୱରଂଜନ ଦାସ, ଗଗନ ନାୟକଙ୍କ ସମେତ ଉପସ୍ଥିତ ଗ୍ରାହକ ଓ ଜନସାଧାରଣଙ୍କୁ ବ୍ୟାଙ୍କର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମେତ ବୃକ୍ଷ ରୋପଣ ଆୟୋଜନ କରାଯାଇଥିଲା । ଉପସ୍ଥିତ ଗ୍ରାହକ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ମିଷ୍ଟାନ୍ନ ବିତରଣ କରାଯାଇଥିଲା ।

## ଦଶପଲ୍ଲା କପ: ୩-୧ ଗୋଲରେ ବିହାର ବିଜୟୀ



ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍

ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଦଶପଲ୍ଲା କପର ଆଜି ୨ୟ ଦିବସର ଖେଳରେ ଗତକାଲିର ବିଜେତା ଗଣ୍ଡରପୁର ଭୁବନେଶ୍ୱର ସହିତ କାମାକ୍ଷୀ କ୍ଲବ ବିହାର ଦଳର ଖେଳ ହୋଇଥିଲା । ଖେଳ ବହୁ ସଂଘର୍ଷ ପୂର୍ଣ୍ଣ ଥିଲେ ମଧ ବିହାର ଦଳର ସଟ ପାସ ଖେଳକୁ ଭୁବନେଶ୍ୱର ସାମ୍ନା କରି ପାରିନଥିଲା । ଫଳରେ ବିହାର ଦଳ ୩ଟି ଗୋଲ ଦେଇଥିବା ବେଳେ ଭୁବନେଶ୍ୱର ବହୁ ପରିଶ୍ରମ କରି ମଧ ମାତ୍ର ଗୋଟିଏ ଗୋଲ ପରିଶୋଧ କରି ପାରିଥିଲା । ଫଳରେ ଖେଳ ଶେଷ ସୁଦ୍ଧା ୩-୧ଗୋଲରେ ପରାଜୟ ସ୍ୱୀକାର କରିବାକୁ ବାଧ ହୋଇଥିଲା ଭୁବନେଶ୍ୱର । ଆଜି ଅତିଥି ଭାବେ ସ୍ଥାନୀୟ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଏବଂ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଖେଳାଳି ମାନଙ୍କ ସହ ପରିଚିତ ହୋଇ ଥିଲେ । ଆଜିର ଖେଳ ପରିଚାଳନା କରିଥିଲେ ରେଫରୀ ପ୍ରସନ୍ନ କୁମାର ନାୟକ । ଆସନ୍ତାକାଲି ହାଲ୍, ସୁନାବେଡା ସହ ନୂଆଦିଲ୍ଲୀ ଦଳର ଖେଳ ହେବ ବୋଲି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, ସଭାପତି ଦିଲ୍ଲୀପ କୁମାର ପଣ୍ଡା ଜଣାଇଛନ୍ତି ।

## ଚୋରା ଦେଶୀ ମଦ ଜବତ: ୨ ଗିରଫ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ଚୋରା ଦେଶୀ ମଦ ଚାଲାଣ କରୁଥିବା ସମୟରେ ଜିଲ୍ଲା ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଗୁରୁବାର ନନ୍ଦନକାନନ ଥାନା ଅନ୍ତର୍ଗତ ବସ ଟରମିନାଲ ପକ୍ଷରୁ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ପିଣ୍ଟୁ ରାଉତ (୨୫), ଅନିଲ ସାମଲ (୧୯) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୧୫ଲିଟର ଚୋରା ଦେଶୀ ମଦ ଓ ଗୋଟିଏ ମହିନ୍ଦ୍ରା ପିକଅ ବୋଲୋରୋ (ଓଡ଼ି୦୫ବିଜେଡ଼୬୧୫୯) ଜବତ କରିଛି । ଜବତ ଚୋରା ମଦର ଆନୁମାନିକ ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ବିଭାଗ ଏସଆଇ ଏସକେ ସାକିର ଉଲା ଓ ଅମିତ ବିଶ୍ୱାଳ, ଏଏସଆଇ କର୍ଣ୍ଣ ଓରାମ, ଅଜୟ ସାହୁ ଓ ଏଆର ମଲ୍ଲିକ, କନେଷ୍ଟବଳ ଦେବାଶିଷ ବେହେରା, ଅନ୍ନପୂର୍ଣ୍ଣା ଗଣ୍ଡ, ଗୌରାଙ୍ଗ ନାୟକ, ପବିତ୍ର ଦାଶ, ଜଗନ୍ନାଥ ସାହୁ ଓ ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### କୁଆଁପାଳ-ବରଅଠା ମୁଖ୍ୟମନ୍ତ୍ରୀ ସଡକ ନିର୍ମାଣରେ ବ୍ୟାପକ ଦୁର୍ନୀତି

# ୨୪ ଘଣ୍ଟା ପରେ ବି କଂକ୍ରିଟ ମସଲା କାଦୁଅ ସଦୃଶ

ମାହାଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍

ସରକାର ସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତାଘାଟ ନିର୍ମାଣ କରୁଥିବାବେଳେ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରାରେ ରାସ୍ତା ନିର୍ମାଣ ନିମ୍ନମାନର ହେବା ସହ ବିଭାଗୀୟ ନୀତି ନିୟମକୁ ସଂପୂର୍ଣ୍ଣ ଜଳାଞ୍ଜଳି ଦେଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିବା ପାଇଁ ଉଦ୍ୟମ କରିବା ଘଟଣା ଅଂଚଳବାସୀଙ୍କ ମଧରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦୁର୍ନୀତି ଓ ଅନିୟମିତତାରେ ସୀମା ଟପି ଯାଇଛି ଗ୍ରାମ୍ୟ ଉନ୍ନୟନ ବିଭାଗ । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ବ୍ୟବହୃତ ହେଉନି ସଠିକ୍ ପରିମାଣର ଢଳାଇ ସାମଗ୍ରୀ । ଏହି ଢଳେଇ ସାମଗ୍ରୀ ରାସ୍ତାର ବ୍ୟବହୃତ ହେବାର ୨୪ ଘଂଟା ପରେ ମଧ ଜମାଟ ବାନ୍ଧୁ ନାହିଁ । କାଦୁଅ ପରି ହେଉଛି ପଚ ପଚ ହେଉଛି । ଏହି ଘଟଣା ଦେଖିବା ପରେ ସ୍ଥାନୀୟ ଅଂଚଳର ଲୋକମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏପରିକି ଉତ୍ୟକ୍ତ ଲୋକ ଯନ୍ତ୍ରୀଙ୍କୁ ଘେରିବା ସହ ୭ଗୋଟି ହାଇୱାରେ ଆସିଥିବା ନିମ୍ନମାନର ମିଲର ମସଲା ଗାଡିକୁ ଫେରାଇ ଦେଇଥିବା ଦେଖିବାକୁ ମିଳିଛି । ଯାହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ଭିତରି ସଲାସୁଲରାରେ କାମ ହେଉଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଅଧିନସ୍ଥ କୁଆଁପାଳ-ବରଅଠା ରାସ୍ତା ଉନ୍ନତୀକରଣ କାର୍ଯ୍ୟରେ । ଏହି ରାସ୍ତାଟି ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ୬.୫ କୋଟି ଟଙ୍କା ବ୍ୟୟ ଅଟକଳରେ ମାହାଙ୍ଗା ବାହାରର ଜୈନିକ ଠିକାଦାରଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ରାସ୍ତା ପ୍ରକଳ୍ପ ନିର୍ମାଣ ଆରମ୍ଭରୁ ନିମ୍ନମାନର ହେବା ସହ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଦେଖିବାକୁ ମିଳିଛି । ଉକ୍ତ ରାସ୍ତା ନିର୍ମାଣ ପାଇଁ ସୂଚନା ଫଳକ ଲଗାଇବାର ବ୍ୟବସ୍ଥା ରହିଥିବାବେଳେ



ଠିକାଦାରଙ୍କ ପକ୍ଷରୁ କୌଣସି ସୂଚନା ଫଳକ ଏଠାରେ ଲଗାନଯାଇ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଥିବା ଜଣାଯାଇଛି । ଗତକାଲି ବାସୁଦେବପୁର ବଜାର, ହାଇସ୍କୁଲ ଓ ମହାନ୍ତି ସାହି ନିକଟ ରାସ୍ତା ଢଳେଇ କାର୍ଯ୍ୟ ହୋଇଥିଲା । ଏହି ଢଳେଇ କାର୍ଯ୍ୟ ୨୪ ଘଂଟା ବିତି ଯାଇଥିଲେ ମଧ ଏଥିରେ ବ୍ୟବହୃତ ହୋଇଥିବା ବାଲି, ସିମେଂଟ ଓ ଗୋଡି ଏବଂ ରସାୟନ ସାମଗ୍ରୀ ର ମାପ ସଠିକ୍ ହୋଇନଥିବାରୁ ତାହା କାଦୁଅ ପଚର ପଚର ସଦୃଶ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀ ହୋହାଲ୍ଲା କରିବା ସହ କାମକୁ ବନ୍ଦ କରି ୭ ଗୋଟି ମିଲର ମସଲା ଗାଡିକୁ ଫେରାଇ ଦେଇଥିଲେ । ଏଠାରେ ତୀବ୍ର ବିରୋଧ ଓ ଉତେଜନା ହେତୁ କାର୍ଯ୍ୟସ୍ଥଳୀରେ ଉପସ୍ଥିତ କର୍ମଚାରୀ ଏବଂ ଠିକା ସଂସ୍ଥାର କର୍ମଚାରୀ ସେଠାରୁ ଛୁ ମାରିଥିଲେ । ଘଟଣା ସ୍ଥଳରେ ପୋଲିସ ପହଂଚିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜନ ମଲିକ ଆସି ପହଂଚିଥିଲେ । ଏହି ସମୟରେ ସ୍ଥାନୀୟ ଲୋକେ ରାସ୍ତାର ସ୍ଥାୟିତ୍ୱକୁ ନେଇ ନାନା ପ୍ରଶ୍ନ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ସେ ସଠିକ୍ ଉତ୍ତର ଦେଇ ନ ପାରି ହଲାପଟା ହେବାକୁ ପଡିଥିଲା । ଲୋକଙ୍କ ଅଭିଯୋଗ ଅନୁଯାୟୀ ନିମ୍ନମାନର ଢଳେଇକୁ ତଡାଯାଇ ପୁର୍ନବାର ନିର୍ମାଣ,ଶ୍ରୀରାମ ମନ୍ଦିର ନିକଟରେ ଛଡା ଯାଇଥିବା ଢଳେଇ ନିର୍ମାଣ, ମିଲରରେ ଆସୁଥିବା କଂକ୍ରିଟ ସାମଗ୍ରୀକୁ ଢଳେଇ ସମୟରେ ତାର ମାନ ଯାଂଚ କରିବା ଏବଂ ଯାତାୟତ ନିମନ୍ତେ ଜରୁରୀକାଳୀନ ସେବା, ଡାକ୍ତରଖାନା ଓ ବିଦ୍ୟାଳୟକୁ ଯିବା ପାଇଁ ଏହି ରାସ୍ତାକୁ ଅଧା ଅଧା କରି ଢଳେଇ କରିବାକୁ ଦାବୀ କରିଥିଲେ । ଏହି ଢଳେଇ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବୀ କରିଥିଲେ । ସେହିପରି ଏହି ରାସ୍ତାରେ ହୋଇଥିବା ପିଚୁ କାର୍ଯ୍ୟ ଅତି ନିମ୍ନମାନର ଏବଂ ନିୟମ ଅନୁଯାୟୀ ମୋଟେଇ କରାଯାଇନଥିବାରୁ ଗୋଡି ଉଠି ଯାଇ ଯାତାୟତରେ ବାଧା ସୃଷ୍ଟି ହୋଇଛି । ଯଦି ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏଭଳି ଦୁର୍ନିତୀ ଓ ନିମ୍ନମାନର କାର୍ଯ୍ୟ ହେଉଛି ଏହା ଉପରେ ବିଭାଗୀୟ ସଚିବ, ଜିଲ୍ଲାପାଳ ଓ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଭଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି ।

## ୧୯୯୫ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ

ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ବିଶିପଦା ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠ ୧୯୯୫ ମସିହା ମେଟ୍ରିକ ମ୍ୟାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ କୋରକରା ସ୍ଥିତ ବୋରିକ ମେଳଣ ଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ର ତଥା ଗୋବିନ୍ଦପୁର ମହାବିଦ୍ୟାଳୟର ଅଧାପକ ଶୁଭଙ୍କର ମହାନ୍ତି ଆୟୋଜନ କରିଥିଲେ ଓ ବିଦ୍ୟାଳୟର ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସାଙ୍ଗସାଥୀଙ୍କୁ ପାଖରେ ପାଇ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ି ଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସାଙ୍ଗସାଥୀମାନେ ନିଜନିଜର ମନର ଆବେଗକୁ ନିଜ ନିଜ ମଧରେ ପରିପ୍ରକାଶ କରିଥିଲେ । ଏକ କମିଟି ଗଠନ କରି ସାଙ୍ଗସାଥୀଙ୍କ ସୁବିଧା ଅସୁବିଧାରେ ପରସ୍ପରକୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ସଂକଳ୍ପ କରିଥିଲେ । ଆଗାମୀ ଦିନରେ ସେମାନେ ପଢୁଥିବା ବିଦ୍ୟାଳୟର ଉନ୍ନତି ପାଇଁ ସଦା ଚେଷ୍ଟିତ ହୋଇ ବିଦ୍ୟାଳୟର ବିକାଶଧାରାକୁ ଆଗେଇନେବା ପାଇଁ ସ୍ଥିର କରାଯାଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧରେ ନିର୍ମଳ ସ୍ୱାଇଁ, ପ୍ରଦୀପ କୁମାର ଭୋଇ, ଅମର ସାହୁ, ବିଶ୍ୱଜିତ ଦାସ, ଏସେ.କେ ଜଲ୍ଲୀଲ, ବିପିନ ମହାନ୍ତି, ବିରଞ୍ଚି ନାୟକ, ସୁବ୍ରତ ଦାସ ଏବଂ ଛାତ୍ରୀଙ୍କ ମଧରେ ପ୍ରତିମା, ସୁପ୍ରଭା, ଶୁଭଦର୍ଶିନୀ, ସଂଘମିତ୍ରା, କବିତା, ପ୍ରଜ୍ଞା, ପ୍ରଣତି, ସ୍ମୃତିରେଖା ପ୍ରମୁଖ ଯୋଗଦାନ କରି ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅଣସ୍ୱୀକୃତି ନର୍ସିଙ୍ଗ କଲେଜରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାର

ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟରେ ଘୋର ଭିତ୍ତିଭୂମିର ଅଭାବ ଥିବା ବେଳେ ନର୍ସିଂ, ଡିଏମ ଏଲଟି, ଏକ୍ସରେ ପଦ ପାଇଁ ଉଚ୍ଚ ଶିକ୍ଷିତ ଛାତ୍ରଛାତ୍ରୀ ଭବିଷ୍ୟତ ଆଶା ରଖୁଛନ୍ତି । କିନ୍ତୁ ଆଇପିଏସଏମ ନାମରେ କୋଚିଂ ସେଣ୍ଟର ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ନକଲି ସେଣ୍ଟର ଖୋଲି ଶିକ୍ଷାର୍ଥୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ବ୍ଲକରେ ଗୋଟିଏ ସ୍ୱୀକୃତି ପ୍ରାପ୍ତ ନର୍ସିଂ ସେଣ୍ଟର୍ ଥିବା ବେଳେ ଖୋର୍ଦ୍ଧା ଅଞ୍ଚଳର ଆଇପିଏସ୍ଏମ ନାମ୍ନୀ ଏକ ସେଣ୍ଟର ଅଣସ୍ୱିକୃତ ଭାବେ ଅନୁଷ୍ଠାନ ପ୍ରତିଷ୍ଠା କରି ଅଭିଭାବକଙ୍କୁ ଭୂତେଇବାରେ ପ୍ରୟାସ ଚଳାଇଛି । ୬୦ ଜାତୀୟ ରାଜପଥ ଗାୟତ୍ରୀ ପେଟ୍ରୋଲ ପମ୍ପ ସନ୍ନିକଟ ଏକ ଦୁଇ ମହଲା କୋଠା ଉପରେ ବେଆଇନ ଭାବେ ଛାତ୍ରଛାତ୍ରୀଙ୍କୁ ଆଡମିସନ କରି କୋଚିଂଗ ଦେଉଛି । ଏହି ସେଣ୍ଟର୍ ଖୋର୍ଦ୍ଧା ଜିଲ୍ଲାର ଏଗ୍ରି ସାଇନ୍ସ ମେଡିକାଲ୍ କଲେଜ ନାଁରେ ପଞ୍ଜିକରଣ ହୋଇଥିବା ବେଳେ ଜଳେଶ୍ୱର ସହରରେ କିପରି ଚାଲୁଛି ତାହା ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି । ସହର ଓ ଗ୍ରାମାଞ୍ଚଳର କାନ୍ଥ ବାଡ, ଖୁଣ୍ଟିରେ ସେଣ୍ଟର ସମ୍ପର୍କରେ ସବିଶେଷ ତଥ୍ୟ ଫୋନ୍ ନଂ ସହିତ ପ୍ରଦର୍ଶିତ କରାଯାଇଛି । ଏହି ବେଆଇନ କୋଚିଙ୍ଗ ସେଣ୍ଟରରେ ୩ଜଣ ବ୍ୟକ୍ତି ପ୍ରାୟ ୧୭ଜଣ ଶିକ୍ଷାର୍ଥୀଙ୍କୁ ପ୍ରଲୋଭିତ କରି ମୋଟା ଅଙ୍କର ଅର୍ଥ ଆଦାୟ କରିସାରିଛନ୍ତି । କେତେକ ସାମ୍ବାଦିକ ଏସମ୍ପର୍କରେ ପଚାରିବାରୁ ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ । ପରନ୍ତୁ ଏକ ଫୋନ୍ ନମ୍ବରେ ଯୋଗାଯୋଗ ପାଇଁ କହିଥିଲେ । ନମ୍ବରଟି ଦିଲ୍ଲୀର ଜୈନେକ ବ୍ୟକ୍ତି ଉଠାଉଥିବା ବେଳେ ସେ ମଧ କଥାକୁ ରଫାଦଫା ପାଇଁ କହିଥିଲେ । ହସ୍ପିଟାଲ




ଗୁଡ଼ିକରେ ପର୍ଯ୍ୟାପ୍ତ ସେବିକା ଓ ଡାକ୍ତର ନଥିବା ବେଳେ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବହୁ ନକଲି, ଔଷଧ ଦୋକାନ ଓ କୋଚିଂ ସେଣ୍ଟର ପାଥୋଲଜି ଉପରେ ଅଙ୍କୁଶ ଲଗାଇବା ଜରୁରୀ ହୋଇପଡିଛି । ଅଭିଭାବକମାନେ ମୋଟା ଅଙ୍କର ଟଙ୍କା ଦେଇ ନିଶ୍ଚିତ ପାସ୍ ପ୍ରତିଶ୍ରୁତି ପାଇଥିବା ବେଳେ ନକଲି କୋଚିଂ ସେଣ୍ଟର ତାଙ୍କର ଭବିଷ୍ୟତ ସୁନେଲି ସ୍ୱପ୍ନକୁ ଧୂଳିସାତ କରିବ ବୋଲି ଆଶଙ୍କା ପାଇଛି । ଏସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରଭାତ କୁମାର ବେହେରାଙ୍କ ସହିତ ଯୋଗାଯୋଗ ହୋଇପାରି ନାହିଁ । ଅଣ ସ୍ୱୀକୃତ ପ୍ରାପ୍ତ ସେଣ୍ଟର ସମ୍ପର୍କରେ ସବିଶେଷ ଅନୁଧ୍ୟାନ ସହିତ ଦୃଢ଼ ପଦକ୍ଷେପ ନିଆଯିବ ସମ୍ପର୍କରେ ସାଧାରଣରେ ମତ ପ୍ରକାଶ ପାଇଛି ।

## ମହିଳା କଂଗ୍ରେସର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ଅଧକ୍ଷତାରେ ପିପିଲି ନିକଟସ୍ଥ ଆଡଭେଞ୍ଚର ରିସୋର୍ଟରେ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରଭାତରେ ସମସ୍ତଙ୍କୁ ଯୋଗଶିକ୍ଷା ଦିଆଯାଇଥିଲା । ଦ୍ୱିତୀୟ ଦିନର ଶିବିରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଥିଲେ ଯେ ରାଜ୍ୟରେ ମହିଳା ଅଧିକାର ଓ ନ୍ୟାୟ ପାଇଁ ଯେଉଁ ଦୁର୍ବାର ଆନ୍ଦୋଳନ ହେବ ଏବଂ ଯେଉଁ ଆନ୍ଦୋଳନ ଚାଲିଛି ସେଥିରେ ନିଷ୍ଠାର ସହ କାର୍ଯ୍ୟକରିବାକୁ ଏବଂ ସମୟ ଓ ଶ୍ରମଦାନ କରିବାପାଇଁ ୧୦୦ ଜଣ ଉପଯୁକ୍ତ ମହିଳାଙ୍କୁ ବଛାଯିବ । ଯେଉଁମାନେ ସଂଗଠନ ପାଇଁ ଶୃଙ୍ଖଳାସହ କାର୍ଯ୍ୟକରିବେ ଏବଂ ସେମାନଙ୍କର ପ୍ରଶାସନିକ କାର୍ଯ୍ୟକ୍ରମ ଠାରୁ ସମ୍ବିଧାନର ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପ୍ରାଞ୍ଜଳ ଧାରଣା ରହିଥିବ । ବିଶେଷକରି ମହିଳାମାନଙ୍କୁ ସମ୍ବିଧାନରେ ଯେଉଁ ଅଧିକାର ଦିଆଯାଇଛି ସେ ସମ୍ପର୍କରେ ସେମାନେ ସଂପୂର୍ଣ୍ଣ ଅବଗତ ରହିବା ସହ ପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଉପେକ୍ଷିତା, ଅତ୍ୟାଚାରିତା ଓ ନିର୍ଯ୍ୟାତିତା ମହିଳାମାନଙ୍କ ପାଇଁ ନ୍ୟାୟର ଲଢ଼େଇ ଲଢ଼ିବେ । ଗାଁରେ ଥିବା ମହିଳାଙ୍କୁ ମଧ ତାର ସାମ୍ବିଧାନିକ ଅଧିକାର ସମ୍ପର୍କରେ ଅବଗତ କରାଇବେ । ଯାହା ଫଳରେ ସେ ନ୍ୟାୟର ଲଢ଼େଇ ଲଢ଼ିପାରିବ । ଆମ



ସଂଗଠନର ସବୁ ୟୁନିଟରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ପ୍ରାପ୍ତି ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ଏବେ ରାଜ୍ୟରେ ଯେଉଁ ଦୟନୀୟ ସ୍ଥିତିରେ ମହିଳାମାନେ ଅଛନ୍ତି ଯଦି ୫ଲକ୍ଷ ମହିଳା ପ୍ରତିବାଦ କରିବାପାଇଁ ଜାଗ୍ରତ ହୋଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ସେହି ପରପକ୍ୱ ମହିଳାମାନେ ଯଦି ନିର୍ଭୀକତାର ସହ ରାଜଧାନୀରେ ପହଞ୍ଚିବେ ଏ ସରକାର ଗାଦିଛାଡ଼ି ପଳାୟନ କରିବ । ମହିଳା କଂଗ୍ରେସର ପ୍ରଶିକ୍ଷଣାର୍ଥୀଙ୍କୁ ଶ୍ରୀ ଦାସ ଉପଦେଶ ଦେଇଥିଲେ ଇନ୍ଦିରା ଗାନ୍ଧୀ, ସୋନିଆ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ରାସ୍ତାରେ ଯିବାକୁ ହେଲେ ଜଣେ ରାଜନେତ୍ରୀ ସ୍ୱାବଲମ୍ବୀ ହେବା ସହ ବିଚାର, ଭାବନା ଏବଂ ଚରିତ୍ରରେ ସ୍ୱଚ୍ଛତା ଓ ସ୍ପଷ୍ଟତା ଆଣିବା ଆବଶ୍ୟକ । ଏକ ବିଶାଳ ମହିଳା ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଶ୍ରୀ ଦାସ କହିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ମହିଳା କଂଗ୍ରେସର ସାଂଗଠନିକ ଢ଼ାଞ୍ଚା ସମ୍ପର୍କରେ ସମାଜସେବୀ ତଥା ବିଶିଷ୍ଟ ସ୍ଥାପତ୍ୟ କଳାବିତ ମିସ୍ ସୃଷ୍ଟି ସୋମେନ ଆଲୋଚନା କରିଥିଲେ । ବର୍ଷକୁ ୫ଲକ୍ଷ ନୂଆ ମହିଳା ସଂଗଠନ ସହ ଯୋଡ଼ିବାକୁ ସେ ଉପଦେଶ ଦେଇଥିଲେ । ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ପରିସର ଓ କ୍ଷେତ୍ରରୁ ମହିଳାମାନଙ୍କୁ ସାମିଲ କରିବାକୁ ପଡ଼ିବ । ଯେଉଁଥିରେ ସମାଜସେବୀ, ଆଇନଜୀବି, ଶିକ୍ଷୟତ୍ରୀ ପରିବେଶବିତ, କ୍ଷୁଦ୍ର ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସବୁବର୍ଗର ପ୍ରତିନିଧିତ୍ୱ ରହିବ । ପ୍ରତି ଗାଁରେ ଅତି କମରେ ୫ଜଣ, ପଞ୍ଚାୟତରେ ୨୫ଜଣ ଏବଂ ସେହି ଅନୁପାତରେ ବ୍ଲକ ଓ ଜିଲ୍ଲାରେ ନୂତନ ପ୍ରତିନିଧିତ୍ୱ ନିଆଯିବ ଯେଉଁମାନଙ୍କର ପଞ୍ଚାୟତ, ବ୍ଲକ, ଥାନା, ତହସିଲ, କୋର୍ଟକଚେରୀ ଓ ବଶେଷକରି ପ୍ରଶାସନ କ୍ଷେତ୍ରରେ ମହିଳାମାନଙ୍କ ଅଧିକାର ସମ୍ପର୍କରେ ସଂପୂର୍ଣ୍ଣ ଜ୍ଞାନ ରହିଥିବ ଏବଂ ନିଜର କର୍ତ୍ତବ୍ୟ ପ୍ରତିବଦ୍ଧତା ରହିଥିବ ।

ପିସିସି ମୁଖପାତ୍ର ତଥା ଆଇନଜୀବି ମନିସା ଦାସ ପଟ୍ଟନାୟକ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କର ଅଧିକାର ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଧାରା-୧୪, ଧାରା-୧୫ (୧), ଧାରା ୧୫ (୩), ଧାରା-୧୬, ଧାରା-୧୯, ଧାରା-୩୯ (ଡି), ଧାରା-୪୨, ଧାରା ୫୧ଏ (ଇ), ଧାରା-୩୦୦ଏ ଏବଂ ମହିଳା ମାନଙ୍କ ନ୍ୟାୟ ପାଇଁ ଅନ୍ୟାନ୍ୟ ଧାରା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପକ୍ସୋ ଆଇନ ସମ୍ପର୍କରେ ମଧ ଆଲୋଚନା କରିଥିଲେ । ବିଶେଷ କରି ମହିଳାଙ୍କ ଅଧିକାର ସମ୍ପର୍କିତ ଆଇନ ଉପରେ ଏକ ସରଳ ପୁସ୍ତିକା ସମସ୍ତଙ୍କ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପ୍ରଭାରୀ ଶ୍ରୀମତୀ ତୁଳିକା କର୍ମା ଆଗାମୀ କାର୍ଯ୍ୟଖସଡ଼ା, ସଂଗଠନର ସୁଦୃଢ଼ତା ଓ ବିଶେଷକରି ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଆଲୋକପାତ କରିଥିଲେ । ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ମାଲକାନଗିରି ଓ ମୟୁରଭଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ମହିଳା ସମସ୍ୟା, ପଞ୍ଚାୟତ ଠାରୁ ରାଜ୍ୟସ୍ତରରେ ମହିଳାଙ୍କ ଅଧିକାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜୀବଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ଅଧକ୍ଷ ସୁଦର୍ଶନ ଦାସ ଏବଂ ପିସିସି ଗଣମାଧ୍ୟମ ବିଭାଗର ମୁଖ୍ୟ ଅରବିନ୍ଦ ଦାସ ଉପସ୍ଥିତ ଥିଲେ ।

## ଅରାଚଣ୍ଡୀ ପାଟରେ ୪୨ ପ୍ରଜାତିର ୨୩୦୦ପକ୍ଷୀଙ୍କ ସମାଗମ

ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍

ସବୁବର୍ଷ ପରି ଚଳିତ ବର୍ଷ ବାଙ୍କୀ ଅରାଚଣ୍ଡୀ ପାଟରେ ବିଦେଶୀ ପକ୍ଷୀମାନଙ୍କର ସମାଗମ ଦେଖିବାକୁ ମିଳୁଛି । ବାଙ୍କୀ ଉପଖଣ୍ଡରେ କ୍ରମାଗତ ଭାବେ ବିଦେଶାଗତ ପକ୍ଷୀମାନଙ୍କର ସଂଖ୍ୟା ବୃଦ୍ଧି ଘଟୁଥିବାରୁ ସେମାନଙ୍କୁ ଦେଖିବା ପାଇଁ ପକ୍ଷୀପ୍ରେମୀମାନଙ୍କ ମଧରେ ଆଗ୍ରହ ଦେଖିବାକୁ ମିଳିଛି । ଅରାଚଣ୍ଡୀର ଶାନ୍ତ ପରିବେଶ ଓ ପ୍ରାକୃତିକ ଶୋଭାରାଶି ପର୍ଯ୍ୟଟକ ଓ ପରିବେଶପ୍ରେମୀଙ୍କୁ ଏକ ଭିନ୍ନ ଅନୁଭୂତି ଦେଇଥାଏ । ଅରାଚଣ୍ଡୀ ପାଟ ଆର୍ଦ୍ର ଭୂମିରେ ମହାନଦୀର ବନ୍ୟାପାଣି ପଶୁଥିବା ହେତୁ ପାଟରେ ଅନେକ ଛୋଟ ମାଛ ସହ ବିଭିନ୍ନ ପ୍ରକାର ଦଳ ସବୁ ବିଦେଶାଗତ ପକ୍ଷୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ଏଠାରେ ସୁରକ୍ଷୀତ ବାତାବରଣ ରହିଥିବା ଯୋଗୁଁ ପକ୍ଷୀମାନଙ୍କର ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗି ରହିଥିଲା । କିନ୍ତୁ ଚଳିତ ବର୍ଷ ପାଟ ମଧକୁ ବନ୍ୟାଜଳ ପ୍ରବେଶ ନକରିବାରୁ ପାଟଟି ସମ୍ପୂର୍ଣ୍ଣ ଦଳରେ ପରିପୂର୍ଣ୍ଣ ହୋଇଯାଇଥିବା ହେତୁ ଅରାଚଣ୍ଡୀ ପାଟରେ ବିଦେଶୀ



ପକ୍ଷୀମାନଙ୍କର ସମାଗମରେ ଅହେତୁକ ଭାବେ କମିଛି । ଏହି ବିଦେଶୀ ପକ୍ଷୀମାନେ ସାଧାରଣତଃ ନେପାଳ, ଆଫଗାନସ୍ଥାନ, ୟୁରୋପ, ପାକିସ୍ଥାନ ଓ ହିମାଳୟ ଠାରୁ ଏଠାକୁ ଆସିଥାନ୍ତି । ଚଳିତ ବର୍ଷ ସେଣ୍ଟର ଫର୍ ରୁରାଲ୍ ଟୁରିଜିମ୍ ଡେଭଲପମେଣ୍ଟ (ସିଆରଟିଡି) ସଂପାଦକ ଲଳିତମୋହନ ପଣ୍ଡାଙ୍କ ନେତୃତ୍ୱରେ ଘାସିପୁଟସ୍ଥିତ ଅରାଚଣ୍ଡୀ ମନ୍ଦିର ନିକଟରେ ଥିବା ବଡପାଟ ନିକଟରେ ଆଜି ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା । ଏହି ପକ୍ଷୀ ଗଣନାରେ ୩ଟି ଦଳ ଗଠନ କରାଯାଇ ପକ୍ଷୀଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଗଣନା କାର୍ଯ୍ୟକ୍ରମରେ ଟୁରିଷ୍ଟ ଗାଇଡ୍ କ୍ଲବର ସଂଜୟ ମହାପାତ୍ର, ଧନେଶ୍ୱର ସାହୁ, ନିରଞ୍ଜନ ମହାପାତ୍ର, ସିଆରଟିଡି ସଭାପତି ମିନତୀ ସାହୁ, ସଂସ୍ଥାର ସଂଯୋଜକ ଅମୀତ ସାହୁ, ଇକୋ ୱାଇଲ୍ଡ ଲାଇଫ୍‌ର ଅଧକ୍ଷା ବିଷ୍ଣୁପ୍ରିୟା କର, ପକ୍ଷୀ ପ୍ରେମୀ ସଂଜୟ ଦାସ, ଅସୀତ୍ ପ୍ରଧାନ, ଗୌତମ ମିଶ୍ର, ରୋଭରଲିଡର ଭୂପତି ଭୂଷଣ ପ୍ରଧାନ, ବାଙ୍କୀ ମହାବିଦ୍ୟାଳୟର ପ୍ରାଣୀ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଅନେକ ପକ୍ଷୀ ବିଶାରଦମାନେ ଯୋଗଦେଇଥିଲେ । ଗତ ବର୍ଷ ୮୧ ପ୍ରଜାତିର ୬୬୦୦ଟି ବିଦେଶାଗତ ପକ୍ଷୀ ଉକ୍ତ ଜଳାଶୟରେ ଗଣନା କରାଯାଇଥିବା ବେଳେ ଚଳିତ ବର୍ଷ ବିଶେଷ କରି ନେପାଳ, ୟୁରୋପ, ପାକିସ୍ଥାନ, ହିମାଳୟ, ମଙ୍ଗୋଲିଆ, ରୁଷ, ଆଫଗାନସ୍ଥାନ, ଜାପାନ, ଉତ୍ତର ଗୋଲାର୍ଦ୍ଧର ବିଭିନ୍ନ ଅଞ୍ଚଳରୁ ଏହି ଜଳାଶୟକୁ ପ୍ରାୟ ୪୨ପ୍ରଜାତିର ୨୩୦୦ଟି ପକ୍ଷୀ ଅରାଚଣ୍ଡୀକୁ ଆସିଥିବା ସି.ଆର.ଟି.ଡି ସଂପାଦକ ଲଳିତ ମୋହନ ପଣ୍ଡା ପ୍ରକାଶ କରିଛନ୍ତି । ପକ୍ଷୀ ସଂଖ୍ୟାରେ କମ୍ ହେବାର କାରଣ ଚଳିତ ବର୍ଷ ଶୀତ ଋତୁ ଆରମ୍ଭରୁ ବଙ୍ଗୋପ ସାଗରରେ କ୍ରମାଗତ ଭାବେ ଆସିଥିବା ୪ଗୋଟି ବାତ୍ୟା ଓ ଜଳାଶୟରେ ପାଣିର ସ୍ତର ବହୁ ପରିମାଣରେ ଥିବାରୁ ଓ ପାଟରେ ପଦ୍ମନାଡର ବଣ ମାଡିଯିବାରୁ ବିଦେଶାଗତ ପକ୍ଷୀ ନିକଟସ୍ଥ ଚାଷ ଜମିରେ ବସିଥିବା ଦେଖାଯାଉଛି । ଆଜି ପକ୍ଷୀ ଗଣନା ବେଳେ ପକ୍ଷୀମାନଙ୍କ ମଧରେ ନର୍ଦ୍ଦନ ପିନ୍‌ଟେଲ୍ , ରୁଡିସେଲଡକ୍, ନର୍ଦ୍ଦନସୋଭଲର, କଟନଟିଲ୍, ଇରେସିଆନ୍ ଉଇଜମ୍, ରେଡ୍‌କ୍ରେଷ୍ଟେଡ୍, ପୋଚାର, ସ୍ୱଷ୍ଟବିଲ୍‌ଡକ୍, ଗାର୍ଗାନୀ, ପେଣ୍ଟେଡ୍ ଷ୍ଟର୍କ, ଗ୍ରେହେରନ୍, ପର୍ପଲହେରୋନ୍, କମନ୍‌ସ୍ନାଇପ୍, ବ୍ଲାକ୍ ଟେଲ୍, ଗଡଉଇଟ୍, କମନକୁଟ୍ ପ୍ରଭୃତି ଥିଲେ ।

## ଅଳିଆକୁ ରିସାଇକ୍ଲି କରିବାରେ ଆଭ୍ରୋ ଇଣ୍ଡିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ:ଏକ୍ସପ୍ରେସ୍ ନ୍ୟୁଜ୍

ଭାରତରେ ପ୍ଲାଷ୍ଟିକ୍-ମୋଲ୍ଡ ଫର୍ନିଚରର ଏକ ଅଗ୍ରଣୀ ନିର୍ମାତା ଆଭ୍ରୋ ଇଣ୍ଡିଆ ଆଜି ଗାଜିଆବାଦରେ ଏହାର ଅତ୍ୟାଧୁନିକ ଗ୍ରୀନଫିଲ୍ଡ ପୁନଃଚକ୍ରଣ ସୁବିଧା ଉଦ୍ଘାଟନ କରିଛି । ଏହି ପଦକ୍ଷେପ ସହିତ, କମ୍ପାନୀ ଏବେ ଭାରତର ସବୁଠାରୁ ବଡ଼ ପରିବେଶଗତ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏକୁ ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ: ପ୍ରକ୍ରିୟାକରଣ କରିବାକୁ କଷ୍ଟକର ପ୍ଲାଷ୍ଟିକ୍ ଅଳିଆ ପୁନଃଚକ୍ରଣ ।

ଏହି ସୁବିଧା ଆଭ୍ରୋ ରିସାଇକ୍ଲିଂ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ, ଯାହା ଆଭ୍ରୋ ଇଣ୍ଡିଆର ୧୦୦% ମାଲିକାନା ସହାୟକ କମ୍ପାନୀ । ଏହି ସୁବିଧାରେ ଭାରତର ସର୍ବବୃହତ ନମନୀୟ ପ୍ଲାଷ୍ଟିକ୍ ପୁନଃଚକ୍ରଣ ପ୍ଲାଣ୍ଟ ଅଛି, ଯାହାର ବର୍ତ୍ତମାନ ପ୍ରତି ମାସରେ ୫୦୦ ମେଟ୍ରିକ୍ ଟନ୍ ପ୍ରକ୍ରିୟାକରଣ କ୍ଷମତା ଅଛି । କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସ ସୁଦ୍ଧା ଏହି କ୍ଷମତାକୁ ୧,୦୦୦ ମେଟ୍ରିକ୍ ଟନ୍ କୁ ବିସ୍ତାର କରିବାକୁ ଯୋଜନା କରୁଛି ।

ଏହି ପୁନଃଚକ୍ରଣ କାରଖାନା ଆଜି ପର୍ଯ୍ୟନ୍ତ ୨୫ କୋଟି ପୁଞ୍ଜି ନିବେଶ ପାଇଛି, ଆର୍ଥିକ ବର୍ଷ ୨୦୨୭ ସୁଦ୍ଧା



ଆହୁରି ୩୦ କୋଟି ଟଙ୍କା ପୁନଃଚକ୍ରଣ ଯୋଜନା କରାଯାଇଛି । ପରିବେଶ ସୁରକ୍ଷାର ଦୀର୍ଘକାଳୀନ ଲକ୍ଷ୍ୟକୁ ପାଳନ କରି, କମ୍ପାନୀ ଭବିଷ୍ୟତରେ ଗ୍ରୀନଫିଲ୍ଡ ପୁନଃଚକ୍ରଣ ପ୍ରକଳ୍ପ ମାଧ୍ୟମରେ ସାରା ଭାରତରେ ବିସ୍ତାର କରିବାକୁ ଯୋଜନା କରୁଛି । ୨୦୦୨ରେ ପ୍ରତିଷ୍ଠିତ ଆଭ୍ରୋ ଇଣ୍ଡିଆ ସାରା ଭାରତରେ ଘର, ବ୍ୟବସାୟ ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ଥାୟୀ, ଉଚ୍ଚ-ଗୁଣବତ୍ତା ଏବଂ ସୁଲଭ ପ୍ଲାଷ୍ଟିକ୍-ମୋଲ୍ଡ୍ ଫର୍ଣ୍ଣିଚର ପ୍ରଦାନ କରିଆସୁଛି । ଆଜି, କମ୍ପାନୀ ଏକ ଦେଶବ୍ୟାପୀ ଉପସ୍ଥିତି ସ୍ଥାପନ କରିଛି ଏବଂ ଏନ୍ଏସ୍ଇ ଏବଂ ବିଏସ୍ଇ ଉଭୟରେ ତାଲିକାଭୁକ୍ତ ।

ଆଭ୍ରୋ ଦେଶର ସର୍ବବୃହତ ବଣ୍ଟନ ନେଟୱାର୍କ ପ୍ରତିଷ୍ଠା କରିଛି, ୨୪ଟି ରାଜ୍ୟରେ ୩୦୦ରୁ ଅଧିକ ବିତରକ ଏବଂ ୩୦,୦୦୦ ଖୁଚୁରା ବ୍ୟବସାୟୀଙ୍କ ସହିତ ।

ଆଭ୍ରୋ ଇଣ୍ଡିଆ ଭବିଷ୍ୟତରେ ସାରା ଭାରତରେ 'ମା' ଏବଂ ଶିଶୁ' ପୁନଃଚକ୍ରୀକରଣ ପ୍ଲାଣ୍ଟର ଏକ ନେଟୱାର୍କ ବିକଶିତ କରୁଛି । ଏହାର ଲକ୍ଷ୍ୟ ସ୍ଥାନୀୟ ସ୍ତରରେ ଅପଚୟ ପ୍ରକ୍ରିୟାକରଣ ଆଣିବା ଏବଂ ଭାରତକୁ ଏକ ଶୂନ୍ୟ-ଅବର୍ଜନା ଅର୍ଥନୀତିରେ ପରିଣତ କରିବାରେ ସାହାଯ୍ୟ କରିବା । ନବସୃଜନ, ସ୍କେଲ ଏବଂ ସହଯୋଗ ମାଧ୍ୟମରେ, କମ୍ପାନୀ ସ୍ଥାୟୀ ପ୍ଲାଷ୍ଟିକ୍ ଆବର୍ଜନା ନିଷ୍କାସନରେ ଭାରତକୁ ବିଶ୍ୱର ନେତା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି ।

## ବାଇକ ଚୋର ଗିରଫ

ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍

ନିଆଳି ଥାନା ଅଧିନସ୍ତ ଅଁଳ ପଞ୍ଚାୟତ ଅଁଳ ଗ୍ରାମର ଶରତ ଚନ୍ଦ୍ର ସାମଲଙ୍କ ସ୍ପେଲଣ୍ଡର ଗାଡି ଘର ଅଗଣାରୁ ଚୋରି ହୋଇଥିବା ନେଇ ନିଆଳି ଥାନାରେ ଅଭିଯୋଗ ହୋଇଥିଲା । ନିଆଳି ଥାନା ପୋଲିସ ୫୫୯/ ୨୫ ମାମଲା ରୁଜୁ କରି ତଦନ୍ତ କରିଥିବା ବେଳେ ଗାଡିଟି ଖୋର୍ଦ୍ଧା ଥାନା ଶରଧାପୁରରୁ ଉଦ୍ଧାର ହୋଇଛି । ଗାଡି ଚୋରି କରିଥିବା ଅଭିଯୁକ୍ତ ନୟାଗଡ଼ ଜିଲ୍ଲା କାଇଁଫୁଲିଆ ଗ୍ରାମର ସନ୍ତୋଷ ସାହୁଙ୍କ ପୁଅ ଜିତେନ୍ ସାହୁ ଓରଫ ଜିତୁ (୨୩)କୁ ଗିରଫ କରିଛି । ଅଭିଯୁକ୍ତ ଜିତେନ୍ ସାହୁର ଜାମିନ ନାମଂଜୁର ହେବାରୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ନିଆଳି ଆଇଆଇସି ଦିଲୀପ କୁମାର କାଣ୍ଡି, ଏଏସଆଇ ବିଭୁତି କୁମାର ପଣ୍ଡା ସୂଚନା ଦେଇଛନ୍ତି । ସୂଚନାଥାଉ କି ନିଆଳି ଥାନା ଅଞ୍ଚଳରୁ ବିଭିନ୍ନ ସ୍ଥାନରୁ ବାଇକ ଚୋରି ହେଉଥିବା ନେଇ ଅଭିଯୋଗ ହେଉଛି ।

## କେନ୍ଦ୍ରାପଡ଼ାରେ ରାଜ୍ୟ ନିର୍ବାଚନ କମିଶନର

କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

ଆଗାମୀ ୨୦୨୭ମସିହା ପ୍ରାରମ୍ଭରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପରେ ପରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି କ୍ରମରେ ରାଜ୍ୟ ନିର୍ବାଚନ କମିଶନର ମଧୁସୁଦନ ପାଢ଼ୀ ଆଜି କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପଂଚାୟତ ନିର୍ବାଚନ ୨୦୨୭ ଏବଂ ପୌର ପରିଷଦର ଆଗାମୀ ନିର୍ବାଚନ ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀପାଢୀ ନିର୍ବାଚନ ପାଇଁ ଆବଶ୍ୟକ ବାଲାଟ ବକ୍ସ ମହଜୁଦ ରଖିବା , ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ୍ ପ୍ରତିଷ୍ଠା, ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ,ସଂରକ୍ଷିତ ତାଲିକା ପ୍ରସ୍ତୁତ , ବୁଥୱାରୀ ଭୋଟର ତାଲିକାପ୍ରସ୍ତୁତ, ଭୋଟର ତାଲିକାରେ ନାମ ଯୋଡିବା ଓ କାଟିବା ଓ ଭୋଟ ଗଣତି ଆଦି ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ବିଷୟ ଉପରେ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିଥିଲେ । ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ପଂଚାୟତ ଅଧିକାରୀ ରମେଶ ପଣ୍ଡା, କେନ୍ଦ୍ରାପଡ଼ା ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପଟ୍ଟାମୁଣ୍ଡାଇ ମୁନିସିପାଲିଟି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ।

### ଗୃହସ୍ଥ ସନ୍ୟାସୀ

## ବୁଦ୍ଧଦେବଙ୍କ ପରଲୋକ

ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ବେଲପାଳ ଗ୍ରାମର ଗୃହସ୍ଥ ସନ୍ୟାସୀ ବୁଦ୍ଧଦେବ ସ୍ୱାଇଁଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ହୋଇଥିଲା । ସ୍ୱର୍ଗୀୟ ସ୍ୱାଇଁ ବାଲ୍ୟକାଳରୁ ଆଦି ଅନାଦୀ ପରମବ୍ରହ୍ମ ସନାତନ ଧର୍ମୀୟ ଭାବ ଧାରାରେ ସେ ନିଜକୁ ସାମିଲ କରି ଦୀକ୍ଷା ଗ୍ରହଣ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ମୁଖଶାଳାରେ ଆଶ୍ରମ ଗଢିଥିଲେ । ଗ୍ରାମର ଯୁବକ ଓ ବୟସ୍କ ଲୋକଙ୍କୁ ଏହି ଅଧାତ୍ମିକ ଭାବ ଧାରାରେ ସାମିଲ କରିଥିଲେ । ତାଙ୍କ ମରଶରୀରକୁ ସାଧୁସନ୍ଥ ପରମ୍ପରା ଅନୁଯାୟୀ ଗ୍ରାମ ପରିକ୍ରମା କରାଇବା ପରେ ନିଜ ଜନ୍ମମାଟିରେ ସମାଧିସ୍ଥ କରାଯାଇଥିଲା । ସମାଧି ସ୍ଥଳରେ ବୈଷ୍ଣବ ଧର୍ମୀୟ ଭକ୍ତମାନେ ନାମସଂକୀର୍ତନ କରିଥିବା ବେଳେ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ତାଙ୍କୁ ଶେଷ ଦର୍ଶନ କରିଥିଲେ । ତାଙ୍କର ୮ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ରହି ଅଶ୍ରୁଳ ଶ୍ରଦ୍ଧାଳୀ ଅର୍ପଣ କରିଥିଲେ । ସନ୍ୟାସୀ ବୁଦ୍ଧଦେବଙ୍କ ମୃତ୍ୟୁ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ସରଂପଚ ପତିତପାବନ ପଣ୍ଡା, ବାଇଧର ସ୍ୱାଇଁ, ସୁଧାକର ପଣ୍ଡା, ଅଧିକାରୀ ସ୍ୱାଇଁ, ଆଡଭୋକେଟ ନଳିନୀକାନ୍ତ ମଙ୍ଗରାଜ, ପ୍ରେସ ପରିବାର ପକ୍ଷରୁ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ବସନ୍ତକୁମାର ହାତି, ସୂର୍ଯ୍ୟନାରାୟଣ ଲେଙ୍କା, ଜଗନ୍ନାଥ ଦାସ, ଅଲେଖକୁମାର ପରିଡା, ବିଜୟକୁମାର ଗୁପ୍ତା, ଅଭିରାମ ଦାସ, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, କୃତିବାସ ପ୍ରଧାନ, ନିରଂଜନ ରାଉତ, ତାପସକୁମାର ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 9th January, 2026 Friday RNI Regd. No. ODIODI/2006/23033 Postal Regd. No. : BN/169/13-15

## ମାଉସୀ ବନାମ ମଉସା

ହେଲ୍ଥ



ଟନିକ୍

କ୍ଲାସ୍‌ର ଗୋଟିଏ ଝିଅ ସେଦିନ ସାର୍‌ଙ୍କ ପାଖରେ ଯାଇ ଏକ ଗୁରୁତର ଅଭିଯୋଗ ବାଢ଼ିଲା । କହିଲା– ସାର୍, ଆମ କ୍ଲାସ୍‌ର ସମସ୍ତେ ମୋତେ 'ମାଉସୀ' ବୋଲି ଡାକୁଛନ୍ତି । ମୋତେ ଭାରି ଖରାପ ଲାଗୁଛି । ଆପଣ କିଛି ବ୍ୟବସ୍ଥା କରନ୍ତୁ ନହେଲେ ମୁଁ ସ୍କୁଲ୍ ଆସିବା ବନ୍ଦ କରିଦେବି ।

ସାର୍ ଏହି ଛାତ୍ରୀର ଅଭିଯୋଗ ପାଇବା ପରେ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେଉଁମାନେ ଏ ଝିଅକୁ ମାଉସୀ ବୋଲି ଡାକୁଛ ସେମାନେ ସମସ୍ତେ ଠିଆ ହୁଅ ।

ସାର୍‌ଙ୍କ ନିର୍ଦ୍ଦେଶ ପାଇବା ପରେ କ୍ଲାସ୍‌ର ସବୁ ଛାତ୍ର ଠିଆ ହେଲେ । କେବଳ ଜଣେ ବସିରହିଲା ।

ତାକୁ ଦେଖି ସାର୍ ପଚାରିଲେ– କିରେ ତୁ ଏ ଝିଅକୁ ମାଉସୀ ବୋଲି ଡାକୁନୁ?

ଛାତ୍ରଜଣକ କହିଲା– ନାଇଁ ସାର୍, ମୁଁ ଡାକୁନି ।

ସାର୍ ଆଶ୍ଚର୍ଯ୍ୟ ହୋଇ ପଚାରିଲେ– କାହିଁକି ଡାକୁନୁ?

ଛାତ୍ରଟି କହିଲା– ସାର୍, ଯେହେତୁ ମୋତେ ସମସ୍ତେ ମଉସା ବୋଲି ଡାକୁଛନ୍ତି।

# ନାବାଳିକା ସୁଟରଙ୍କୁ ହୋଟେଲ ଡାକି ଯୌନ ଶୋଷଣ: କୋଚ୍ ସସ୍‌ପେଣ୍ଡ

**ଫରିଦାବାଦ,୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଫରିଦାବାଦରେ ଜଣେ ୧୭ ବର୍ଷୀୟା ଜାତୀୟ ସ୍ତରୀୟ ନାବାଳିକା ସୁଟରଙ୍କ ସହ ଯୌନ ନିର୍ଯାତନା ହୋଇଥିବା ଏକ ମାମଲା ସାମ୍ନାକୁ ଆସିଛି । ନାବାଳିକା ଅଭିଯୋଗ କରିଛନ୍ତି ଯେ, ତାଙ୍କ ପ୍ରଶିକ୍ଷକ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ । ପୀଡିତାଙ୍କ ଅଭିଯୋଗ ଆଧାରରେ, ପୋଲିସ ଏକ ମାମଲା ରୁଜୁ କରିଛି ଏବଂ ବର୍ତ୍ତମାନ ଏହାର ତଦନ୍ତ କରୁଛି । ସେପଟେ ଅଭିଯୁକ୍ତ ଜାତୀୟ ସୁଟିଂ ଦଳର କୋଚଙ୍କୁ ସସପେଣ୍ଡ୍ କରାଯାଇଛି ।

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଜାତୀୟ ସୁଟିଂ ଦଳର କୋଚ୍ ଥିବା ଅଙ୍କୁଶ ଭରଦ୍ୱାଜଙ୍କୁ ସସପେଣ୍ଡ କରାଯିବା ପରେ ଖେଳ ଜଗତରେ ହଇଚଇ ସୃଷ୍ଟି ହୋଇଛି । ପ୍ରଦର୍ଶନ ସମୀକ୍ଷା ଆଳରେ ନାବାଳିକା ସୁଟରଙ୍କୁ ହୋଟେଲକୁ ଡାକି ଅଙ୍କୁଶ ତାଙ୍କର ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି । ଭାରତୀୟ ପିସ୍ତଲ ସୁଟିଂ କ୍ଷେତ୍ରରେ ଲୋକପ୍ରିୟ ୩୮ ବର୍ଷୀୟ ଅଙ୍କୁଶ ଭରଦ୍ୱାଜଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି ।



ନାବାଳିକା ସୁଟରଙ୍କ ଅଭିଯୋଗ ଅନୁସାରେ, '୧୬ ଡିସେମ୍ବର ୨୦୨୫ରେ, ଦିଲ୍ଲୀର କରଣୀ ସିଂହ ସୁଟିଂ ରେଞ୍ଜରେ ଏକ ସୁଟିଂ ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା । ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କ ପ୍ରଶିକ୍ଷକଙ୍କ ସହିତ ସୁଟିଂ ରେଞ୍ଜକୁ ଆସିଥିଲେ । ଏହି ସମୟରେ ପ୍ରଶିକ୍ଷକ ସୁରଜକୁଣ୍ଡର ଏକ ହୋଟେଲରେ ରହୁଥିଲେ । ଚାମ୍ପିଅନସିପ୍ ଶେଷ ହେବା ପରେ, ତାଙ୍କ ପ୍ରଶିକ୍ଷକ ତାଙ୍କ ପ୍ରଦର୍ଶନ ବିଷୟରେ ଆଲୋଚନା କରିବା ବାହାନାରେ ତାଙ୍କୁ ହୋଟେଲକୁ ଡାକିଥିଲେ ।'

ପୀଡ଼ିତା ଅଭିଯୋଗ କରିଛନ୍ତି ଯେ, କୋଚ୍ ତାଙ୍କୁ ରୁମ ଯିବାକୁ ବାଧ୍ୟ କରିଥିଲେ । ରୁମକୁ ଯିବା ପରେ କୋଚ୍ ତାଙ୍କ ସହ ଜୋରଜବରଦସ୍ତି କରିଥିଲେ ଏବଂ ଯୌନ ଶୋଷଣ କରିଥିଲେ । ଯଦି ସେ ଏନେଇ ବାହାରେ କାହାକୁ କହିବେ ତେବେ ତାଙ୍କ କ୍ୟାରିୟର ବରବାଦ କରିଦେବେ ବୋଲି ମଧ୍ୟ କୋଚ୍ ଧମକ ଦେଇଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି ।

ଦୀର୍ଘଦିନ ଧରି କଷ୍ଟ ସହିଥିଲେ ପୀଡ଼ିତା, ରାତିରେ ଶୋଇପାରୁ ନଥିଲେ । ଏହା ପରେ ସେ, ତାଙ୍କ ସହ ହୋଇଥିବା ଅନ୍ୟାୟ ସଂପର୍କରେ ପରିବାରକୁ କହିବାକୁ ନିଷ୍ପତ୍ତି ନେଇଥିଲେ । ସେପଟେ ପୀଡ଼ିତାଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ଘଟଣା ଡିସେମ୍ବର ୧୬ରେ ଘଟିଥିଲା । କିନ୍ତୁ ଏନେଇ ପୀଡ଼ିତା ତାଙ୍କୁ ଜାନୁଆରୀ ୬ରେ ଜଣାଇଥିଲେ । ପରେ ଝିଅକୁ ଏନଆଇଟି ଫରିଦାବାଦର ମହିଳା ଥାନାକୁ ନେଇଥିଲେ ପରିବାର ଏବଂ ସେଠାରେ କୋଚ୍ ଅଙ୍କୁଶଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ମାମଲା ଦାୟର କରିଥିଲେ ।

# ଗିନି କପ ସେମିରେ ଆଲଫା




**ଖୋର୍ଦ୍ଧା,୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ବ୍ରହ୍ମପୁରର ଆଲଫା ଖୋର୍ଦ୍ଧାକୁ ୬ ୱିକେଟରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ଖୋର୍ଦ୍ଧା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୮ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଆର୍ଯ୍ୟ ଦେବାଶିଷ ଭଟ୍ଟ ୪୮ଟି ବଲରେ ୨ଟି ଛକା ଏବଂ ୬ଟି ଚୌକା ସହାୟତାରେ ସର୍ବାଧିକ ୫୯ ରନ ଓ ରାକେଶ ପଟ୍ଟନାୟକ ୩୧ଟି ବଲରେ ୫୦ ରନ୍ ସଂଗ୍ରହ କରିଥିଲେ । ଆଲଫା କ୍ଲବ ପକ୍ଷରୁ ଟୁକୁନା ସାହୁ ୩ଟି ଏବଂ ଶିବା ୨ଟି ୱିକେଟ ଅକ୍ତିଆର କରିଥିଲେ । ପ୍ରତ୍ୟୁତ୍ତର ଆଲଫା ବ୍ରହ୍ମପୁର, ଦଳ ୧୯ ଓଭରରେ ୪ଟି ୱିକେଟ ହରାଇ ଆବଶ୍ୟକ ରନ କରି ଏହି ମ୍ୟାଚକୁ ୬ ୱିକେଟରେ ଜିତି ଦ୍ୱିତୀୟ ସେମି ଫାଇନାଲକୁ ପ୍ରବେଶ କରିଛନ୍ତି । ଦଳ ପକ୍ଷରୁ ୱାଲଟାର ଟପ୍ପୋ ସର୍ବାଧିକ ୭୪ ରନ୍ ଏବଂ ପ୍ରବୀଣ କୁମାର ଅପରାଜିତ ୩୯ ରନ୍ କରିଥିଲେ । ଅମ୍ରିତା ବିଦ୍ୟାଳୟମ୍ ତରଫରୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବ୍ରହ୍ମପୁର ଦଳର ୱାଲଟାର ଟପ୍ପୋଙ୍କୁ ୨ ହଜାର ଟଙ୍କାର ପୁରସ୍କାର ପ୍ରାଣନାଥ ମହାବିଦ୍ୟାଳୟର ପ୍ରାକ୍ତନ କ୍ରୀଡା ଅଧ୍ୟାପକ ଚିତ୍ତରଞ୍ଜନ ବେଉରା ଓ ରାଜୁ ମୋଦି ପ୍ରଦାନ କରିଥିଲେ । ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଞ୍ଚ ପରିଚାଳନା କରିଥିଲେ । ଆଜିର ମ୍ୟାଚ୍ ଆମ୍ପାୟାର ଭାବେ ରାକେଶ ମିଶ୍ର ଏବଂ ଏସ କରୁଣାକର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ । ପ୍ରଥମ ସେମି ଫାଇନାଲର ମୁଖ୍ୟ ଅତିଥି ଭାବେ ଅମ୍ରିତା ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମୌସୁମି ପଟ୍ଟନାୟକ ଉଦଘାଟନ କରିଥିଲେ । ଆସୋସିଏସନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ, ସୌର୍ଯ୍ୟ ରଂଜନ ମହାନ୍ତି, ସୁରେଶ ଭୂଷଣ ପଟ୍ଟନାୟକ, ସୁବ୍ରତ ଦାସ, ବିଜୟ କୁମାର ଗୋଛି, ସୁଧାଂଶୁ ଦାସ୍, ଏବଂ ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ସୌମେନ୍ଦ୍ର ଦାସ, ଶଶିକାନ୍ତ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନରେ ସହାୟତା କରିଥିଲେ । ଶୁକ୍ରବାର ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ଓ ଶନିବାର ଦ୍ୱିତୀୟ ସେମି ଫାଇନାଲ ସୋଲାର କଟକ ବନାମ ଆଲଫା ବ୍ରହ୍ମପୁର ମଧ୍ୟରେ ହେବ ବୋଲି ରବିନାରାୟଣ ରାଉତରାୟ, ରବି ସ୍ୱାଇଁ ଜଣାଇଛନ୍ତି ।

# ନାବାଳିକାକୁ ପ୍ରେମ ନିବେଦନ କରିବାରୁ ଉଲଗ୍ନ କରି ରାସ୍ତାରେ ବୁଲାଇଲେ

**ରାଇରଙ୍ଗପୁର/ବହଳଦା**
**୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

ନାବାଳିକାକୁ ପ୍ରେମ ପାଇଁ ଯୁବକଙ୍କୁ କଙ୍ଗାରୁ କୋର୍ଟରେ ମିଳିଛି ଶାସ୍ତି । ଏଥିସହିତ ଉଲଗ୍ନ କରି ଭିଡିଓ ଭାଇରାଲ ହୋଇଛି । ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ଼ମାରି ରକ୍ତାକ୍ତ କରିବା ପରେ ଦଉଡ଼ିରେ ହାତ ବାନ୍ଧି ରାସ୍ତାରେ ଉଲଗ୍ନ କରି ବୁଲାଇଛନ୍ତି । ଏଭଳି ଏକ ଘଟଣା ଘଟିଛି ମୟୂରଭଂଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ । ଯାହାର ଭିଡିଓ ମୋବାଇଲରେ ଉତ୍ତୋଳନ କରିଥିବାବେଳେ ମୋବାଇଲରୁ ମୋବାଇଲ୍‌କୁ ଘୂରି ବୁଲୁଛି ।

ସୂଚନା ଅନୁଯାୟୀ, ଜନୈକ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଏକ ଜଣେ ହିନ୍ଦୁ ନାବାଳିକା ଝିଅକୁ ପ୍ରଲୋଭିତ କରି ପ୍ରେମ ସମ୍ପର୍କ କରି ଏକ ନିଛାଟିଆ ସ୍ଥାନକୁ ଡାକି ଅସଦାଚାରଣ କରୁଥିବା ବେଳେ କିଛି ଯୁବକ ତାକୁ ଧରି ମାଡ ମାରିବା ସହିତ ରାତିରେ ଉଲଗ୍ନ କରି ହାତରେ ଦଉଡ଼ି ବାନ୍ଧି ବୁଲାଇ ଥିବା ଭିଡିଓ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ଗଣ୍ଡଗୋଳ ହୋଇଥିବା ବେଳେ ବହଳଦା ଥାନାରେ ମାମଲା ହୋଇଥିଲା ।

ଗତ ୨ ତାରିଖରେ ଉଭୟ ଯୁବକ ଓ ଯୁବତୀ ଭେଟିବାକୁ ଆସିଥିବାବେଳେ ଯୁବତୀଙ୍କ ସମ୍ପର୍କୀୟମାନେ ଏଭଳି କରିଥିବା ସୂଚନା ମିଳିଛି । ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଏହିପରି ସର୍ବସାଧାରଣ ସମ୍ମୁଖରେ ଲଜ୍ଜିତ କରିବା ଘଟଣା ନେଇ ଯୁବକଙ୍କ ପରିବାର ଲୋକେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏହାର ନକଲ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଏସପି, ଏସଡିପିଓ, ମାନବାଧିକାର କମିସନ ଓ ହାଇକୋର୍ଟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଉକ୍ତ ଘଟଣା ନେଇ ବହଳଦା ଥାନା ପୁଲିସ ପକ୍ଷରୁ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଜାରି ରହିଛି ବୋଲି ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା କହିଛନ୍ତି ।

# ଓଡ଼ିଶା ସମେତ ୩୦ଟି ସ୍ଥାନରେ ହେବ ପରମାଣୁ ଶକ୍ତି କେନ୍ଦ୍ର



**ନୂଆଦିଲ୍ଲୀ,୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ସ୍ଥାପନ ହେବ ପରମାଣୁ ଶକ୍ତି କେନ୍ଦ୍ର । ଭାରତର ସବୁଠାରୁ ବଡ଼ ସରକାରୀ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଏନଟିପିସି ଦେଶରେ ପରମାଣୁ ଶକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି । ଦେଶରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ଲକ୍ଷ୍ୟରେ ସଂସ୍ଥା ପକ୍ଷରୁ ଓଡ଼ିଶା ସମେତ ୫ରୁ ୬ଟି ରାଜ୍ୟରେ ପ୍ରାୟ ୩୦ଟି ସମ୍ଭାବ୍ୟ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଅନୁଧ୍ୟାନ କରାଯାଉଛି । ଏହି ଯୋଜନାରେ ଓଡ଼ିଶା, ଗୁଜରାଟ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକୁ ସାମିଲ କରାଯାଇଛି । ସ୍ଥାନୀୟ ବିରୋଧ ଆଶଙ୍କାରେ ପ୍ରକଳ୍ପର ନିର୍ଦ୍ଦିଷ୍ଟ ସ୍ଥାନ ବର୍ତ୍ତମାନ ଗୋପନ ରଖାଯାଇଛି । ୨୦୪୭ ସୁଦ୍ଧା ଭାରତର ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି ଉତ୍ପାଦନ ଲକ୍ଷ୍ୟରେ ଏନଟିପିସି ଏକାକୀ ୩୦ ପ୍ରତିଶତ ଅଂଶ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି । ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ସ୍ଥାନ ଚୟନ ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି ।

ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏନଟିପିସି ରୁଷିଆର 'ରୋସାଟମ୍' ଏବଂ ଫ୍ରାନ୍ସର 'ଇଡିଏଫ୍' ଭଳି ବିଶ୍ୱସ୍ତରୀୟ କମ୍ପାନୀ ସହ ବୈଷୟିକ ଆଲୋଚନା ଜାରି ରଖିଛି । ଆମେରିକା ଓ ଦକ୍ଷିଣ କୋରିଆର ସଂସ୍ଥା ସହ ମଧ୍ୟ ଯୋଗାଯୋଗ କରାଯାଇପାରେ । ନୂତନ ପରମାଣୁ କେନ୍ଦ୍ରଗୁଡ଼ିକ ଜନବସତିଠାରୁ ଅତିକମରେ ୧ କିଲୋମିଟର ଦୂରରେ, କମ୍ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଜଳଉତ୍ସ ନିକଟରେ ନିର୍ମାଣ ହେବ । ନିକଟରେ କେନ୍ଦ୍ର ସରକାର ପରମାଣୁ ନିୟମରେ ପରିବର୍ତ୍ତନ କରି ବିଦେଶୀ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ପଥ ପରିଷ୍କାର କରିଛନ୍ତି । ବର୍ତ୍ତମାନ ଏନଟିପିସିର ୮୪% ବିଦ୍ୟୁତ୍ କୋଇଲା ଓ ଗ୍ୟାସରୁ ଉତ୍ପାଦନ ହେଉଥିବା ବେଳେ, ଏହି ନୂତନ ପରମାଣୁ ପ୍ରକଳ୍ପ ସଂସ୍ଥାକୁ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ନୂଆ ପରିଚୟ ଦେବ ।

# ଭାରତର ବିରୋଧରେ ୫୦୦% ଟାରିଫ ବିଲକୁ ଟ୍ରମ୍ପଙ୍କ ସବୁଜ ସଙ୍କେତ

**ନୂଆଦିଲ୍ଲୀ,୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରୁଷୀୟ କଟକଣା ବିଲ ଉପରେ ମୋହର ମାରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏହି ବିଲ ଜରିଆରେ ରୁଷ ସହ ବାଣିଜ୍ୟ କରୁଥିବା ଦେଶଗୁଡିକ ଉପରେ ଜୋରିମାନା ଲଗାଇବାକୁ ନିଷ୍ପତ୍ତି ନେଇଛି ଆମେରିକା । ଭାରତ, ଚାଇନା ଓ ବ୍ରାଜିଲ ଭଳି ଦେଶ ରୁଷ ଠାରୁ ଶସ୍ତାରେ ତେଲ କିଣୁଥିବାରୁ ସେମାନଙ୍କ ଉପରେ ଜୋରିମାନା ବା ଟାରିଫ ଲଗାଇବାକୁ ଏପରି ବିଲ୍ ଆସିଥିବା ରିପବ୍ଲିକାନ ସାଂସଦ ଲିଣ୍ଡେସୀ ଗ୍ରାହାମ ସୂଚନା ଦେଇଛନ୍ତି ।

ବିଲକୁ ଟ୍ରମ୍ପ ସବୁଜ ସଙ୍କେତ ଦେଇଥିଲେ ହେଁ ଏଯାଏ ଆମେରିକା ସଂସଦରେ ଏହା ପାରିତ ହୋଇନାହିଁ । ଯଦି ବିଲ ପାରିତ ହେବ, ତା'ହେଲେ ରୁଷ ଠାରୁ ତେଲ କିମ୍ବା ୟୁରାନିୟମ କିଣୁଥିବା ଦେଶଗୁଡିକ ଉପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ୫୦୦% ଯାଏ ଟାରିଫ ଲଗାଇବାର ଅନୁମତି ପାଇବେ । ବିଭିନ୍ନ ଦେଶ ରୁଷ ଠାରୁ ତେଲ ଓ ୟୁରାନିୟମ କିଣି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଯୁଦ୍ଧ ମେସିନକୁ ବଳ ଦେଉଛନ୍ତି ।

ଏହି ବଳ ଯୋଗୁ ରୁଷ ସେନା ୟୁକ୍ରେନରେ ଆକ୍ରମଣ କରି ଚାଲିଛି । ଆର୍ଥିକ ସ୍ତରରେ ରୁଷକୁ ଦୁର୍ବଳ କରି ବୁଝାମଣା ଟେବୁଲକୁ ଆଣିବା ପାଇଁ ଆମେରିକା ପ୍ରଶାସନ ଏପରି ପଦକ୍ଷେପ ନେଇଥିବା ଟ୍ରମ୍ପଙ୍କ ଟିମ ପକ୍ଷରୁ କୁହାଯାଇଛି ।

ଗ୍ରାହାମ କହିଛନ୍ତି ଯେ ସେ ବୁଧବାର ଟ୍ରମ୍ପଙ୍କୁ ହ୍ୱାଇଟହାଉସରେ ଭେଟିଥିଲେ । ମାସାଧିକ କାଳ ଟାରିଫ କଟକଣା ଲାଗୁ କରିବା ପାଇଁ ଯେଉଁ ବିଲ ଉପରେ କାମ କରାଯାଉଥିଲା, ତା'କୁ ଟ୍ରମ୍ପ ସବୁଜ ସଙ୍କେତ ଦେଇଛନ୍ତି । ଆଗକୁ ଏହାକୁ ସଂସଦରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି । ଏହି ଖବରକୁ ହ୍ୱାଇଟ ହାଉସ ପକ୍ଷରୁ ନିଶ୍ଚିତ କରାଯାଇଛି ।

ଗ୍ରାହାମଙ୍କ କହିବା କଥା ଯେ ୟୁକ୍ରେନ ଶାନ୍ତି ପାଇଁ ପ୍ରସ୍ତାବ ଦେଉଥିବା ବେଳେ ପୁଟିନ ସବୁ କିଛି ଭୁଲି ନିରୀହ ଲୋକଙ୍କୁ ହତ୍ୟା କରି ଚାଲିଛନ୍ତି । ତେଣୁ ବିଲ ଆସିବାର ଏହା ଉପଯୁକ୍ତ ସମୟ । ବିଲ ଜରିଆରେ ରୁଷ ସହ ବ୍ୟବସାୟ କରୁଥିବା ସମସ୍ତ ଦେଶଗୁଡିକ ଉପରେ ଆମେରିକା ୫୦୦% ଯାଏ ଟାରିଫ ଲଗାଇବାର ଅନୁମତି ପାଇବ ।

## ପ୍ରଥମ ପୃଷ୍ଠାରୁ...

### ୨ ସପ୍ତାହ ଯାଏ...

ସୁନ୍ଦରଗଡ ୧୦.୬, ସମ୍ବଲପୁର ୧୧.୮ ଓ ନୂଆପଡ଼ାରେ ୧୨ ଡିଗ୍ରୀ ଥିଲା । ଉପକୂଳ ଓ ଭୁବନେଶ୍ୱର ୧୩.୨ ଓ କଟକ ୧୩, ଜଗତସିଂହପୁର ୧୨.୬, କେନ୍ଦ୍ରାପଡ଼ା ୧୨.୬ ଡିଗ୍ରୀ ରହିଥିବା ସୂଚନା ମିଳିଛି । ତେବେ ଗତ ଦୁଇଦିନ ହେଲା ଦିନରେ ଖରା ଟାଣ ହେଉଥିବା ଅନୁଭୂତ ହୋଇଛି । ଦିନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଖରା ଟାଣ ରହୁଛି ଓ ଅପରାହ୍ଣ ୪ଟା ପରେ ଶୀତ ମାଡ଼ି ଆସୁଛି ।

### ଇଡି-ମମତା...

ଆଣିଛି ବୋଲି ମମତା କହିଛନ୍ତି । ଏହାସହ ବିଜେପିକୁ ନିଶାଣ କରି କହିଛନ୍ତି, ମୋର ସମସ୍ତ ଦଳୀୟ ଦସ୍ତାବିଜ ହଟାଇ ନେବା କ'ଣ ଗୃହମନ୍ତ୍ରୀ ଅମିତ ଶାହ ଏବଂ ଇଡିର କର୍ତ୍ତବ୍ୟ ? ଯଦି ମୁଁ ବିଜେପି ଦଳୀୟ କାର୍ଯ୍ୟାଳୟକୁ ଯାଏ, ତେବେ ଫଳାଫଳ କ'ଣ ହେବ ? ଏସଏଆଇଆରରେ ୫ଲକ୍ଷ ଭୋଟରଙ୍କ ବାଦ ଦିଆଯାଇଛି ବୋଲି ମମତା ବାନାର୍ଜୀ କହିଛନ୍ତି । ପରେ ଇଡି ଏକ ବିବୃତ୍ତି ଜାରି କରି କହିଛି ଯେ ଏହା ଅବୈଧ କୋଇଲା ଚୋରା ଚାଲାଣର ତଦନ୍ତର ଏକ ଅଂଶ । ଏହି ଚଢାଉ ପ୍ରମାଣ ଆଧାରରେ କରାଯାଉଛି । କୌଣସି ରାଜନୈତିକ ପ୍ରତିଷ୍ଠାନକୁ ନିଶାଣ କରାଯାଇ ନାହିଁ । ପଶ୍ଚିମବଙ୍ଗର ୬ଟି ସ୍ଥାନରେ ଏହି ଚଢ଼ାଉ ଚାଲିଥିବା ସୂଚନା ରହିଛି ।

### ଡାକ୍ତରଙ୍କ ଆନ୍ଦୋଳନ...

ହେଉଥିବାରୁ ପରୀକ୍ଷାନିରୀକ୍ଷା ଆହୁରି ସମସ୍ୟା ବଢ଼ାଉଛି । ସରକାରୀ ଡାକ୍ତରଖାନାରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ଆସନ୍ତା ୧୫ ତାରିଖ ସୁଦ୍ଧା ଯଦି କୌଣସି ପଦକ୍ଷେପ ନିଆ ନଯାଏ, ତା' ହେଲେ ଅପରାହ୍ଣରେ ସରକାରୀ ଡାକ୍ତରଖାନାରେ ଆଉ ଓପିଡି ଖୋଲିବ ନାହିଁ ବୋଲି ଓଡିଶା ମେଡିକାଲ ସେବା ସଂଘ (ଓମ୍ସା) ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଡାକ୍ତରଙ୍କ ଉପରେ ଚାପ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ଏସ୍ମା ଲାଗୁ କରିଛନ୍ତି । ହେଲେ ଡାକ୍ତରମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ । ଏପରିକି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କଡା ବାର୍ତ୍ତା ଦେଇଥିଲେ ।

### ୩ କୋର୍ଟକୁ ବୋମା...

ମଧ୍ୟ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା । ଜଗତସିଂହପୁର କୋର୍ଟ ଏବଂ ଜୟପୁର କୋର୍ଟର ମଧ୍ୟ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା । ସତର୍କତା ଭାବେ କୋର୍ଟ କାର୍ଯ୍ୟ ବନ୍ଦ କରାଯାଇ ସେଠାରେ ସୁରକ୍ଷା ବଢ଼ାଯାଇଥିଲା । ତେବେ ହାଇକୋର୍ଟରେ ମୁଖ୍ୟ ବିଚାରପତି କୋର୍ଟ କାର୍ଯ୍ୟ ଜାରି ରଖିଥିଲେ । ହାଇକୋର୍ଟ ପରିସରରେ ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ ଚାଲିଥିଲା । ଏଥିସହିତ ଧିରେ ଧିରେ ସ୍ୱାଭାବିକ ହୋଇଥିଲା କୋର୍ଟ କାର୍ଯ୍ୟ । ହାଇକୋର୍ଟ ପରିସରକୁ ନିଜେ ପୋଲିସ ଡିଜି ଯାଇ ସ୍ଥିତି ପରଖିଥିଲେ ।

ଦେଶର ଆହୁରି ୬ଟି ରାଜ୍ୟର ହାଇକୋର୍ଟ ଓ ଜିଲ୍ଲା କୋର୍ଟଗୁଡ଼ିକୁ ମଧ୍ୟ ସମାନଧରଣର ଧମକପୂର୍ଣ୍ଣ ଚିଠି ଆସିଥିଲା । ତେବେ ସମୟ ଗଡ଼ିବା ସହିତ ଜଣା ପଡ଼ିଥିଲା ଏସବୁ କିଛି ଗୁଜବ ଥିଲା । ତଥାପି ବି ଘଟଣାକୁ ଗମ୍ଭୀରତାର ସହିତ ନେଇଛନ୍ତି ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାର ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ସବିଶେଷ ତଥ୍ୟ ସଂଗ୍ରହ କରି ଏଭଳି ଘଟଣାର ମୂଳ ଉଦ୍ଦେଶ୍ୟକୁ ଜାଣିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଘଟଣାର ତଦନ୍ତ ଆରମ୍ଭ ହୋଇଛି, ଉଭୟ କ୍ରାଇମବ୍ରାଞ୍ଚ ଏବଂ ସାଇବର ସେଲ ମାମଲାର ତଦନ୍ତ ଆରମ୍ଭ କରିଛି ବୋଲି ପୋଲିସ କମିଶନର କହିଛନ୍ତି । ଧମକପୂର୍ଣ୍ଣ ଇ-ମେଲର ସୋର୍ସ କ'ଣ ତାହା ଜାଣିବା ଲାଗି ପୋଲିସ ସବୁ ପ୍ରକାରର ଚେଷ୍ଟା କରୁଛି ବୋଲି କହିଛନ୍ତି ପୋଲିସ କମିଶନର । ଏଭଳି ହୀନକାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଦାବି ହୋଇଛି ।

### ଉତ୍କଳିକାରୁ କିଣା...

ଝିଅମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ବିବାହ ସମୟରେ ଆବଶ୍ୟକୀୟ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ସହ ଉପହାର ଦିଆଯିବ । ସରକାର ମୋଟ ୫୧ ହଜାର ଟଙ୍କା ସହାୟତା ରାଶି ଦେବେ । ବାହାଘର ପଞ୍ଜିକରଣ ହେବାର ୭ ଦିନ ପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ୩୫ ହଜାର ଟଙ୍କା ଯିବ । ସରକାର ଉପହାର ପାଇଁ ୧୦ ହଜାର ଓ ସାଜସଜା ପାଇଁ ୬ ହଜାର ଟଙ୍କା ଦେବେ । ଏଥିପାଇଁ ଝିଅର ବୟସ ସର୍ବନିମ୍ନ ୧୮ ବର୍ଷ ହୋଇଥିବା ଆବଶ୍ୟକ । ପ୍ରଥମ ଥର ବିବାହ କରୁଥିବା ଯୁବତୀଙ୍କୁ ଏହି ସୁବିଧା ମିଳିବ । ବର କନ୍ୟା ଉଭୟ ଓଡ଼ିଶାର ହୋଇଥିବା ଦରକାର । ଗରିବମାନେ ଏଥିରେ ଲାଭ ପାଇବେ । ବିଧବା ମଧ୍ୟ ଆଉ ଥରେ ବାହାହେଲେ ଏହାର ଲାଭ ପାଇପାରିବେ । ପୂର୍ବରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ଗାଇଡଲାଇନ ଆସିଥିବା ବେଳେ ଆଜି ଉତ୍କଳିକା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

### ଡରିବା ଲୋକଙ୍କୁ...

କୁକୁର ମଧ୍ୟରେ ପାର୍ଥକ୍ୟ ବୁଝିବା ଆବଶ୍ୟକ । ଯଦିଓ ଏକ ବୁଲା କୁକୁରକୁ ପାଳିତ କରାଯାଇପାରିବ, ଏହା କୁକୁର ପ୍ରେମୀମାନଙ୍କ ପାଇଁ ଏକ ସମସ୍ୟା ।

ସେ କହିଛନ୍ତି ଯେ ମୌଳିକ ସମସ୍ୟା ହେଉଛି କୁକୁରମାନେ ସେମାନଙ୍କ ଅଞ୍ଚଳ ପ୍ରତି ବହୁତ ସମ୍ବେଦନଶୀଳ, ଏବଂ ପ୍ରତି ୨୦୦-୩୦୦ ମିଟରରେ ସେମାନଙ୍କର ଅଞ୍ଚଳ ପରିବର୍ତ୍ତନ ହୁଏ । ଓକିଲ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏକ ଅଂଚଳ ୫୦୦ ମିଟର ଦୂରରେ ଅବସ୍ଥିତ, ତେବେ ପ୍ରବେଶ ପାଇବା ପାଇଁ ଏକ କୁକୁରକୁ ଅନ୍ୟ କୁକୁର ସହିତ ଲଢ଼ିବାକୁ ପଡିବ, କାରଣ ପ୍ରତି କିଛି ମିଟରରେ ସେମାନଙ୍କର ଅଞ୍ଚଳ ପରିବର୍ତ୍ତନ ହୁଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସେଠାରେ ରହୁଥିବା ବାସିନ୍ଦାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ।

### ବାୟୁ ପ୍ରଦୂଷଣ...

ସ୍ଥଳେ ନିର୍ମାଣକାରୀ ସଂସ୍ଥାମାନେ ଜରି, ଅଖା ଆଦି ପୋଡ଼ିବା, ମାର୍ବଲ ଟାଇଲ୍ କାଟିବା, ଫ୍ଲାଏ ଆଶ୍‌ରେ ନିର୍ମିତ ଘର ବିଦ୍ୟୁତ ଓ ପାଣି ସଂଯୋଗ ପାଇଁ କାନ୍ଥ କାଟି ବ୍ୟାପକ ପ୍ରଦୂଷଣ କରୁଥିଲେ ମଧ୍ୟ ସେମାନଙ୍କୁ ଦଣ୍ଡିତ କରାଯାଉ ନାହିଁ । ପରିବେଶବିତ୍‌ମାନେ କହୁଛନ୍ତି ଯେ ଭୁବନେଶ୍ୱରରେ ଭୂତଳ ଜଳସ୍ତର ଉଦ୍‌ବେଗଜନକ ହାରରେ ହ୍ରାସ ପାଉଥିବାବେଳେ ମହାନଦୀ ଜଳ ସଂକଟ ଓ ଅନ୍ୟ ସୂତ୍ରର ଜଳ ପ୍ରଦୂଷଣ ଯୋଗୁ ଆଉ କିଛିବର୍ଷ ମଧ୍ୟରେ ରାଜଧାନୀ ଓ ତାହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଉତ୍କଟ ଜଳ ସଂକଟ ପରିସ୍ଥିତି ଉପୁଜିବାକୁ ଯାଉଛି । ଏ ପରିପ୍ରେକ୍ଷୀରେ ଏବେଠାରୁ ନିର୍ମାଣ କାର୍ଯ୍ୟ ଉପରେ କଟକଣା ନଲଗାଇଲେ ଭବିଷ୍ୟତରେ ସମସ୍ୟା ଅଧିକ ଉତ୍କଟତର ହେବ । ଏଥିଲାଗି ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ।

# ବିଦେଶ ଫେରନ୍ତାଙ୍କୁ ଲୁଟି କ୍ୟାବ୍ ଡ୍ରାଇଭର୍ ଗିରଫ

**ଭୁବନେଶ୍ୱର,୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୁଟ୍ କରି କ୍ୟାବ୍ ଡ୍ରାଇଭର୍ ଗିରଫ । ଥାଇଲ୍ୟାଣ୍ଡ ଫେରନ୍ତାଙ୍କ ଠାରୁ ଲୁଟ୍ କରି ବନ୍ଧା ହେଲେ କ୍ୟାବ୍ ଡ୍ରାଇଭର୍ । ଚନ୍ଦ୍ରଶେଖର ଥାନା ପୁଲିସ ଡ୍ରାଇଭର୍‌ଙ୍କୁ ଗିରଫ କରିଛି । ଏହା ସହ ତାଙ୍କ ଠାରୁ ଲୁଟ୍ ହୋଇଥିବା ୨୦ ଲକ୍ଷ ଟଙ୍କାର ହୀରା, ସୁନା ଓ ବିଦେଶୀ ମୁଦ୍ରା ଜବତ ହୋଇଛି ।

ସୂଚନାନୁଯାୟୀ, ବୁଧବାର ରାତିରେ ଜଣେ ଥାଇଲ୍ୟାଣ୍ଡ ଫେରନ୍ତା କଟକ ସିଡିଏକୁ କ୍ୟାବ୍ ବୁକ୍ କରି ଯିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ । କ୍ୟାବ୍ ଡ୍ରାଇଭର ନାଗା ପରମାଣିକ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଗାଡି ଖରାପ ହୋଇଥିବା କହି ବିଦେଶ ଫେରନ୍ତାଙ୍କୁ କ୍ୟାବରୁ ଓହ୍ଲାଇ ଦେଇଥିଲେ । ଏହାର ସୁଯୋଗ ଦେଖି କ୍ୟାବ୍ ଡ୍ରାଇଭର୍ ସବୁ ଅଳଙ୍କାର ଧରି ଚମ୍ପଟ୍ ମାରିଥିଲେ । ଏନେଇ ସୂଚନା ପାଇବା ପରେ ଚନ୍ଦ୍ରଶେଖର ଥାନା ପୁଲିସ ୮ ଘଣ୍ଟା ଭିତରେ କ୍ୟାବ୍ ଡ୍ରାଇଭରଙ୍କୁ ଗିରଫ କରିଛି । ତାଙ୍କ ଠାରୁ ଲୁଟ୍ ହୋଇଥିବା ୨୦ ଲକ୍ଷ ଟଙ୍କାର ହୀରା, ସୁନା ଓ ବିଦେଶୀ ମୁଦ୍ରା ଜବତ ହୋଇଛି । କ୍ୟାବ୍ ଡ୍ରାଇଭରଙ୍କ ନାମରେ ପୂର୍ବରୁ ୪ଟି ମାମଲା ରହିଛି ।

# ପିୟୁସି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଯୁବ-ଛାତ୍ର ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର,୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଯାନବାହାନର ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜ୍ୟ ସରକାରଙ୍କ ଅନ୍ଧ ନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି । ଏହି ଅନ୍ଧ ନୀତିର ତୁରନ୍ତ ପ୍ରତ୍ୟାହାର ଦାବିରେ ଆଜି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆରଟିଓ-୧ ଅଫିସ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ କରିଛି । ରାଜ୍ୟ ସରକାରଙ୍କ ଏହି ବିବାଦୀୟ ନିଷ୍ପତ୍ତିକୁ ବିଶେଷକରି ପଲ୍ୟୁସନ ସାର୍ଟିଫିକେଟ ନାହି ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନହେବା ପର୍ଯ୍ୟନ୍ତ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁକୁ ତୁରନ୍ତ ପ୍ରତ୍ୟାହାର ନକଲେ, ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ଘୋଷଣା କରିଛନ୍ତି ।

ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସରକାରଙ୍କ ଏହି ଅନ୍ଧ ନୀତିର ତୀବ୍ର ସମାଲୋଚନା କରାଯିବା ସହିତ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଥିଲା । ଯୁବ ସଭାପତି ଚିନ୍ମୟ ସାହୁ କହିଥିଲେ, ରାଜ୍ୟ ବିଜେପି ସରକାର ଲୋକଙ୍କୁ ଧାଡିରେ ଛିଡା କରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି । ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲ କରିବା ପାଇଁ ମହିଳାମାନଙ୍କୁ ଧାଡିରେ ଛିଡା କଲେ । ଲୋକେ ରାସନ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି । ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଆଜି ରାଜରାସ୍ତାରେ ଛିଡା ହୋଇଛନ୍ତି । ଏବେ ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡା ହେବାକୁ ପଡୁଛି । ସରକାରଙ୍କ ତୋଗଲକି ନିଷ୍ପତ୍ତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ।



ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି । ପଲ୍ୟୁସନ ସାର୍ଟିଫିକେଟ ନାମରେ ନୂଆ ଶୋଷଣ ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ପଲ୍ୟୁସନ ସାର୍ଟିଫିକେଟ ନଥିଲେ ତେଲ ମିଳିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ । ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । ଏହାଛଡା ଫାଇନ ପୈଠ ନହେଲେ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ । ୧୮ ମାସର ଶାସନରେ ବିଜେପି ସରକାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦେବାଳିଆ ଆଡକୁ ନେଇଥିବା ବେଳେ ବର୍ତ୍ତମାନ ଲୋକଙ୍କୁ ଶୋଷଣ କରିବାକୁ ବସିଛନ୍ତି । ରାଜ୍ୟ ସରକାର ତାଙ୍କ ଏହି ଅନ୍ଧ ନୀତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ, ନଚେତ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବ ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ